

୧୪ ବର୍ଷ ପରେ
ଅକ୍ଷୟ-ସାଜିଦ୍ ଯୋଡ଼ି
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-105 ◆THURSDAY ◆08 OCTOBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୦୫ ◆ଗୁରୁବାର ◆୦୮ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ୪ ବର୍ଷ ପରେ ସୁଧହାର ବଢ଼ାଇଲା ଆର୍‌ବିଆଇ

■ ମୁମ୍ବଇ, ୭।୧୦ (ଏଜେନ୍ସି): ଦେଶରେ ମହଙ୍ଗା ମାଡ଼ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ) ବଡ଼ ନିଷ୍ପତ୍ତି ନେଇଛି । ପ୍ରାୟ ୪ ବର୍ଷ ପରେ ପ୍ରଥମ ଥର ପାଇଁ ଆର୍ବିଆଇ ରେପୋ ରେଟ୍ ବା ଏହାର ପ୍ରମୁଖ ସୁଧ ହାରରେ ବୃଦ୍ଧି ଘଟାଇଛି । ଏଥର ଆର୍ବିଆଇ ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ବୃଦ୍ଧି ଘୋଷଣା କରିଛି । ଫଳରେ ଏବେ ରେପୋ ହାର ୫.୫୦ ପ୍ରତିଶତ ହୋଇଛି । ପୂର୍ବରୁ ପ୍ରାୟ ୪ ବର୍ଷ ଧରି ଏହା ୫.୨୫ବେସିସ୍ ପଏଣ୍ଟ ରହିଥିଲା । ଆଜି ଭାରତୀୟ ରିଜର୍ଭ ବ୍ୟାଙ୍କର ତିନିଦିନିଆ ମୁଦ୍ରା ନୀତି କମିଟି ବୈଠକ ପରେ




ଏହି ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ଦେଶର ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆରବିଆଇ ଏମ୍ପିସି ୨୦୨୩ ଫେବୃଆରୀ ପରେ ପ୍ରଥମ ଥର ପାଇଁ ରେପୋ ହାରରେ ଏହି ବୃଦ୍ଧି କରିଛି । ତେବେ ଆରବିଆଇର ଏହି ନିଷ୍ପତ୍ତି କାର, ଗୃହ ଏବଂ ଅନ୍ୟ ଋଣ ନେଉଥିବା ଗ୍ରାହକଙ୍କୁ ବଡ଼ ଝଟ୍କା ଦେବ । କାରଣ ରେପୋ ହାରରେ ବୃଦ୍ଧି ଯୋଗୁ ବଜାରରେ କାର୍, ଗୃହ ଏବଂ ଅନ୍ୟ ଋଣ ମହଙ୍ଗା ହେବ । ଏହା ସହିତ, ଆର୍ବିଆଇ ସ୍ଥାୟୀ ଜମା ▶ପୃଷ୍ଠା-୭

## ସବୁଠୁ ଦୁର୍ବଳ ହେଲା ଟଙ୍କା

■ ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ) ଦ୍ୱାରା ସୁଧ ହାରରେ ବୃଦ୍ଧିର ପ୍ରଭାବ



ଭାରତୀୟ ମୁଦ୍ରା ଟଙ୍କା ଉପରେ ପଡିଛି । ଫଳରେ ବୁଧବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୪୩ ପଇସା ହ୍ରାସ ଘଟି ଏହା ୯୭ ଟଙ୍କା ସ୍ତର ଛୁଇଁଛି । ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଟଙ୍କା ପ୍ରତି ଡଲାର ୯୬.୩୭ ଟଙ୍କା ସ୍ତରରେ ଖୋଲିଥିଲା । ଡଲାରର ଶକ୍ତି , ▶ପୃଷ୍ଠା-୭

# ରସାୟନରେ କାଗାନ ଓ ସୋଆଇଙ୍କୁ ନୋବେଲ

■ ଷ୍ଟକହୋମ୍, ୭।୧୦ (ଏଜେନ୍ସି): ଅସମମିତ ଜୈବ ସଂଶ୍ଳେଷଣରେ ଅଣରୈଖିକ ପ୍ରଭାବ ଓ ସ୍ୱୟଂ-ଅନୁପ୍ରେରଣା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ପାଇଁ ୨୦୨୬ ମସିହାର ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ଘୋଷଣା କରାଯାଇଛି । ହେନ୍ରି ବି. କାଗାନ ଓ କେନ୍‌ସୋ ସୋଆଇଙ୍କୁ ଏହି ସମ୍ମାନ ପାଇଁ ଚୟନ କରାଯାଇଥିବା ନୋବେଲ ପୁରସ୍କାର ପ୍ରଦାନକାରୀ ସଂସ୍ଥା ବୁଧବାର ଘୋଷଣା କରିଛି । ନୋବେଲ କମିଟି ଅନୁଯାୟୀ, ଚଳିତ ବର୍ଷର ରସାୟନ ନୋବେଲ ମୌଳିକ ରସାୟନ ବିଜ୍ଞାନ ସହ ଜଡ଼ିତ । ଅନେକ ଅଣୁ ଦୁଇଟି ଭିନ୍ନ ରୂପରେ ରହିପାରନ୍ତି । ଏହି ଦୁଇ ରୂପ ପରସ୍ପରର ଦର୍ପଣ ପ୍ରତିବିମ୍ବ ଭଳି ଦେଖାଯାଏ, କିନ୍ତୁ ସମାନ ନୁହନ୍ତି । ଏପରି ଅଣୁକୁ 'କାଇରାଲ୍' ଅଣୁ କୁହାଯାଏ । ରସାୟନ



ବିଜ୍ଞାନ ନୋବେଲ ସାଧାରଣତଃ ନୋବେଲ ସପ୍ତାହରେ ଘୋଷିତ ହେଉଥିବା ତୃତୀୟ ପୁରସ୍କାର । ଚଳିତବର୍ଷ ସୋମବାର ଚିକିତ୍ସା ବିଜ୍ଞାନ ଏବଂ ମଙ୍ଗଳବାର ପଦାର୍ଥ ବିଜ୍ଞାନ ନୋବେଲ ଘୋଷଣା ପରେ ବୁଧବାର ରସାୟନ ବିଜ୍ଞାନ ପୁରସ୍କାର ଘୋଷିତ ହୋଇଛି । ସ୍ୱିଡେନର ଆବିଷ୍କାରକ ଓ ଶିଳ୍ପପତି ଆଲଫ୍ରେଡ ନୋବେଲଙ୍କ ଇଚ୍ଛାପତ୍ର ଅନୁସାରେ ୧୯୦୧ ମସିହାରୁ ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି । ଯୁଦ୍ଧକାଳୀନ ପରିସ୍ଥିତି ସମେତ କିଛି ବିରତିକୁ ଛାଡ଼ି ଏହି ପରମ୍ପରା ଜାରି ରହିଛି । ଗତବର୍ଷ ରସାୟନ ବିଜ୍ଞାନ ନୋବେଲ ସୁସୁମୁ କିଟାଗାୱା, ରିଚାର୍ଡ ରବସନ ଓ ଓମାର ୟାଘିଙ୍କୁ ପ୍ରଦାନ ▶ପୃଷ୍ଠା-୭

# ବିସ୍ଫୋରକ ହେଉଛି ଜ୍ଞାନେଶ ବିରୋଧୀ ଆନ୍ଦୋଳନ

## ଯନ୍ତରମନ୍ତର ଯାଉଥିବା ସାଂସଦଙ୍କୁ ଅଟକାଇଲା ପୁଲିସ

■ ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି): 'ଭୋଟଚୋରି' ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଆନ୍ଦୋଳନ ବ୍ୟାପକ ହେବାକୁ ଲାଗିଛି ।

**ଜନପଥରେ ମୁହାଁମୁହିଁ, ରାହୁଲ, ପ୍ରିୟଙ୍କାଙ୍କୁ ଘୋଷାଡ଼ି ନେଲେ**

**ରାହୁଲଙ୍କ ବିରୋଧରେ ୪୫ଟି ଏଫଆଇଆର୍**

**ଆଜି ବି ଜାରି ରହିବ ପ୍ରତିବାଦ ଆନ୍ଦୋଳନ**

**ସମର୍ଥନ ଜଣାଇଲା ଡିଏମ୍‌କେ**



ଗତକାଲି ନିର୍ବାଚନ ସଦନ ଆଡ଼କୁ ଇଣ୍ଡିଆ ମେଣ୍ଟର ପଦଯାତ୍ରା ଆ।।ନ୍ଦୋଳନ ଜାତୀୟ ରାଜନୀତିରେ ହଲଚଲ ସୃଷ୍ଟି କରିଥିବା ବେଳେ ଆଜି ମେଣ୍ଟର ସାଂସଦମାନେ ଯନ୍ତରମନ୍ତରରେ ଧାରଣା ଦେବାକୁ ଉଦ୍ୟମ କରିଛନ୍ତି । କିନ୍ତୁ ଏହି ପ୍ରତିବାଦ ଆନ୍ଦୋଳନକୁ ଭଣ୍ଡୁର କରିବା ଲାଗି ପୁଲିସ ସେମାନଙ୍କୁ ବାଟରେ ଅଟକାଇବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ପୁଲିସର ଏଭଳି ଆଚରଣରେ କ୍ଷୁବ୍ଧ ସାଂସଦମାନେ ରାସ୍ତା ଉପରେ ଧାରଣାରେ ବସିଯାଇଥିଲେ । କିନ୍ତୁ ପୁଲିସ ସେମାନଙ୍କୁ ବଳ ପ୍ରୟୋଗ କରି ହଟାଇଦେଇଛି । ଏଥିରେ ବିରୋଧୀ ଦଳମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଜ୍ଞାନେଶ କୁମାର ନହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଶୁଣାଇଛନ୍ତି ।

ଗତକାଲି ନିର୍ବାଚନ ସଦନ ଆଡ଼କୁ ପଦଯାତ୍ରାକୁ ପୁଲିସ ଅଟକାଇବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ନେତାମାନେ ଆକାଶବାଣୀ ଭବନ ଯାଇ ସେଠାରେ ଧାରଣା ଦେଇଥିଲେ । ତେବେ ୯ ଘଣ୍ଟା ପରେ ପୁଲିସ ସେମାନଙ୍କୁ ସେଠାରୁ ହଟାଇଦେଇଥିଲା । କିନ୍ତୁ ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଅଟଳ ଥିବା ଇଣ୍ଡିଆ ମେଣ୍ଟ ନେତାମାନେ ଆଜି ଏକତ୍ରିତ ହୋଇ ପରବର୍ତ୍ତୀ ରଣନୀତି ଉପରେ ବିଚାର ଆଲୋଚନା କରିଥିଲେ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମେଣ୍ଟର ନେତାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲେ । ଏହି ଅବସରରେ ନିଷ୍ପତ୍ତି ହୋଇଥିଲା ଯେ ମେଣ୍ଟର ସାଂସଦମାନେ ସନ୍ଧ୍ୟା ବେଳେ ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ । ଖଡ଼ଗେ କହିଥିଲେ ଯେ ଜ୍ଞାନେଶ କୁମାର ଇସ୍ତଫା ନଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ପ୍ରଧାନମନ୍ତ୍ରୀଙ୍କ ଇଙ୍ଗିତ ।।ରେ ଜ୍ଞାନେଶ କୁମାର ଗୋଟିଏ ପରେ ଗୋଟିଏ ଭୁଲ କରି ଚାଲିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ । ଏହି ଅବସରରେ ରାହୁଲ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ମିଶି ଜ୍ଞାନେଶ କୁମାର ଗଣତନ୍ତ୍ରକୁ ହତ୍ୟା କରିଛନ୍ତି । ସେମାନେ ଦେଶଦ୍ରୋହୀ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ଏହି ଦାବି ହାସଲ ଲାଗି ମେଣ୍ଟର ସମସ୍ତ ସାଂସଦ ଯନ୍ତରମନ୍ତର ଯିବେ ବୋଲି ସେ ▶ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଭାବେ ସାର୍ବଜନୀନ ଜୀବନର ୨୫ ବର୍ଷ ପୂରଣ

# ଭାରତ ବିକଶିତ ନ ହେବା ପର୍ଯ୍ୟନ୍ତ ଥକିବିନି: ମୋଦୀ

■ ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ସାର୍ବଜନୀନ ଜୀବନର ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ନିଜ ଯାତ୍ରା ଓ ଭବିଷ୍ୟତର ଲକ୍ଷ୍ୟ ନେଇ ଉଦ୍‌ବୋଧନ ଦେଇଛନ୍ତି । ଭାରତ ବିକଶିତ ରାଷ୍ଟ୍ର ନହେବା ପର୍ଯ୍ୟନ୍ତ ସେ ଥକିବେ ନାହିଁ କିମ୍ବା ଅଟକିବେ ନାହିଁ ବୋଲି କହିଛନ୍ତି । ପ୍ରାୟ ୫୦ ମିନିଟ୍‌ର ଭାଷଣରେ ମୋଦୀ 'ଆମେ କରିବୁ, ଆମେ କରି ଦେଖାଇବୁ' ବାର୍ତ୍ତାକୁ ୧୯ ଥର ଉଚ୍ଚାରଣ କରିଥିଲେ । ସେ କହିଥିଲେ, 'ମୁଁ ଆକାଂକ୍ଷା ପାଇଁ ନୁହେଁ, ଏକ ଲକ୍ଷ୍ୟ ନେଇ ବଞ୍ଚିଛି ।' ଗତ ୨୫ ବର୍ଷକୁ ମନେ ପକାଇ ସେ ସଫଳତା ଅପେକ୍ଷା କୃତଜ୍ଞତା ଅଧିକ ଅନୁଭବ କରୁଥିବା କହିଥିଲେ । ଜୀବନର ପ୍ରତ୍ୟେକ ଘଟଣା ତାଙ୍କୁ କିଛି ନା କିଛି ଶିଖାଇଛି ଏବଂ ବିନମ୍ର ରହିବାକୁ ପ୍ରେରଣା ଦେଇଛି ବୋଲି ସେ କହିଥିଲେ । ଭାରତକୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ କରିବା ଉପରେ ମୋଦୀ ଗୁରୁତ୍ୱ ଦେଇଥିଲେ । ପ୍ରଯୁକ୍ତି, କ୍ରୀଡ଼ା ଓ ଶିଳ୍ପ କ୍ଷେତ୍ରରେ ଭାରତୀୟ ପତାକା ଉଚ୍ଚରେ ଉଡ଼ିବା ଆବଶ୍ୟକ ବୋଲି ସେ କହିଥିଲେ । ଦେଶରେ ନିର୍ମିତ ବିମାନ ଦିନେ ବିଶ୍ୱସ୍ତରରେ ଚର୍ଚ୍ଚାର ବିଷୟ ହେବ ବୋଲି ମଧ୍ୟ ସେ ଆଶା ପ୍ରକାଶ କରିଥିଲେ । 'ଏହା ବିଶ୍ରାମ ନେବାର ସମୟ ନୁହେଁ, ଦୂରଦୃଷ୍ଟି ସହ ଆଗକୁ ବଢ଼ିବାର ସମୟ ।




ଦେଶ ପାଇଁ ନିଜକୁ ସମର୍ପିତ କରିବାର ସମୟ' ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଦେଶର ଯୁବପିଢ଼ିଙ୍କ ପାଇଁ ଇତିହାସ ଏକ ବଡ଼ ସୁଯୋଗ ଦେଇଛି ଏବଂ ଏହାକୁ ହାତଛଡ଼ା ନକରିବାକୁ ସେ ଆହ୍ୱାନ ଦେଇଥିଲେ । ପୁରାତନ ଭାରତର ଗୌରବକୁ ପୁନରୁଦ୍ଧାର କରିବାର ସଂକଳ୍ପ ପ୍ରତ୍ୟେକ ଭାରତୀୟଙ୍କ ମନରେ ରହିବା ଆବଶ୍ୟକ ବୋଲି ମୋଦୀ କହିଥିଲେ । ଦେଶ ଅତୀତରେ ଦୁର୍ଭିକ୍ଷ, ବିପର୍ଯ୍ୟୟ ଓ ଦାସତ୍ୱ ଭଳି ଅନେକ ସଙ୍କଟ ଦେଇ ଗତି କରିଥିଲେ ମଧ୍ୟ ଭାରତୀୟଙ୍କ ସାହସ କେବେ ଭାଙ୍ଗିନଥିଲା ବୋଲି ସେ କହିଥିଲେ ।

## ଆରମ୍ଭ ହେଲା ୩ ଦିନିଆ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ

# ଯୋଡ଼ିହେବେ ବାଦ୍ ଓ ନୂଆ ଭୋଟର

■ ଭୁବନେଶ୍ୱର, ୭।୧୦ (ସମିସ): ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରିବାକୁ ଯୋଗ୍ୟ ଥିବା ନାଗରିକମାନଙ୍କୁ ଆବେଦନ ଓ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ବୁଧବାରଠାରୁ ରାଜ୍ୟବ୍ୟାପୀ ଏକ ୩ ଦିନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି ।

ଏସଆଇଆର ପ୍ରକ୍ରିୟାରେ ବିଭିନ୍ନ କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା




ଯୋଗ୍ୟ ନାଗରିକମାନଙ୍କୁ ଆବଶ୍ୟକ ପ୍ରକ୍ରିୟା ମାଧ୍ୟମରେ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ଅଟେ । ଏଥିସହିତ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକ-ଯୁବତୀମାନଙ୍କୁ ମଧ୍ୟ ଭୋଟର ତାଲିକାରେ ସାମିଲ କରିବା ଉପରେ ଏହି ଅଭିଯାନରେ ବିଶେଷ ଗୁରୁତ୍ୱ ▶ପୃଷ୍ଠା-୭

# କାନ୍ଥ ପଡ଼ି ଶିଶୁପୁତ୍ର ମୃତ; ମା' ଗୁରୁତର

■ ବାରିପଦା/ରାଇରଙ୍ଗପୁର, ୭।୧୦ (ସମିସ): କାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ଦୁଇ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ରାଇରଙ୍ଗପୁର ଥାନା ଅନ୍ତର୍ଗତ ହାଟବଦଲା ନିକଟ ଚିଲିଙ୍ଗୁଡିପୋଖରୀ ଗ୍ରାମର ମଦନ ଟୁଡୁଙ୍କ ପରିବାର ଉପରେ ଏହି ଦୁର୍ଘଟଣା ଘଟିଛି । ଘରର କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିବାରୁ ମଦନଙ୍କ ଦୁଇ ବର୍ଷର ପୁଅ ଅନୁଜ ଟୁଡୁ ଓ ତାଙ୍କ ମା' ବାସନ୍ତୀ ଟୁଡୁ(୫୧) ଗୁରୁତର ଭାବେ ଆହତ ▶ପୃଷ୍ଠା-୭



# ଆଜି ଇଣ୍ଡିଆ ମେଣ୍ଟର 'ଓଡ଼ିଶା ବନ୍ଦ'

■ ଭୁବନେଶ୍ୱର, ୭।୧୦ (ସମିସ): ସିଇସିଙ୍କ ଇସ୍ତଫା, ଖଣି ଆଇନ ରଦ୍ଦ, ରାଜ୍ୟ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆସନ୍ତାକାଲି ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ କରିବ ଇଣ୍ଡିଆ ମେଣ୍ଟ । ବନ୍ଦକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ, ଗଣତାନ୍ତ୍ରିକ ଓ ଶୃଙ୍ଖଳିତ ଭାବେ ସଫଳ କରିବାକୁ ଇଣ୍ଡିଆ ମେଣ୍ଟ ଲୋକଙ୍କୁ ଆହ୍ୱାନ ଦେଇଥିବା ବେଳେ ବନ୍ଦ ବେଳେ ଦୋକାନ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଘରୋଇ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସାଧାରଣ ବ୍ୟବସାୟିକ କାର୍ଯ୍ୟକଳାପ ବନ୍ଦ ରଖିବା ପାଇଁ ଅନୁରୋଧ କରାଯାଇଛି । ସେହିପରି ସରକାରୀ ଓ ବେସରକାରୀ ଅଫିସ୍, ଶିକ୍ଷାନୁଷ୍ଠାନ, ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନର ସାଧାରଣ କାର୍ଯ୍ୟକଳାପ ବନ୍ଦ ପାଇଁ ଗଣତାନ୍ତ୍ରିକ ଭାବେ ପ୍ରଚାର ଓ ପିକେଟିଂ କରାଯିବ । ବସ୍, ଅଟୋ, ଟ୍ରକ୍ ଓ ଅନ୍ୟାନ୍ୟ ସାଧାରଣ/ବାଣିଜ୍ୟିକ ଯାତାୟାତ

**ସମର୍ଥନ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ**

**ଜରୁରୀ ସେବାରେ ଦିଆଯିବ ନାହିଁ ବାଧା**

**ଜିଲ୍ଲାପାଳଙ୍କୁ ସତର୍କ କଲା ଗୃହ ବିଭାଗ**

ବନ୍ଦ ରଖିବା ପାଇଁ ମଧ୍ୟ ଦଳ ଅନୁରୋଧ କରିଛି । ବନ୍ଦ ସମୟରେ ରାସ୍ତାରେ ଶାନ୍ତିପୂର୍ଣ୍ଣ ପିକେଟିଂ, ଧାରଣା ଓ ପ୍ରତିବାଦ କରାଯିବ । ତେବେ ବନ୍ଦ ସମୟରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବାକୁ ବାଦ ଦିଆଯାଇଛି । ସ୍ୱାସ୍ଥ୍ୟାନୁଷ୍ଠାନ, ରକ୍ତ ଭଣ୍ଡାର, ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଅନୁମତି ଦିଆଯିବ । ଛାତ୍ର-ଛାତ୍ରୀ ମାନଙ୍କର ସମସ୍ତ ପ୍ରକାରର ପରୀକ୍ଷା ପାଇଁ କୌଣସି ବାଧା ରହିବ ନାହିଁ । ୧୦୮, ୧୦୨ ଓ ସମସ୍ତ ପ୍ରକାରର ଆମ୍ବୁଲାନ୍ସକୁ କୌଣସି ପରିସ୍ଥିତିରେ ଅଟକାଯିବ ନାହିଁ । ରୋଗୀଙ୍କୁ ହସ୍ପିଟାଲ୍ ନେଉଥିବା ଯେକୌଣସି ଗାଡ଼ିକୁ ତୁରନ୍ତ ରାସ୍ତା ଦିଆଯିବ । ଅଗ୍ନିଶମ ବାହିନୀ, ଉଦ୍ଧାରକାରୀ ଦଳ ଓ ଜରୁରୀ ସେବାର ଯାନବାହନକୁ ସମ୍ପୂର୍ଣ୍ଣ ମୁକ୍ତ ରାସ୍ତା ଦିଆଯିବ । ଔଷଧ ଦୋକାନ, ଜନ ଔଷଧି କେନ୍ଦ୍ର ଓ ଜରୁରୀ ଚିକିତ୍ସା ସାମଗ୍ରୀର ଯୋଗାଣକୁ ବନ୍ଦରେ ସାମିଲ କରାଯିବ ନାହିଁ । ଦୁଗ୍ଧ ବିତରଣ କେନ୍ଦ୍ର, ଦୁଗ୍ଧ ଗାଡ଼ି ଓ ଆବଶ୍ୟକ ଦୁଗ୍ଧ ଯୋଗାଣ ବନ୍ଦରୁ ବାହାରେ ରହିବ । ସେହିପରି ଅନ୍ୟାନ୍ୟ ଜରୁରୀ ସେବା ଯଥା ବିଦ୍ୟୁତ୍/ଜଳ ସେବା ପୁନରୁଦ୍ଧାର କାର୍ଯ୍ୟ, ଗଣମାଧ୍ୟମ ▶ପୃଷ୍ଠା-୭

## ଓଲଟ ପାଲଟ



ଜୟ ଶ୍ରୀରାମ ଜୟ ଶ୍ରୀରାମ
ଭାରତେ ପଡିଲା ହୁରି,
ଗେରୁଆ ଦଳଟି ନାଆଁ ନେଇଗଲା
ଶ୍ରୀରାମ ମନ୍ଦିର କରି ।
ଶ୍ରଦ୍ଧାଳୁଙ୍କ ମନୋସ୍କାମନା ପୂରଣ
ଦେଉଛନ୍ତି ଦାନ ଭରି,
ସବୁ ମନ୍ଦିରରେ ଦାନ ବ୍ୟାକ୍ସ ଚୋରି
ନାହିଁକେ ହାରି ଗୁହାରି ।।

\- ଯାଯାବର

## ଯାଜପୁର ସର୍କିଟ୍ ହାଉସ୍‌ରେ ତୁମୂଳକାଣ୍ଡ

# ସାଂସଦଙ୍କ ଆଗରେ ସିଡିଓଙ୍କୁ ମରଣାନ୍ତକ ଆକ୍ରମଣ

■ ଯାଜପୁର, ୭।୧୦ (ସମିସ): ରାଉରକେଲା ସର୍କିଟ ହାଉସ ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ ଯାଜପୁର ସର୍କିଟ ହାଉସରେ ତୁମୂଳକାଣ୍ଡକୁ ନେଇ ଜୋରଦାର ଚର୍ଚ୍ଚା । ଯାଜପୁର ସାଂସଦଙ୍କ ଉପସ୍ଥିତିରେ ଦୁଇ ଜଣ ସମର୍ଥକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ)ଙ୍କୁ କଲର ଧରି ଘୋଷାଡ଼ି ମାଡ଼ ମାରିବା ସହିତ ଗୁପ୍ତାଙ୍ଗଙ୍କୁ ଆଘାତ ଦେଇ ଆଗକୁ ଗୁଳି କରିବେ ବୋଲି ଧମକ ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଏ ସଂକ୍ରାନ୍ତରେ ସିଡିଓ ଦେବୀ ପ୍ରସାଦ ମହାନ୍ତି ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (କେସ ନଂ ୫୨୫/୨୬) ରୁଜୁ କରିଥିବା ଜଣାପଡିଛି । ଅଭିଯୋଗ ମୁତାବକ ଗତ ୫ ତାରିଖ ସୋମବାର ରାତି ପ୍ରାୟ ୮ଟା

**ବିଧାୟକ ଓ ସାଂସଦଙ୍କ ଲଢ଼େଇରେ ବଳି ପଡୁଛନ୍ତି ଅଫିସର**



ସମୟରେ ଯାଜପୁର ସାଂସଦ ତାଙ୍କର ପ୍ରତିନିଧିମାନଙ୍କ ସହିତ ସର୍କିଟ ହାଉସରେ ଏକ ବୈଠକ କରିଥିଲେ । ଏହି ବୈଠକରେ ଯାଜପୁର ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଯୋଗ ଦେଇ ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ସଂପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ କଳିଙ୍ଗ ମହାନ୍ତି ଏବଂ ପ୍ରତାପ ମହାନ୍ତି ସିଡିଓଙ୍କୁ ଦୁର୍ବ୍ୟବହାର କରିବା ସହିତ ଧକ୍କା ମାରିଥିଲେ । ବିଭିନ୍ନ ପ୍ରକଳ୍ପକୁ ବାତିଲ କରିବା ପାଇଁ ଉଭୟ ସିଡିଓଙ୍କ ଉପରେ ଚାପ ପକାଇ ଅଶ୍ଳୀଳ ଗାଳିଗୁଲଜ କରିଥିଲେ । ପ୍ରତାପ ମହାନ୍ତି ସିଡିଓଙ୍କୁ ଧକ୍କା ମାରି ତଳେ ପକାଇ ଦେବା ପରେ ତାଙ୍କୁ ଗୁପ୍ତାଙ୍ଗଙ୍କୁ ଆଘାତ ଦେଇଥିବା ଅଭିଯୋଗ ହୋଇଛି । ଏହା ଟ୍ରେଲର; ଆଗକୁ ଗୁଳିମାଡ଼ ନ ହେଲେ ହଣା ଖାଇବୁ ବୋଲି ସିଡିଓଙ୍କୁ ଧମକ ଦିଆଯାଇଥିବା ନିଜ ଅଭିଯୋଗ ପତ୍ରରେ ସେ ଜଣାଇଛନ୍ତି । ଏଭଳି ଆକ୍ରମଣର ଶିକାର ହୋଇଥି?ବା ସିଡିଓ ଯାଜପୁର ଟାଉନ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି । ▶ପୃଷ୍ଠା-୭

# ପାରିବାରିକ ଅଶାନ୍ତି ଦୂର କରିବା ଆଳରେ ଦୁଷ୍କର୍ମ; ଗୁଣିଆ ଗିରଫ

■ ବାରିପଦା/ବିଶୋଇ, ୭।୧୦ (ସମିସ): ଅନ୍ଧବିଶ୍ୱାସର କଳା କବଳରେ ପଡ଼ି ଜଣେ ବିବାହିତା ମହିଳା ନିଜର ସର୍ବସ୍ୱ ହରାଇବା ସହ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି । ଝାଡ଼ଫୁଙ୍କ ଓ ଗୁଣିଗାରେଡ଼ି ଜରିଆରେ ପାରିବାରିକ ସମସ୍ୟା ସମାଧାନର ପ୍ରଲୋଭନ ଦେଖାଇ ତିନି ଦିନ ଧରି ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ବିଶୋଇ ଥାନା ପୁଲିସ ଅଭିଯୁକ୍ତ ଗୁଣିଆକୁ ଗିରଫ କରି ତଦନ୍ତ ଜାରି ରଖିଛି ।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳର ଜଣେ

**୩ ଦିନ ଦୁଷ୍କର୍ମ ପରେ ପୀଡ଼ିତା ଡାକ୍ତରଖାନାରେ ଚିକିତ୍ସାଧୀନ**



୩୦ ବର୍ଷୀୟା ଯୁବତୀ ବାପା-ମା'ଙ୍କ ଦେହାନ୍ତ ପରେ ଗୋରୁମହିଷାଣୀରେ ଏକାକୀ ରହୁଥିଲେ । ଗତ ସେପ୍ଟେମ୍ବର ମାସରେ ସେ ବିଶୋଇ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ । ତେବେ ବିବାହର କିଛି ଦିନ ପରେ ପରିବାରରେ ଶାଶୂ ▶ପୃଷ୍ଠା-୭

## ବିଶେଷ ଟିପ୍ପଣୀ



ଆଜିର ଦିଲ୍ଲୀ ୧୯୪୨ର କଥା ମନେପକାଇ ଦେଉଛି । ସେବେ ମଧ୍ୟ କଂଗ୍ରେସ ନେତୃତ୍ୱକୁ ଗିରଫ କରାଯାଇଥିଲା । ମାତ୍ର ସଂଘର୍ଷ ଅଟକି ପାରି ନ ଥିଲା । ଆଜି କଂଗ୍ରେସ ପୁଣିଥରେ ରାସ୍ତାକୁ ଓହ୍ଲାଇଛି । ସରକାର ପୁଲିସ ସାହାଯ୍ୟରେ ବିକ୍ଷୋଭକୁ କିଛି ସମୟ ପାଇଁ ଚାପି ଦେଇ ପାରନ୍ତି, କିନ୍ତୁ ଗଣତନ୍ତ୍ର ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକୁ କେବେବି ଅଟକା ଯାଇପାରିବ ନାହିଁ ।

*-ଅଧିର ରଞ୍ଜନ ଚୌଧୁରୀ (କଂଗ୍ରେସ ବରିଷ୍ଠ ନେତା)*



ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନିମନ୍ତ୍ରଣରେ ଇଣ୍ଡିଆ ମେଣ୍ଟ ସାଂସଦମାନେ ଭୋଜନ କରିବାକୁ ଯାଇଥିବା ଅବସ୍ଥାରେ ଦିଲ୍ଲୀ ପୁଲିସ ରେଷ୍ଟୁରାଣ୍ଟକୁ ଯେପରି ଘେରି ରଖିଲା ତାହା ସରକାରଙ୍କ ଲାଠି-ଶାସନ ଦ୍ୱାରା ଗଣତନ୍ତ୍ରର ଦମନର ପ୍ରତ୍ୟକ୍ଷ ନିଦର୍ଶନ । ଏହି କାର୍ଯ୍ୟ ସରକାରର ପତନର ଆରମ୍ଭ ମାତ୍ର ।

*-କହ୍ନେୟା କୁମାର (ଅଖିଳ ଭାରତ କଂଗ୍ରେସ କମିଟି ପ୍ରଭାରୀ)*

## ଜେନ୍ Z

ଯନ୍ତରମନ୍ତର ପ୍ରତିବାଦ ସ୍ଥଳ ହେବା ସତ୍ତ୍ୱେ ସରକାର ସେଠାରେ ଲୋକମାନଙ୍କୁ ପ୍ରତିବାଦ କରିବାକୁ ଅନୁମତି ଦେଉ ନାହାନ୍ତି । ଏହାଦ୍ୱାରା ସରକାର କେବଳ ସମଗ୍ର ଦିଲ୍ଲୀ ସହରକୁ ଯନ୍ତରମନ୍ତରରେ ପରିଣତ ହେବାକୁ ବାଟ ଫିଟାଉଛନ୍ତି । -ନେହା ବୋରା (ଏଆଇଏସ୍ଏ ସଭାପତି)

## ରୁଷ୍‌ର ଭୟଙ୍କର ଆକ୍ରମଣ; ୟୁକ୍ରେନରେ ୧୯ ମୃତ

କିଭ୍, ୭ ।୧୦(ଏଜେନ୍ସି): ୟୁକ୍ରେନ ଉପରେ ରୁଷ୍‌ର ଭୟଙ୍କର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ଅନ୍ତତଃ ୧୯ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ୪ ଜଣ ଶିଶୁ ଥିବା ୟୁକ୍ରେନ୍ କର୍ତ୍ତୃପକ୍ଷ କହିଛନ୍ତି । କିଭ୍ ସମେତ ଦେଶର ଅନ୍ତତଃ ୧୨ଟି ଅଞ୍ଚଳରେ ରାତିସାରା ଆକ୍ରମଣ ହୋଇଥିବାବେଳେ ପ୍ରାୟ ୬୦ ଜଣ ଆହତ ହୋଇଛନ୍ତି । ୟୁକ୍ରେନ ରାଷ୍ଟ୍ରପତି ଭଲୋଦିମିର ଜେଲେନସ୍କି ଗୋଟିଏ ଦିନ ପୂର୍ବରୁ ରୁଷ୍ ଏକ 'ବୃହତ୍' ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବା ନେଇ ଚେତାବନୀ ଦେଇଥିଲେ । ତଥାପି ଆକ୍ରମଣକୁ ସମ୍ପୂର୍ଣ୍ଣ ରୋକିବା ୟୁକ୍ରେନ୍ ପାଇଁ ସମ୍ଭବ ହୋଇନଥିଲା । ଉତ୍ତର ଚେର୍ନିହିଭ୍ ଅଞ୍ଚଳର ପ୍ରିଲୁକିରେ ଏକ ଆବାସିକ କୋଠା ଧ୍ୱଂସ ହୋଇ ୧୩ ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ୪ ଶିଶୁ ଥିବା ୟୁକ୍ରେନ୍ ଗୃହମନ୍ତ୍ରୀ କହିଛନ୍ତି । କ୍ରେମେନଚୁକ୍‌ରେ ମଧ୍ୟ ୨ ଜଣ ମୃତ ଓ ୭ ଜଣ ଆହତ ହୋଇଛନ୍ତି । ଜେଲେନସ୍କି କହିଛନ୍ତି, ରୁଷ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବେ ୟୁକ୍ରେନ ପାଇଁ ସବୁଠାରୁ ବଡ଼ ଆହ୍ୱାନ ।

## ମିଥୁନ ପଶ୍ଚିମବଙ୍ଗ ସରକାରଙ୍କ ଉପଦେଷ୍ଟା ଭାବେ ନିଯୁକ୍ତ

କୋଲକାତା, ୭।୧୦(ଏଜେନ୍ସି): ବରିଷ୍ଠ ଅଭିନେତା ତଥା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ଉପଦେଷ୍ଟା ଭାବେ ନିଯୁକ୍ତ କରାଯାଇଛି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାରରେ ସେ ସୂଚନା ଓ ସଂସ୍କୃତି ବିଭାଗରେ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ହାସଲ କରିବେ । କିମ୍ବଦନ୍ତୀ ନାୟକ ଉତ୍ତମ କୁମାରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଅଧିକାରୀ ଏହି ଘୋଷଣା କରିଛନ୍ତି ।



ରାଜ୍ୟର ସାଂସ୍କୃତିକ ଓ ଚଳଚ୍ଚିତ୍ର କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ୨୦୨୬ ବିଧାନସଭା ନିର୍ବାଚନରେ ବିଜେପିର ପ୍ରମୁଖ ପ୍ରଚାରକ ଭାବେ ମିଥୁନ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ରାଜ୍ୟରେ ବିଜେପି ସରକାର ନିଜର ପ୍ରଥମ ୧୫୦ ଦିନ ପୂରଣ କରୁଥିବା ବେଳେ ଏହି ନିଯୁକ୍ତି ପ୍ରଶାସନିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ସରକାରୀ ଯୋଜନା ଅନୁଯାୟୀ, କୋଲକାତାର ନ୍ୟୁଟାଉନଠାରେ 'ଉତ୍ତମ କୁମାର ଫିଲ୍ମ ସେଣ୍ଟର'ର ଶିଳାନ୍ୟାସ କରାଯାଇଛି । ଏହା ଆଧୁନିକ ଚଳଚ୍ଚିତ୍ର ନିର୍ମାଣ ସୁବିଧା ଯୋଗାଇଦେବ । ଚଳଚ୍ଚିତ୍ର ଜଗତରେ ଦୀର୍ଘ ଦିନର ଅନୁଭବ ଥିବାରୁ ମିଥୁନଙ୍କ ନିଯୁକ୍ତି ରାଜ୍ୟର ସାଂସ୍କୃତିକ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ବୋଲି ଆଶା କରାଯାଉଛି ।

## 'ୱେଷ୍ଟ ବେଙ୍ଗଲ' ହେବ ପଶ୍ଚିମ୍ ବଙ୍ଗ

ନୂଆଦିଲ୍ଲୀ, ୭ ।୧୦(ଏଜେନ୍ସି): ପଶ୍ଚିମବଙ୍ଗର ନାମ 'ୱେଷ୍ଟ ବେଙ୍ଗଲ'ରୁ 'ପଶ୍ଚିମ ବଙ୍ଗ' କରିବା ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ବିଧାନସଭାରେ ବିଲ୍ ଆଣିବ ବୋଲି ରାଜ୍ୟ ବିଜେପି ସଭାପତି ଶମୀକ ଭଟ୍ଟାଚାର୍ଯ୍ୟ କହିଛନ୍ତି । ଆଗାମୀ ଅଧିବେଶନରେ, ସମ୍ଭବତଃ ପ୍ରଥମ ପର୍ଯ୍ୟାୟରେ ଏହି ବିଲ୍ ଉପସ୍ଥାପିତ ହୋଇପାରେ ବୋଲି ସେ କହିଛନ୍ତି । ଭଟ୍ଟାଚାର୍ଯ୍ୟଙ୍କ କହିବାନୁସାରେ, ରାଜ୍ୟର ନାମ ତାହାର ଇତିହାସ ଓ ପରିଚୟ ସହ ଅବିଚ୍ଛିନ୍ନ ଭାବେ ଜଡ଼ିତ ରହିବା ଉଚିତ । ତେଣୁ 'ୱେଷ୍ଟ ବେଙ୍ଗଲ' କିମ୍ବା ପୂର୍ବରୁ ପ୍ରସ୍ତାବିତ 'ବାଙ୍ଗ୍ଲା' ପରିବର୍ତ୍ତେ 'ପଶ୍ଚିମ ବଙ୍ଗ' ନାମ ରଖିବାକୁ ସରକାର ଆଗକୁ ବଢୁଛି । ରାଜ୍ୟର ନାମ ପରିବର୍ତ୍ତନ ପ୍ରସଙ୍ଗ ନୂଆ ନୁହେଁ । ୧୯୯୯ରେ ବାମ ମୋର୍ଚ୍ଚା ସରକାର 'ପଶ୍ଚିମ ବଙ୍ଗ' ନାମ ପ୍ରସ୍ତାବ କରିଥିଲା । ୨୦୧୧ରେ ତୃଣମୂଳ କଂଗ୍ରେସ ସରକାର ମଧ୍ୟ ଏହି ନାମକୁ ନେଇ ପ୍ରସ୍ତାବ ଦେଇଥିଲା । ପରେ ୨୦୧୬ରେ 'ବାଙ୍ଗ୍ଲା', 'ବେଙ୍ଗଲ' ଓ 'ବାଙ୍ଗାଲ' ଭଳି ନାମ ନେଇ ଆଲୋଚନା ହୋଇଥିଲା । ୨୦୧୮ରେ ବିଧାନସଭା 'ବାଙ୍ଗ୍ଲା' ନାମ ପାଇଁ ପ୍ରସ୍ତାବ ପାରିତ କରି କେନ୍ଦ୍ରକୁ ପଠାଇଥିଲା । ତେବେ ଏହାକୁ କେନ୍ଦ୍ରର ଅନୁମୋଦନ ମିଳି ନ ଥିଲା । ରାଜ୍ୟର ନାମ ଆଇନଗତ ଭାବେ ବଦଳାଇବା ପାଇଁ କେବଳ ବିଧାନସଭାରେ ବିଲ୍ ପାରିତ ହେବା ଯଥେଷ୍ଟ ନୁହେଁ । ଏଥିପାଇଁ କେନ୍ଦ୍ର ସରକାର ଓ ସଂସଦର ଅନୁମୋଦନ ସହ ସାମ୍ବିଧାନିକ ପ୍ରକ୍ରିୟା ପୂରଣ କରିବାକୁ ପଡ଼ିବ ।



ନୂଆଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିସନର୍ ଜ୍ଞାନେଶ କୁମାରଙ୍କ ବିରୋଧରେ ଚାଲିଥିବା ବିକ୍ଷୋଭରେ ଆନ୍ଦୋଳନକାରୀ



ବିକ୍ଷୋଭବେଳେ ରାସ୍ତା ଉପରେ ଶୋଇ ପ୍ରତିବାଦ କରୁଛନ୍ତି ପ୍ରିୟଙ୍କା

# ଚେତାବନୀ ଶୁଣାଇଲା କକ୍ରୋଚ୍ ପାର୍ଟି

## ଦୀର୍ଘ ଦିନ ଧରି ଆନ୍ଦୋଳନ ପାଇଁ ପ୍ରସ୍ତୁତ

ନୂଆଦିଲ୍ଲୀ, ୭।୧୦(ଏଜେନ୍ସି): ନିର୍ବାଚନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଏବଂ ମୁଖ୍ୟ ନିର୍ବାଚନ କମିସନ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ଓ ପ୍ରମୁଖ ଛାତ୍ର ସଂଗଠନଗୁଡ଼ିକ ଆସନ୍ତା ଅକ୍ଟୋବର ୧୦ରେ ନୂଆଦିଲ୍ଲୀରେ ଏକ ବିଶାଳ ଗଣପ୍ରତିବାଦ ପାଇଁ ଆହ୍ୱାନ ଦେଇଛନ୍ତି । ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ବୁଧବାର ଅନୁଷ୍ଠିତ ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ଛାତ୍ର ନେତାମାନେ ଘୋଷଣା କରିଛନ୍ତି ।



ଏହି ସମ୍ମିଳନୀରେ ସିଜେପି ସମେତ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଏଆଇଏସ୍ଏ), ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡେରେସନ୍ (ଏଆଇଏସ୍ଏଫ୍), ଷ୍ଟୁଡେଣ୍ଟସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ) ଏବଂ ଆମ୍ ଆଦ୍‌ମୀ ପାର୍ଟିର ଛାତ୍ର ପକ୍ଷ (ଏଏସ୍ଏପି)ର ପ୍ରତିନିଧିମାନେ ସାମିଲ ହୋଇଥିଲେ । ସିଜେପି ସହ-ଆବାହକ ସୌରଭ ଦାସ କହିଛନ୍ତି ଯେ ଜ୍ଞାନେଶ କୁମାର ଇସ୍ତଫା ଦେଲେ ମଧ୍ୟ ଆନ୍ଦୋଳନ ବନ୍ଦ ହେବ ନାହିଁ । ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବାର ଆବଶ୍ୟକତା ରହିଛି । ଏହି ଅବସରରେ ସେ ଆନ୍ଦୋଳନକାରୀଙ୍କ ପ୍ରମୁଖ ଦାବିଗୁଡ଼ିକ ଉପସ୍ଥାପିତ କରିଥିଲେ । ସେଗୁଡ଼ିକ ମଧ୍ୟରେ ରହିଛି ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ, ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ରଦ୍ଦ ଏବଂ ଆଗାମୀ ନିର୍ବାଚନ ସ୍ଥଗିତ ରଖିବା । ଏହାସହ ଜାନୁଆରୀ ୨୦୨୫ର ଭୋଟର ତାଲିକା ପୁନରୁଦ୍ଧାର କରି ଏକ ସ୍ୱାଧୀନ ତଦନ୍ତ ନିର୍ଦ୍ଦେଶ ଦେବା । ୨୦୨୩ର ନିର୍ବାଚନ ଆୟୋଗ ନିଯୁକ୍ତି ଆଇନ ରଦ୍ଦ କରି ଏକ ସ୍ୱାଧୀନ ଓ ଗ୍ରହଣଯୋଗ୍ୟ ମନୋନୟନ ପ୍ରକ୍ରିୟା କାର୍ଯ୍ୟକାରୀ କରିବା । ଏଆଇଏସ୍ଏ ସଭାପତି ନେହା ବୋରା କହିଛନ୍ତି ଯେ ଏହି ଲଢେଇରେ ବିରୋଧୀ ଇଣ୍ଡିଆ ମେଣ୍ଟର ସାଂସଦ, ସାଧାରଣ ଜନତା, ନାଗରିକ ସମାଜ ଓ ଛାତ୍ର ସଂଗଠନଗୁଡ଼ିକ ଏକଜୁଟ ଅଛନ୍ତି । ଏଥିସହିତ ପୁଲିସ ଅନୁମତି ସମ୍ପର୍କରେ ସୌରଭ ଦାସ ସ୍ପଷ୍ଟ କରିଛନ୍ତି ଯେ ଗଣତାନ୍ତ୍ରିକ ପ୍ରତିବାଦ ପାଇଁ ପୁଲିସର ଅନୁମତି ଅନାବଶ୍ୟକ । ସେମାନେ କେବଳ ଦିଲ୍ଲୀ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଲିଖିତ ସୂଚନା ଦେଇଛନ୍ତି । ଜନସାଧାରଣଙ୍କୁ ଅକ୍ଟୋବର ୧୦ରେ ଦିଲ୍ଲୀ ପହଞ୍ଚି ଏକ ବିଶାଳ ସଂଗ୍ରାମ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦିଆଯାଇଛି ।

## 'ପ୍ରତିଟି ଏଫ୍ଆଇଆର୍ ମୋ ପାଇଁ ପଦକ'

### ଏବେ ୪୫; ଲକ୍ଷ୍ୟ ୧୦୦: ରାହୁଲ

ନୂଆଦିଲ୍ଲୀ, ୭ ।୧୦(ଏଜେନ୍ସି): ନିର୍ବାଚନ କମିସନ ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନକୁ ନେଇ ବିରୋଧୀଙ୍କ ଆନ୍ଦୋଳନ ମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ବିରୋଧରେ ରୁଜୁ ଏ ଫ୍ ଆ ଇ ଆ ର୍ କୁ ନେଇ ମନ୍ତବ୍ୟ ଦେଇଛନ୍ତି । ତାଙ୍କ ବିରୋଧରେ ବର୍ତ୍ତମାନ ୪୫ଟି ଏଫ୍ଆଇଆର୍ ରହିଛି ଏବଂ ପ୍ରତିଟି ଏଫ୍ଆଇଆର୍ ତାଙ୍କ ପାଇଁ 'ପଦକ' ବୋଲି କହିଛନ୍ତି । ରାହୁଲ କହିଥିଲେ, ଏଫ୍ଆଇଆର୍‌କୁ ନେଇ ସେ ଚିନ୍ତିତ ନୁହନ୍ତି । ଆଗକୁ ଆହୁରି ଏଫ୍ଆଇଆର୍ ହେଲେ ମଧ୍ୟ ସେ ସ୍ୱାଗତ କରିବେ ଏବଂ ଏହି ସଂଖ୍ୟା ୧୦୦ରେ ପହଞ୍ଚୁ ବୋଲି ସେ ଚାହୁଁଥିବା କହିଥିଲେ । ଏହି ସମୟରେ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ବିରୋଧୀ ଦ ଳ ଗୁ ଡ଼ି କ ଏକଜୁଟ ଥିବା କହିଥିଲେ । ଲୋକଙ୍କ ଅଧିକାର ସୁରକ୍ଷା ପାଇଁ ବିରୋଧୀ ଦଳ ଲଢେଇ ଜାରି ରଖିବ ବୋଲି ସେ କହିଥିଲେ । ସରକାର ଯେତେ ମାମଲା ରୁଜୁ କଲେ ମଧ୍ୟ ବିରୋଧୀ ଦଳ ଭୟଭୀତ ହେବ ନାହିଁ ବୋଲି ଖଡ଼ଗେ କହିଥିଲେ ।

## ଶରୀରସାରା ଆଞ୍ଚୁଡ଼ି ପକାଇଛି ପୁଲିସ: ପ୍ରିୟଙ୍କା

ନୂଆଦିଲ୍ଲୀ, ୭।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଇଣ୍ଡିଆ ମେଣ୍ଟର ବିକ୍ଷୋଭ ପ୍ରଦର୍ଶନ ବେଳେ ନୂଆଦିଲ୍ଲୀରେ ନାଟକୀୟ ସ୍ଥିତି ସୃଷ୍ଟି ହୋଇଛି । ପ୍ରତିବାଦ ସ୍ଥଳ ଯନ୍ତରମନ୍ତରକୁ ଯିବା ବାଟରେ ପୁଲିସ ଆଶୋକା ରୋଡ଼ଠାରେ ସାଂସଦମାନଙ୍କୁ ଅଟକାଇଛି । ଫଳରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଅନ୍ୟ ମହିଳା ନେତ୍ରୀମାନଙ୍କ ସହ ରାସ୍ତା ଉପରେ ଶୋଇ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୁଲିସ ସେମାନଙ୍କୁ ରାସ୍ତା ଉପରୁ ଘୋଷାଡ଼ି ନେଇଥିଲା । ପ୍ରିୟଙ୍କା କଡ଼ା ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ନିର୍ବାଚନ ଆୟୁକ୍ତଙ୍କୁ ଭେଟିବାକୁ ଚାହୁଁଥିବା ସାଂସଦମାନଙ୍କ ସହ ପୁଲିସ ବର୍ବର ବ୍ୟବହାର କରୁଛି । ସାଂସଦମାନଙ୍କୁ ମାଡ଼ ମରାଯାଉଛି । ମହିଳା ପୁଲିସ କର୍ମଚାରୀମାନେ ତାଙ୍କୁ ତଳେ ଫିଙ୍ଗି ଦେଇଥିଲେ ଏବଂ ଶରୀରସାରା ଆଞ୍ଚୁଡ଼ି ପକାଇଥିଲେ । ସାଂସଦମାନଙ୍କ ପ୍ରତି ଏହା ହେଉଛି ପୁଲିସର ବ୍ୟବହାର । ଏହାସତ୍ତ୍ୱେ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ ।

## ବିରୋଧ ଭୟରେ ଜ୍ଞାନେଶଙ୍କ ଛତିଶଗଡ଼ ଗସ୍ତ ସ୍ଥଗିତ

ନୂଆଦିଲ୍ଲୀ, ୭ ।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଦୁଇଦିନିଆ ଛତିଶଗଡ଼ ଗସ୍ତ ସ୍ଥଗିତ ହୋଇଛି । 'ଅନିବାର୍ଯ୍ୟ କାରଣ' ଦର୍ଶାଇ ଅକ୍ଟୋବର ୭ ଓ ୮ ତାରିଖରେ ହେବାକୁ ଥିବା ଏହି ଗସ୍ତକୁ ସ୍ଥଗିତ କରାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ନିର୍ବାଚନ କମିସନଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକର ଆନ୍ଦୋଳନ ତୀବ୍ର ହେବା, ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବା ସମୟରେ ଏହି ଗସ୍ତ ସ୍ଥଗିତ ହୋଇଛି ।



ଭୋଟର ତାଲିକାର ସ୍ୱତନ୍ତ୍ର ନିବିଡ଼ ସଂଶୋଧନ (ଏସ୍ଆଇଆର୍) ଏବଂ ଫର୍ମ-୬ରେ ପରିବର୍ତ୍ତନକୁ ନେଇ ମଧ୍ୟ ନିର୍ବାଚନ କମିସନ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି । ପ୍ରସ୍ତାବିତ ଗସ୍ତ ସମୟରେ ଜ୍ଞାନେଶ କୁମାର ଦନ୍ତେୱାଡ଼ାର ଦନ୍ତେଶ୍ୱରୀ ମାତା ମନ୍ଦିର, ବସ୍ତରର ଚିତ୍ରକୋଟ ଜଳପ୍ରପାତ ଏବଂ କବୀରଧାମ ଜିଲ୍ଲାର ଭୋରମଦେଓ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା । ଛତିଶଗଡ଼ ସରକାର ତାଙ୍କୁ 'ରାଜ୍ୟ ଅତିଥି'ର ମାନ୍ୟତା ମଧ୍ୟ ଦେଇଥିଲେ । ରାୟପୁର ପ୍ରଶାସନ, ପୁଲିସ ଏବଂ ସ୍ୱାମୀ ବିବେକାନନ୍ଦ ବିମାନବନ୍ଦର ପକ୍ଷରୁ ସ୍ୱାଗତ ଓ ସୁରକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଅନୁସାରେ, ଗସ୍ତର ନୂଆ ତାରିଖ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ନିର୍ବାଚନ କମିସନଙ୍କଠାରୁ ନୂଆ କାର୍ଯ୍ୟସୂଚୀ ମିଳିବା ପରେ ଏହା ପ୍ରକାଶ କରାଯିବ । ଏହା ପୂର୍ବରୁ ଉତ୍ତରପ୍ରଦେଶର ମିରଟ ଓ ବାରାଣସୀ ସମେତ ଲଦାଖ, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ଗସ୍ତ ମଧ୍ୟ ଜ୍ଞାନେଶ କୁମାରଙ୍କ ସ୍ଥଗିତ ହୋଇଥିଲା । ଏହି ସମୟରେ ନିର୍ବାଚନ କମିସନଙ୍କ ବିରୋଧରେ ବିରୋଧୀଙ୍କ ଆନ୍ଦୋଳନ ଜୋରଦାର ହୋଇଛି । ମଙ୍ଗଳବାର ଦିଲ୍ଲୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ ।

## ଉପନିର୍ବାଚନରେ ଆତଙ୍କରାଜ, ରାଜନୀତି ଛାଡ଼ିବେ ହୁମାୟୁନ କବୀର

କୋଲକାତା, ୭ ।୧୦(ଏଜେନ୍ସି): ପଶ୍ଚିମବଙ୍ଗର ନୌଦା ବିଧାୟକ ତଥା ଅଲ୍ ଇଣ୍ଡିଆ ଜନ ଉନ୍ନୟନ ପାର୍ଟି (ଏଜେୟୁପି) ମୁଖ୍ୟ ହୁମାୟୁନ କବୀର ରାଜନୀତିରୁ ଅବସର ନେବେ ବୋଲି କହିଛନ୍ତି ।



ବୁଧବାର ସାମ୍ବାଦିକଙ୍କ ସହ କଥା ହେବାବେଳେ ଭାବପ୍ରବଣ ହୋଇପଡ଼ିଥିବା କବୀର କହିଛନ୍ତି ଯେ ସେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ ସେ ବିଧାନସଭାକୁ ଯିବେ ନାହିଁ । ରେଜିନଗରରେ ମତଦାନ ପ୍ରକ୍ରିୟା ନିରପେକ୍ଷ ହୋଇନଥିବା କବୀର ଅଭିଯୋଗ କରିଛନ୍ତି । ମତଦାନ ସମୟରେ ପ୍ରଶାସନର ଭୂମିକା ଯୋଗୁଁ ମୁସଲିମ ବହୁଳ ଏହି ଆସନରେ ବିଜେପି ଜିତିବ ବୋଲି ସେ କହିଛନ୍ତି । ମଙ୍ଗଳବାର ମତଦାନ ପରେ ପୁଲିସ ସହ ବଚସାକୁ ନେଇ କବୀରଙ୍କୁ ଗିରଫ କରାଯାଇଥିଲା । ପ୍ରାୟ ୧୨ ଘଣ୍ଟା ପରେ ସେ ମୁକ୍ତ ହୋଇଥିଲେ । ରେଜିନଗରରେ କବୀରଙ୍କ ପୁଅ ଗୋଲାମ ନବୀ ଆଜାଦ ଏଜେୟୁପି ପ୍ରାର୍ଥୀ ଅଛନ୍ତି । କବିର ଏହି ଆସନ ଛାଡ଼ିବା ପରେ ପୁଅକୁ ପ୍ରାର୍ଥୀ କରାଇଥିଲେ । ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ନନ୍ଦିଗ୍ରାମ ଏବଂ ରେଜିନଗରରେ ଉପନିର୍ବାଚନ ବେଳେ ପୁଲିସ ସହାୟତାରେ ବିଜେପି କର୍ମୀ ଆତଙ୍କରାଜ ଚଳାଇଚନ୍ତି । ଲୋକମାନଙ୍କୁ ଭୋଟ କେନ୍ଦ୍ର ଭିତରକୁ ଯିବାକୁ ଦେଇନଥିଲେ । ଏପରିକି ଭୋଟର ଯିବା ପୂର୍ବରୁ ସେମାନଙ୍କ ପାଇଁ ମତଦାନ ହୋଇ ସାରିଥିଲା । ଉଭୟ ଆସନରେ ସାନି ମତଦାନ କରିବାକୁ ସେମାନେ ଦାବି କରିଛନ୍ତି ।

## ରୁଷ୍-ୟୁକ୍ରେନ ଯୁଦ୍ଧ ଶେଷ ପାଇଁ ଭାରତର ଶାନ୍ତି ପ୍ରସ୍ତାବ

କିଭ୍, ୭ ।୧୦(ଏଜେନ୍ସି): ଦୀର୍ଘଦିନ ଧରି ଚାଲିଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧରେ ଯୁଦ୍ଧବିରତି ଆଣିବା ପାଇଁ ଭାରତ ତିନି ସୂତ୍ରୀ ପ୍ରସ୍ତାବ ଦେଇଛି । ଶକ୍ତି ଭିତ୍ତିଭୂମି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଢାଞ୍ଚା ଉପରେ ଆକ୍ରମଣ ବନ୍ଦ, କଳା ସାଗର ଦେଇ ଖାଦ୍ୟଶସ୍ୟ ଓ ଶକ୍ତି ସାମଗ୍ରୀର ନିରବଚ୍ଛିନ୍ନ ପରିବହନ ଏବଂ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ରୋକିବା ଏହି ପ୍ରସ୍ତାବର ମୁଖ୍ୟ ବିଷୟ ବୋଲି କୂଟନୈତିକ ସୂତ୍ରରୁ ଜଣାପଡ଼ିଛି । ଗତ ମାସରେ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ କିଭ୍ ଗସ୍ତ ସମୟରେ ଭାରତ ଏହି ପ୍ରସ୍ତାବ ୟୁକ୍ରେନ୍‌କୁ ଜଣାଇଥିବା କୁହାଯାଇଛି । ୟୁକ୍ରେନ୍‌ର ବିଦେଶମନ୍ତ୍ରୀ ଆନ୍ଦ୍ରି ସିବିହା ମଧ୍ୟ ଭାରତରୁ ଏଭଳି ପ୍ରସ୍ତାବ ମିଳିଥିବା ସ୍ପଷ୍ଟ କରିଛନ୍ତି । ତାଙ୍କ ଅନୁଯାୟୀ, ଯୁଦ୍ଧ ଶେଷ କରିବା ନେଇ ବିଭିନ୍ନ ଦେଶରୁ ମିଳିଥିବା ଚାରିଟି ପ୍ରସ୍ତାବ ମଧ୍ୟରେ ଭାରତର ପ୍ରସ୍ତାବ ବିସ୍ତୃତ । ୟୁକ୍ରେନ୍ କହିଛି, ଯୁଦ୍ଧବିରତି କେବଳ ସାମରିକ କାର୍ଯ୍ୟକଳାପ ବନ୍ଦରେ ସୀମିତ ନ ରହି ଶକ୍ତି ଓ ବନ୍ଦର ଭିତ୍ତିଭୂମି ଉପରେ ଆକ୍ରମଣ ଏବଂ କଳା ସାଗରର ପରିସ୍ଥିତିକୁ ମଧ୍ୟ ସାମିଲ କରିବା ଆବଶ୍ୟକ । ଭାରତର ପ୍ରସ୍ତାବ ତୁର୍କୀ ଓ ଇଜିପ୍ଟର ପ୍ରସ୍ତାବଠାରୁ କିଛିଟା ଭିନ୍ନ । ସେମାନଙ୍କ ପ୍ରସ୍ତାବରେ କଳା ସାଗର ଦେଇ ଖାଦ୍ୟଶସ୍ୟ ପରିବହନ ଓ ବାଣିଜ୍ୟିକ ଜାହାଜ ଚଳାଚଳ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ମିଳିଛି । ଆମେରିକାର ପ୍ରସ୍ତାବ ମୁଖ୍ୟତଃ 'ଶକ୍ତି ଯୁଦ୍ଧବିରତି' ଉପରେ କେନ୍ଦ୍ରିତ । ବିଦେଶମନ୍ତ୍ରୀ ଜୟଶଙ୍କର କହିଛନ୍ତି, ଭାରତ କେବଳ ଶାନ୍ତି ପାଇଁ ଆହ୍ୱାନ କରୁନାହିଁ । ମସ୍କୋ ଓ କିଭ୍ ସହ ଉତ୍ତେଜନା ହ୍ରାସ ପାଇଁ ବ୍ୟବହାରିକ ଆଲୋଚନା ମଧ୍ୟ କରୁଛି । ଭାରତ ଏହି ଯୁଦ୍ଧରେ ନିରପେକ୍ଷ ଆଭିମୁଖ୍ୟ ରଖି ଯୁଦ୍ଧ ବନ୍ଦ ପାଇଁ ଆହ୍ୱାନ କରିଆସିଛି ।



ଜୟଶଙ୍କର ଦେଲେ ତିନି ସୂତ୍ରୀ ପ୍ରସ୍ତାବ

# ୫୪ ଦିନ ଧରି ଚାଲିଲାନି ସଂସଦ: ୩୭ ବର୍ଷର ରେକର୍ଡ ଭାଙ୍ଗିଲା

- ୧୧୪ ଘଣ୍ଟାରୁ ଲୋକସଭା ଚାଲିଲା ମାତ୍ର ୧୭ ଘଣ୍ଟା
- ରାଜ୍ୟସଭାରେ ବି ନଷ୍ଟ ହେଲା ୭୬ ଘଣ୍ଟାରୁ ଅଧିକ

ନୂଆଦିଲ୍ଲୀ, ୭ ।୧୦(ଏଜେନ୍ସି): ସଂସଦର ବର୍ଷା ଅଧିବେଶନ ଶେଷ ହେବାର ପ୍ରାୟ ଦୁଇମାସ ବିତିଯାଇଥିଲେ ମଧ୍ୟ ଏହାକୁ ଏପର୍ଯ୍ୟନ୍ତ ଔପଚାରିକ ଭାବେ ସମାପ୍ତ କରାଯାଇନାହିଁ । ଲୋକସଭା ଓ ରାଜ୍ୟସଭାକୁ ଅଗଷ୍ଟ ୧୩ରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଥିଲା । କିନ୍ତୁ ଅକ୍ଟୋବର ୭ ସୁଦ୍ଧା ଅଧିବେଶନ ସମାପ୍ତି ବାବଦରେ କୌଣସି ଔପଚାରିକ ବିଜ୍ଞପ୍ତି ଜାରି ହୋଇନାହିଁ । ଫଳରେ ଉଭୟ ସଦନ ଏକାସାଙ୍ଗରେ ଏତେ ଦୀର୍ଘ ସମୟ ଧରି ଅଧିବେଶନ ସମାପ୍ତ ନକରି ରହିବାର ନୂଆ ରେକର୍ଡ ସୃଷ୍ଟି ହୋଇଛି । ଏହା ପୂର୍ବରୁ ୧୯୮୯ରେ ଉଭୟ ସଦନ ସର୍ବାଧିକ ୫୩ ଦିନ ଧରି ଏଭଳି ସ୍ଥିତିରେ ରହିଥିଲେ । ଚଳିତଥର ଏହି ରେକର୍ଡକୁ ୫୪ ଦିନରେ ଅତିକ୍ରମ କରାଯାଇଛି ।



ଅଧିବେଶନ ଏପର୍ଯ୍ୟନ୍ତ ଔପଚାରିକ ଭାବେ ସମାପ୍ତ ହୋଇନଥିବାରୁ ସରକାର ଆବଶ୍ୟକ ହେଲେ ସେହି ଅଧିବେଶନକୁ ପୁଣି ଡାକିବାର ବିକଳ୍ପ ରଖିଛନ୍ତି । ଶାସକ ଶିବିର ସୂତ୍ର ଅନୁସାରେ ଆଗାମୀ ଦିନରେ ସଂସଦକୁ ପୁଣି ବସାଇବା ସମ୍ଭାବନା ନେଇ ଆଲୋଚନା ଚାଲିଛି । ତେବେ ଏନେଇ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଔପଚାରିକ ଘୋଷଣା କରାଯାଇନାହିଁ । ଏହି ମଧ୍ୟରେ ନିର୍ବାଚନମଣ୍ଡଳୀ ପୁନଃସୀମା ନିର୍ଦ୍ଧାରଣ, ଲୋକସଭା ଆସନ ସଂଖ୍ୟା ବୃଦ୍ଧି ଏବଂ ମହିଳା ସଂରକ୍ଷଣ ଲାଗୁ କରିବା ଭଳି ପ୍ରସଙ୍ଗରେ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ରାଜନୈତିକ ବିଶ୍ଳେଷକ ସଞ୍ଜୟ କୁମାରଙ୍କ ମତରେ, ଅଧିବେଶନ ସମାପ୍ତ ହୋଇନଥିବାରୁ ସରକାର ଏହାକୁ ପୁନଃ ଆହ୍ୱାନ କରିପାରିବେ । ତେବେ ଏହାର ସାମ୍ବିଧାନିକ ପ୍ରଭାବ ମଧ୍ୟ ରହିଛି । ସମ୍ବିଧାନର ଧାରା ୧୨୩ ଅନୁଯାୟୀ, ଉଭୟ ସଦନ ଅଧିବେଶନରେ ନଥିବା ସମୟରେ ହିଁ ଅଧ୍ୟାଦେଶ ଜାରି କରାଯାଇପାରେ । ତେଣୁ ଅଧିବେଶନ ଔପଚାରିକ ଭାବେ ସମାପ୍ତ ନହେବା ପର୍ଯ୍ୟନ୍ତ ଅଧ୍ୟାଦେଶ ଜାରି କରିବାର ରାସ୍ତା ବନ୍ଦ ରହିଛି । ଚଳିତ ବର୍ଷା ଅଧିବେଶନରେ ଲୋକସଭାର ୧୯ଟି ବୈଠକ ହୋଇଥିଲା । ସାଧାରଣତଃ ସକାଳ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସଦନର କାର୍ଯ୍ୟ ଚାଲିଥାଏ । ମଧ୍ୟାହ୍ନ ୧ଟାରୁ ୨ଟା ପର୍ଯ୍ୟନ୍ତ ବିରତିକୁ ବାଦ ଦେଲେ ପ୍ରତିଦିନ ପ୍ରାୟ ୬ ଘଣ୍ଟା କାର୍ଯ୍ୟ ହେବା କଥା । ଏହି ହିସାବରେ ୧୯ଟି ବୈଠକରେ ପ୍ରାୟ ୧୧୪ ଘଣ୍ଟା କାର୍ଯ୍ୟ ହେବା ଆଶା କରାଯାଇଥିଲା । କିନ୍ତୁ ବାସ୍ତବରେ ଲୋକସଭାରେ କାର୍ଯ୍ୟ ହୋଇଛି ମାତ୍ର ପ୍ରାୟ ୧୭ ଘଣ୍ଟା ୩୦ ମିନିଟ୍ । ଅର୍ଥାତ୍ ପ୍ରାୟ ୯୬ ଘଣ୍ଟା ୩୦ ମିନିଟ୍ କାର୍ଯ୍ୟ ସମୟ ନଷ୍ଟ ହୋଇଛି । ୨୦୨୫ର ବର୍ଷା ଅଧିବେଶନ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିଥିଲା । ସେତେବେଳେ ଉଭୟ ସଦନରେ ୨୧ଟି ଲେଖାଏଁ ବୈଠକ ହୋଇଥିଲା । ଲୋକସଭାରେ ମୋଟ କାର୍ଯ୍ୟ ସମୟ ମାତ୍ର ୩୭ ଘଣ୍ଟା ଥିଲା । ରାଜ୍ୟସଭାରେ ମଧ୍ୟ ଲୋକସଭା ସହ ସମାନ ୧୯ଟି ବୈଠକ ହୋଇଥିଲା । ଏହି ହିସାବରେ ପ୍ରାୟ ୧୧୪ ଘଣ୍ଟା କାର୍ଯ୍ୟ ହେବା କଥା । କିନ୍ତୁ ବାସ୍ତବରେ ମାତ୍ର ୩୭ ଘଣ୍ଟା ୨୪ ମିନିଟ୍ କାର୍ଯ୍ୟ ହୋଇଛି । ଫଳରେ ପ୍ରାୟ ୭୬ ଘଣ୍ଟା ୩୬ ମିନିଟ୍ କାର୍ଯ୍ୟ ସମୟ ନଷ୍ଟ ହୋଇଛି । ୨୦୨୬ର ବର୍ଷା ଅଧିବେଶନରେ ମୋଟ ୧୨ଟି ନୂଆ ବିଲ୍ ଆଗତ ହୋଇଥିଲା । ସେଥିରୁ ୧୦ଟି ଲୋକସଭାରେ ଏବଂ ୨ଟି ରାଜ୍ୟସଭାରେ ଆଗତ ହୋଇଥିଲା । ଏହି ବିଲ୍‌ଗୁଡ଼ିକ ମଧ୍ୟରେ କର ବ୍ୟବସ୍ଥା, ବ୍ୟାଙ୍କିଂ, ଖଣି, ଟ୍ରିବ୍ୟୁନାଲ, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ, ପରୀକ୍ଷାରେ ଠକେଇ ରୋକିବା, କେରଳର ନାମ ପରିବର୍ତ୍ତନ ଏବଂ ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ବୃଦ୍ଧି ଭଳି ପ୍ରସଙ୍ଗ ରହିଥିଲା । ମାଇନ୍ସ ଆଣ୍ଡ ମିନେରାଲ୍ସ ସଂଶୋଧନ ବିଲ୍ ରାଜ୍ୟସଭାରେ ପାରିତ ହେବା ପରେ ୧୨ଟି ବିଲ୍ ମଧ୍ୟରୁ ୧୧ଟି ଏବେ ଉଭୟ ସଦନରେ ପାରିତ ହୋଇସାରିଛି । ଦୁଇଟି ବିଲ ମଧ୍ୟ ଲୋକସଭାରେ ପାରିତ ହୋଇଛି ।



ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ନବଗଠିତ ବିଜେଡି ସୋସିଆଲ ମିଡିଆ ଏବଂ ଆଇଟି ସେଲ୍ ଷ୍ଟିୟରିଂ କମିଟିର ସଦସ୍ୟମାନେ

## ଲଘୁଚାପ ଲାଗି ପାଣିପାଗ ଅନୁକୂଳ

ଭୁବନେଶ୍ୱର, ୭।୧୦ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପାଇଁ ପାଣିପାଗ ଅନୁକୂଳ ହେବାରେ ଲାଗିଛି। ଏହି ଲଘୁଚାପ ସୃଷ୍ଟି ନେଇ ପୂର୍ବରୁ ଆକଳନ କରାଯାଇଥିବା ବେଳେ ଦୁର୍ଗା ପୂଜା ସମୟରେ ଏହାର ପ୍ରଭାବ ରହିବ ବୋଲି ଆକଳନ କରାଯାଉଛି। ସମ୍ଭାବ୍ୟ ଲଘୁଚାପକୁ ନେଇ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ନେଇ ରହିଥିବା ସଙ୍କେତ ପୂର୍ବ ଅପେକ୍ଷା ବଢ଼ିବାରେ ଲାଗିଛି। ଏହି ଲଘୁଚାପ ଅଧିକ ଘନୀଭୂତ ହେବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି। ବର୍ତ୍ତମାନ ବଙ୍ଗୋପସାଗର ଉପରେ ମୌସୁମୀ ବାୟୁ ଦୁର୍ବଳ ହୋଇ ପବନର ଢାଞ୍ଚା ବଦଳୁଛି। ଭାରତ ମହାସାଗର ଉପରେ ଏମ୍‌ଜେଓ ଅଧିକ ଅନୁକୂଳ ହେବାରେ ଲାଗିଛି। ଇସିଏମ୍‌ଡବ୍ଲୁଏଫ୍ ଓ ଜିଏଫ୍ଏସ୍ ମଡେଲ୍ ଆଦି ଏହି ଲଘୁଚାପ ବାତ୍ୟାରେ ପରିଣତ ହେବା ପରିବେଶ ଅନୁକୂଳ ରହିଛି ବୋଲି ମତ ଦେଉଛନ୍ତି। ୧୨ ଅକ୍ଟୋବର ପାଖାପାଖି ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବ। ଏହା ପ୍ରଭାବରେ ସେଠାରେ ଏକ ଲଘୁଚାପ ସୃଷ୍ଟି ହେବା ସହ ପରବର୍ତ୍ତୀ ସମୟରେ ଶକ୍ତିଶାଳୀ ହେବ। ଏହା କେତେ ଶକ୍ତିଶାଳୀ ହେବ ଓ କେଉଁ ଦିଗକୁ ଯିବ ତାହା ଏବେ ବି ଅନିଶ୍ଚିତତା ରହିଛି। ତେଣୁ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶା ପାଇଁ ସିଧାସଳଖ ବିପଦର କୌଣସି ବିଶ୍ୱସନୀୟ ସଙ୍କେତ ନାହିଁ।

### ଖୋର୍ଦ୍ଧାରୁ 'ସେବା ଜ୍ୟୋତି'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ବିକଶିତ ଓଡ଼ିଶା ଗଠନରେ ସାମିଲ ହେବାକୁ ଆହ୍ୱାନ

ଖୋର୍ଦ୍ଧା, ୭।୧୦(ସମିସ): ବିକଶିତ ଭାରତ ସହ ବିକଶିତ ଓଡ଼ିଶା ଗଠନ ପ୍ରକ୍ରିୟାରେ ସମସ୍ତ ନାଗରିକ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ରାଜନୈତିକ ଯାତ୍ରା ପୂର୍ତ୍ତି ଅବସରରେ ଖୋର୍ଦ୍ଧାର ହାବେଳୀ ପଡ଼ିଆଠାରେ ଆୟୋଜିତ ସେବା ଜ୍ୟୋତି ଯାତ୍ରାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଦେଶ ଓ ରାଜ୍ୟର ସେବା ପାଇଁ ସଂକଳ୍ପ ପାଠ କରାଯିବା ପରେ ମୁଖ୍ୟମନ୍ତ୍ରୀ ସେବା ଜ୍ୟୋତି ପ୍ରଜ୍ୱଳନ କରି ଯାତ୍ରାର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଡବଲ୍ ଇଞ୍ଜିନ ସରକାରଙ୍କ ଶାସନରେ ଓଡ଼ିଶାର ବିକାଶ ଦ୍ରୁତଗତିରେ ଆଗେଇ ଚାଲିଛି। ୨୦୦୧ ଅକ୍ଟୋବର ୭ରେ ଗୁଜରାଟରୁ ନରେନ୍ଦ୍ର ମୋଦୀଙ୍କ ପ୍ରଶାସନିକ ଓ ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତାଙ୍କର ଏହି ସଫଳ ଯାତ୍ରାକୁ ୨୫ ବର୍ଷ ପୂରଣ ହୋଇଛି। ରାଷ୍ଟ୍ର ପ୍ରଥମ ଏବଂ ସବକା ସାଥ୍, ସବକା ବିକାଶ ମନ୍ତ୍ରକୁ ଆଧାର କରି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଦେଶ ଅଗ୍ରସର ହେଉଛି।

ଡବଲ୍ ଇଞ୍ଜିନ ସରକାରରେ ଓଡ଼ିଶାର ଶିଳ୍ପାୟନକୁ ନୂଆ ଗତି ମିଳିଛି। ରାଜ୍ୟର ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଶିଳ୍ପ ବିକାଶ ସହ ନିବେଶ ଓ ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି କରାଯାଉଛି। ଶିଳ୍ପାୟନ, ନିବେଶ,



ନିଯୁକ୍ତି, ଭିତ୍ତିଭୂମି ଓ ଯୁବପିଢ଼ିର ସଶକ୍ତୀକରଣ ଉପରେ ସରକାର ଗୁରୁତ୍ୱ ଦେଉଛି। ସେହିପରି ଭିତ୍ତିଭୂମି ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ସୃଷ୍ଟି, ମହିଳା ସଶକ୍ତୀକରଣ, କୃଷକଙ୍କ କଲ୍ୟାଣ ଓ ସାମାଜିକ ସୁରକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ସରକାର ପଦକ୍ଷେପ ନେଉଥିବା ସେ କହିଥିଲେ। ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଶିଳ୍ପ ଓ ନିଯୁକ୍ତି ସୁଯୋଗ ପହଞ୍ଚାଇ ଯୁବପିଢ଼ି ଏବଂ ସ୍ଥାନୀୟ ଅର୍ଥନୀତିକୁ ସଶକ୍ତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ ଦେଶ ଓ ରାଜ୍ୟର ସେବା ପାଇଁ ସଂକଳ୍ପ ପାଠ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବିଜେପି ମୁଖପାତ୍ର ସୁଦୀପ୍ତ ରାୟ, ଜିଲ୍ଲା ପ୍ରଭାରୀ ପବିତ୍ର ମୋହନ ଦାସ, ଜିଲ୍ଲା ସଭାପତି ବିଶ୍ୱରଂଜନ ବଡ଼ଜେନା, ବେଗୁନିଆ ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ, ରଶ୍ମିମୟୀ ପଟ୍ଟନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ପରେ ହାବେଳୀ ପଡିଆଠାରୁ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ ସେବା ଜ୍ୟୋତି ଶୋଭାଯାତ୍ରାରେ ସାମିଲ ହୋଇ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ।

## ୫୦ରୁ ଉର୍ଦ୍ଧ୍ୱ ହଷ୍ଟେଲ୍ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

### ଡାକ୍ତରଖାନାରେ ଭର୍ତ୍ତି, ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ

ବାରିପଦା/ବଡ଼ସାହି/ମାଣତ୍ରୀ,୭ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅନ୍ତର୍ଗତ ମାଣତ୍ରୀସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ (ଏସ୍ଏସ୍‌ଡି) ବାଳିକା ହାଇସ୍କୁଲ ହଷ୍ଟେଲରେ ଏକ ଅଭାବନୀୟ ଘଟଣା ଘଟିଛି। ହଷ୍ଟେଲରେ ରହୁଥିବା ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ହଠାତ୍ ଝାଡ଼ାବାନ୍ତି ଏବଂ ପେଟ ଯନ୍ତ୍ରଣା ଯୋଗୁଁ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଗତକାଲି ରାତିରେ ହଷ୍ଟେଲରେ ରାତ୍ରିଭୋଜନ ସାରି ଶୋଇବା ପରେ ବିଳମ୍ବିତ ରାତିରୁ କିଛି ଛାତ୍ରୀ ବାନ୍ତି, ଝାଡ଼ା ଓ ପେଟ ଯନ୍ତ୍ରଣା ଅନୁଭବ କରିଥିଲେ। ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୫୦ରେ ପହଞ୍ଚିଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଆମ୍ବୁଲାନ୍ସ ଏବଂ ଅନ୍ୟ ଗାଡ଼ି ଯୋଗେ ଅସୁସ୍ଥ ଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ମାଣତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସ୍ଥାନାଭାବ ଏବଂ ଗୁରୁତର ଥିବା କିଛି ଛାତ୍ରୀଙ୍କୁ ତୁରନ୍ତ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ହଷ୍ଟେଲ ରୋଷେୟା ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।



ଡାକ୍ତରଖାନାରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଆକ୍ରାନ୍ତ ଛାତ୍ରୀଙ୍କୁ ଚିକିତ୍ସା ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏବଂ ବିପଦମୁକ୍ତ ଥିବା ଡାକ୍ତର ସୂଚନା ଦେଇଛନ୍ତି। ଖାଦ୍ୟ ବିଷକ୍ରିୟା (ଫୁଡ୍ ପଏଜନିଂ) କିମ୍ବା ଦୂଷିତ ପାନୀୟ ଜଳ ବ୍ୟବହାର ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ସନ୍ଦେହ କରାଯାଉଛି। ଘଟଣା ସମ୍ପର୍କରେ ଖବର ପାଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଜିଲ୍ଲାପାଳ ସିଧାସଳଖ ମାଣତ୍ରୀ ଏସ୍ଏସ୍‌ଡି ବାଳିକା ହଷ୍ଟେଲ ପରିଦର୍ଶନ କରି ରୋଷେଇ ଘର, ଡାଇନିଂ ହଲ୍ ଏବଂ ପାନୀୟ ଜଳ ବ୍ୟବସ୍ଥାର ତନଖି କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ହଷ୍ଟେଲରେ ଦିଆଯାଉଥିବା ଖାଦ୍ୟ ଓ ପାଣିର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କର୍ତ୍ତବ୍ୟରେ ଅବହେଳା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପରିସ୍ଥିତି ଉପରେ ଧ୍ୟାନ ରଖିବା ପାଇଁ ସଦର ଉପଜିଲ୍ଲାପାଳ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ, ବଡ଼ସାହି ବିଡିଓ ସମୟ ଅନ୍ତରରେ ହଷ୍ଟେଲ ପରିଦର୍ଶନ ଜାରି ରଖିଛନ୍ତି। ହଷ୍ଟେଲରେ ମଧ୍ୟ ଏକ ଡାକ୍ତରୀଦଳ ଚିକିତ୍ସା ଜାରି ରଖିଛନ୍ତି। ଖାଦ୍ୟ ମେନୁ ଅନୁସାରେ ସମସ୍ତେ ଖାଦ୍ୟ ଖାଇଥିଲେ ହେଁ ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହେବା ଓ ଅନ୍ୟମାନେ ସୁସ୍ଥ ଥିବାରୁ କାରଣ ସ୍ପଷ୍ଟ ଜଣାପଡ଼ିନାହିଁ।

### ମଧ୍ୟାହ୍ନଭୋଜନରେ ଅଣ୍ଡା ନ ଦେବାରୁ ସ୍କୁଲରେ ହଙ୍ଗାମା

## ଶିକ୍ଷକଙ୍କୁ ଗାଳିଗୁଲଜ; ପରୀକ୍ଷାରୁ ବଞ୍ଚିତ ୧୦୦ ଛାତ୍ରଛାତ୍ରୀ

ଚାନ୍ଦବାଲି,୭।୧୦(ସମିସ): ମଧ୍ୟାହ୍ନ ଭୋଜନରେ ଅଣ୍ଡା ନ ଦେଇ ସୋୟାବିନ୍ ତରକାରୀ ଦିଆଯାଇଥିବାକୁ ନେଇ ଜଣେ ଅଭିଭାବକ ବିଦ୍ୟାଳୟରେ ପଶି ହଙ୍ଗାମା କରିବା ଅଭିଯୋଗ ହୋଇଛି। ଏହାକୁ ନେଇ ବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇବା ସହ ପ୍ରଥମରୁ ୫ମ ଶ୍ରେଣୀର ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ ପରୀକ୍ଷାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଘଟଣାଟି ଚାନ୍ଦବାଲି ବ୍ଲକ୍ କାଣ୍ଡଗରଡ଼ି ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଦା ପ୍ରାଥମିକ ବିଦ୍ୟାଳୟରେ ଘଟିଛି।

ଅଭିଯୋଗ ଅନୁଯାୟୀ, କାଣ୍ଡଗରଡ଼ି ପଞ୍ଚାୟତ ତାଳଆଡ଼ିଆ ଗ୍ରାମର ଶୁଶାନ୍ତ ଦାସ ନାମକ ଜଣେ ଅଭିଭାବକ ବିଦ୍ୟାଳୟ ପରିସରକୁ ପ୍ରବେଶ କରି ମଧ୍ୟାହ୍ନ ଭୋଜନରେ ଅଣ୍ଡା ବଦଳରେ ସୋୟାବିନ୍ ତରକାରୀ କାହିଁକି ଦିଆଯାଇଛି ବୋଲି ପ୍ରଶ୍ନ କରିଥିଲେ। ପରେ ସେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ବିଦ୍ୟାଳୟ ପକ୍ଷରୁ ଅଭିଯୋଗ ହୋଇଛି। ଘଟଣା ବେଳେ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯିବା ସହ ପିଲାମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଦୀର୍ଘ ସମୟ ଧରି ବିଦ୍ୟାଳୟ ପରିସରରେ ହଙ୍ଗାମା ଚାଲିଥିବାରୁ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇ ମଧ୍ୟାହ୍ନ ଭୋଜନ ନ ଖାଇ ଘରକୁ ଫେରିଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସ୍କୁଲରେ ପିଲାଙ୍କର ପରୀକ୍ଷା ଚାଲିଥିବାବେଳେ ପ୍ରଥମ ସିଟିଂ ପରୀକ୍ଷା ଶେଷ ହୋଇଥିଲା। ମଧ୍ୟାହ୍ନ ଭୋଜନ ପରେ ହେବାକୁ ଥିବା ଦ୍ୱିତୀୟ ସିଟିଂ ପରୀକ୍ଷା ହୋଇପାରି ନ ଥିଲା। ଏପରିକି



ପରବର୍ତ୍ତୀ ଦିନର ପରୀକ୍ଷା ମଧ୍ୟ ବାତିଲ୍ ହୋଇଥିବା ଜଣାପଡ଼ିଛି। ଫଳରେ ବିଦ୍ୟାଳୟର ପ୍ରଥମରୁ ୫ମ ଶ୍ରେଣୀର ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଘଟଣାକୁ ୨ ଦିନ ବିତିଥିଲେ ମଧ୍ୟ ବିଦ୍ୟାଳୟରେ ପରୀକ୍ଷା ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସ୍ୱାଭାବିକ ହୋଇ ନ ଥିବା ଅଭିଯୋଗ ହୋଇଛି। ଘଟଣା ପରେ ପିଲାମାନଙ୍କ ସୁରକ୍ଷାକୁ ନେଇ ଅଭିଭାବକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଅସୁରକ୍ଷିତ ମନେ କରି କେତେକ ଅଭିଭାବକ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଉ ନ ଥିବା ଜଣାପଡ଼ିଛି। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାକର ଦାସ ଚାନ୍ଦବାଲି ଥାନାରେ ଶୁଶାନ୍ତ ଦାସ

- ଦୁଇ ଜଣଙ୍କ ନାଁରେ ଥାନାରେ ମାମଲା ରୁଜୁ
- ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ଅଭିଭାବକଙ୍କ ଧାରଣା

ଓ ତାଙ୍କ ସହଯୋଗୀ କୂଳମଣି ଦାସଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଚାନ୍ଦବାଲି ପୁଲିସ ୩୫୩/୨୬ ନମ୍ବରରେ ଏକ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ଘଟଣାର ନ୍ୟାୟସଙ୍ଗତ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଅଭିଭାବକମାନେ ବିଦ୍ୟାଳୟ ପରିସରରେ ଧାରଣା ଦେଇଛନ୍ତି। ପିଲାମାନଙ୍କ ଶିକ୍ଷା ଓ ପରୀକ୍ଷା ଯେପରି ଆଉ ପ୍ରଭାବିତ ନ ହୁଏ, ସେଥିପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ଶ୍ରୀୟା ଶିବଦର୍ଶିନୀ ଜିତିଲେ 'ପ୍ରାଇଡ୍ ମିସ୍ ଇଣ୍ଡିଆ' ମୁକୁଟ




ଭୁବନେଶ୍ୱର, ୭।୧୦(ସମିସ): ଓଡ଼ିଶାର ଭୁବନେଶ୍ୱରର ୧୮ ବର୍ଷୀୟା ଶ୍ରୀୟା ଶିବଦର୍ଶିନୀ ପଣ୍ଡା ପ୍ରାଇଡ୍ ମିସ୍ ଇଣ୍ଡିଆ ୨୦୨୬ ମୁକୁଟ ଜିତିଛନ୍ତି। ନୂଆଦିଲ୍ଲୀର ତାଜ ବିଭାନ୍ତାଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସେ ସାରା ଭାରତରୁ ଆସିଥିବା ୧୨୦ରୁ ଅଧିକ ପ୍ରତିଯୋଗୀଙ୍କ ମଧ୍ୟରୁ ବିଜୟୀ ହୋଇଛନ୍ତି। ଜାତୀୟ ପୋଷାକ, ପ୍ରତିଭା, ପ୍ରଶ୍ନୋତ୍ତର ଓ ର୍ୟାମ୍ପ ୱାକ୍ ଆଦି ପର୍ଯ୍ୟାୟରେ ସେ ସଫଳତା ଅର୍ଜନ କରିଥିଲେ। ଏହା ଡିକେ ପେଜେଣ୍ଟସ୍ ଦ୍ୱାରା ଆୟୋଜିତ ହୋଇଥିଲା। ଯାହାର ନିର୍ଦ୍ଦେଶନା ଦେଇଥିଲେ ଡ. ଜିମ୍ମି ଗରିମା ଏବଂ ଉପସ୍ଥାପନା କରିଥିଲେ ବଲିଉଡ୍ ଅଭିନେତା-ନିର୍ଦ୍ଦେଶକ ଅମନ ବର୍ମା। ଶ୍ରୀୟା କଟକର ଏସ୍‌ସିବି ମେଡିକାଲ୍ କଲେଜର ଦ୍ୱିତୀୟ ବର୍ଷ ଏମ୍‌ବିବିଏସ୍ ଛାତ୍ରୀ। ଏଥିସହିତ ଜଣେ ଓଡ଼ିଶୀ କ୍ଲାସିକାଲ୍ ନୃତ୍ୟଶିଳ୍ପୀ।

## ଆଜି 'ଓଡ଼ିଶା ବନ୍ଦ'; ପୁଲିସ ପ୍ରସ୍ତୁତ

### ଡିଜିପିଙ୍କ ସମୀକ୍ଷା ବୈଠକ

କଟକ,୭।୧୦(ସମିସ): ୮ ଅକ୍ଟୋବର ଗୁରୁବାର କଂଗ୍ରେସ ସମେତ କେତେକ ରାଜନୈତିକ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡକରାକୁ ନଜରରେ ରଖି ରାଜ୍ୟରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ବୁଧବାର ସନ୍ଧ୍ୟାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସମସ୍ତ ଥାନାଞ୍ଚଳରୁ ସୂଚନା ସଂଗ୍ରହ କରି ସ୍ଥାନୀୟ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ସମସ୍ତ ଜିଲ୍ଲା ଏସ୍‌ପିମାନଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ରାଜପଥ, ଜାତୀୟ ରାଜପଥ, ରେଳ ଷ୍ଟେସନ ଓ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ପର୍ଯ୍ୟାପ୍ତ ପୁଲିସ ମୁତୟନ ସହ ପାଟ୍ରୋଲିଂ ଓ ନାକା ଚେକିଂ ବୃଦ୍ଧି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆଗୁଆ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ ଏବଂ ଗୁଇନ୍ଦା ସୂଚନାକୁ ସୁଦୃଢ଼ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ବନ୍ଦ ସମୟରେ କୌଣସି ପ୍ରକାର ହିଂସା, ଭଙ୍ଗାରୁଜା, ବଳପୂର୍ବକ ଦୋକାନ ବଜାର ବନ୍ଦ କିମ୍ବା ସାଧାରଣ ଯାତାୟାତରେ ବାଧା ସୃଷ୍ଟି ଯେପରି ନହୁଏ, ସେଥିପ୍ରତି ସତର୍କ ରହିବାକୁ ସମସ୍ତ ଜିଲ୍ଲା ଏସ୍‌ପି ଓ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇନ ହାତକୁ ନେଉଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଓ ଦୃଢ଼ ଆଇନଗତ ପଦକ୍ଷେପ ନେବା ଦିଗରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ




ରାଜେଶ କୁମାର, ଡିଆଇଜିପି ଯୁଗଳ କିଶୋର କୁମାର ବନୋଥ, ମଡକର ସନ୍ଦୀପ ସମ୍ପଦ, କ୍ରାଇମବ୍ରାଞ୍ଚ ଏସପି ବିବେକାନନ୍ଦ ଶର୍ମା, ଏଆଇଜିପି ପ୍ରଭାଶଙ୍କର ନାୟକ ଏବଂ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା, ସମସ୍ତ ରେଞ୍ଜର ଆଇଜି, ଡିଆଇଜି, ସମସ୍ତ ଜିଲ୍ଲାର ଏସ୍‌ପି, ଡିସିପି ଭୁବନେଶ୍ୱର, ଡିସିପି କଟକ ଏବଂ ଏସ୍ଆର୍‌ପି କଟକ ଓ ରାଉରକେଲା ଯୋଗ ଦେଇଥିଲେ।

### ■ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

## କୁବେର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସମେତ ୨ ଗିରଫ

ବାରିପଦା/ବାଲେଶ୍ୱର,୭ ।୧୦(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଆର ଆଣ୍ଡ ବି ଉପଖଣ୍ଡର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଏକ୍ସଇସିକ୍ୟୁଟିଭ୍ ଇଞ୍ଜିନିୟର) ଅରବିନ୍ଦ ମହାନ୍ତି ଏବଂ ତାଙ୍କର ଜଣେ ସହଯୋଗୀଙ୍କୁ ଗିରଫ କରାଯାଇ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ବେତନଟୀ ଆର ଆଣ୍ଡ ବି ଉପଖଣ୍ଡରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତଥା ରାୟନ ରାମଚନ୍ଦ୍ରପୁର, ଜଳେଶ୍ୱର, ବର୍ତ୍ତମାନ କଲ୍ୟାଣ ନଗର, ଅଙ୍ଗାରଗାଡିଆ, ବାଲେଶ୍ୱରର ଅରବିନ୍ଦ ମହାନ୍ତିଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ବାରିପଦା ଭିଜିଲାନ୍ସ ବିଭାଗ ଗିରଫ କରିଛି। ଭିଜିଲାନ୍ସ ଇନ୍ସପେକ୍ଟର ବିକାଶ ରଞ୍ଜନ ସ୍ୱାଇଁଙ୍କ ତଦନ୍ତ ରିପୋର୍ଟ ଆଧାରରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (କେସ୍ ନଂ ୨୫/୨୦୨୬) ରୁଜୁ ହୋଇଥିଲା। ଭ୍ରଷ୍ଟାଚାର ନିବାରଣ ଆଇନ ଅଧୀନରେ ତଦନ୍ତ ଜାରି ରଖିବା ସହ ଭିଜିଲାନ୍ସ ଟିମ୍ ମୁଖ୍ୟ ଅଭିଯୁକ୍ତ ଅରବିନ୍ଦ ମହାନ୍ତିଙ୍କ ସମେତ ତାଙ୍କର ସହଯୋଗୀ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ବାଳିଆ କଲୋନୀର ବିଶ୍ୱନାଥ ପାଲଙ୍କୁ ମଧ୍ୟ ହେପାଜତକୁ ନେଇ କୋର୍ଟରେ ହାଜର କରାଯାଇଛି। ସମ୍ପୃକ୍ତ ଯନ୍ତ୍ରୀଙ୍କ ଆୟ-ବ୍ୟୟ ଏବଂ ସ୍ଥାବର-ଅସ୍ଥାବର ସମ୍ପତ୍ତିର ପରିମାଣ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି। ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

### ଏସିଏଫ ସୌମ୍ୟରଞ୍ଜନ ମୃତ୍ୟୁ ଘଟଣା

## ତତ୍କାଳୀନ ଡିଏଫଓଙ୍କ ଜାମିନ ଶୁଣାଣି

### କେସ୍ ଡାଏରୀ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୭।୧୦(ସମିସ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ଗିରଫ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରାଙ୍କ ଜାମିନ ଆବେଦନର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ଘଟଣାରେ କେସ ଡାଏରୀ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଶ୍ରୀ ବେହେରାଙ୍କ ଜାମିନ ଆବେଦନର ପ୍ରାରମ୍ଭିକ ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂଜା ଅବକାଶ ପରେ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ୨୦୨୧, ଜୁଲାଇରେ ଫରେଷ୍ଟ କଲୋନିସ୍ଥିତ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ସନ୍ଦେହଜନକ ଅବସ୍ଥାରେ ପୋଡ଼ି ହୋଇ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ, ତତ୍କାଳୀନ ଡିଏଫଓ ସଂଗ୍ରାମ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ସଂପୃକ୍ତି ଥିବା ପରିବାର ତରଫରୁ ଅଭିଯୋଗ କରାଯାଇଥିଲା। ନିମ୍ନ ଅଦାଲତରେ ଶ୍ରୀ ବେହେରାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଲ୍ଲେଖ ଯୋଗ୍ୟ ଯେ ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ବିଚାରାଧୀନ ରହିଛି।

## ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରହିଛି: ବିଜେଡି

### ■ ଓଡ଼ିଶାବାସୀଙ୍କ ଅଧିକାର ଓ ସ୍ୱାର୍ଥ ଉପରେ ବିଜେଡିର ସଦାବେଳେ ଗୁରୁତ୍ୱ
### ■ ଆସନ୍ତାକାଲିର ବନ୍ଦ ଡକରାକୁ ସମର୍ଥନ କିମ୍ବା ବିରୋଧ ନାହିଁ

ଭୁବନେଶ୍ୱର,୭।୧୦(ସମିସ): ଏକ ଦାୟିତ୍ୱବାନ ଆଞ୍ଚଳିକ ରାଜନୈତିକ ଦଳ ଭାବେ ବିଜୁ ଜନତା ଦଳ ସର୍ବଦା ଓଡ଼ିଶାବାସୀଙ୍କ ସ୍ୱାର୍ଥ, ଅଧିକାର ଓ ହକ୍ ପାଇଁ ଦୃଢ଼ ଭାବେ ଠିଆ ହୋଇଆସିଛି। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଯେତେବେଳେ ପ୍ରଭାବିତ ହୋଇଛି, ସେତେବେଳେ ବିଜେଡି ରାଜ୍ୟର ସ୍ୱାର୍ଥ ପାଇଁ ନିରନ୍ତର ଭାବେ ସ୍ୱର ଉତ୍ତୋଳନ କରିବା ସହ ଲୋକମାନଙ୍କ ପାଇଁ ରାଜରାସ୍ତାରେ ଲଢେଇ କରିଛି। ବିଜେଡି ଉଭୟ ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରଖିଛି ବୋଲି ବୁଧବାର ଆଉଥରେ ସ୍ପଷ୍ଟ କରିଛି ବିଜେଡି। ବିଜେଡି ଆସନ୍ତାକାଲି ଡକାଯାଇଥିବା ବନ୍ଦକୁ ନା ସମର୍ଥନ କରୁଛି, ନା ବିରୋଧ କରୁଛି। ଆମେ ଏକ ସ୍ୱାଧୀନ ଓ ନୀତିନିଷ୍ଠ ଆଭିମୁଖ୍ୟ ବଜାୟ ରଖିଛୁ। ଆମର ଫୋକସ୍ ଓଡ଼ିଶାବାସୀଙ୍କ ଅଧିକାର ଓ ସ୍ୱାର୍ଥ ଉପରେ ବୋଲି ବିଜେଡି ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଏକ ପ୍ରେସ ବିବୃତି ଦ୍ୱାରା ମତବ୍ୟକ୍ତ କରିଛନ୍ତି।

ଡ. ଲେନିନ ମହାନ୍ତି କହିଛନ୍ତି ଯେ ଏମ୍ଏମଡିଆର ସଂଶୋଧନ ଆଇନ୨୦୨୬କୁ ବିଜେଡି ଦୃଢ଼ ଭାବେ ବିରୋଧ କରିଛି। ଦଳର ମତରେ ଏହି ଆଇନ ଓଡ଼ିଶାର ମାଟି ଉପରେ ଥିବା ଅଧିକାର ଓ ଆର୍ଥିକ ସ୍ୱାର୍ଥକୁ ପ୍ରତିକୂଳ ଭାବେ ପ୍ରଭାବିତ କରୁଛି। ଏହି ଆଇନ ଦ୍ୱାରା ରାଜ୍ୟର ସ୍ୱାର୍ଥ କ୍ଷୁର୍ଣ୍ଣ ବୋଲି ବିଜେଡି ସାରା ରାଜ୍ୟରେ ପ୍ରତିବାଦ ଆୟୋଜନ କରିବା ସହ ଜନମତ ସୃଷ୍ଟି ପାଇଁ ନିରନ୍ତର ଆନ୍ଦୋଳନ କରିଆସିଛି। ଡ. ମହାନ୍ତି ଆହୁରି ମଧ୍ୟ କହିଥିଲେ ଯେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବିରୋଧରେ ମଧ୍ୟ ବିଜେଡି ଏକ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଥିଲା । ୧,୮୦୦ରୁ ଅଧିକ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନ ବିରୋଧରେ ଏହି ଆନ୍ଦୋଳନ କରାଯାଇଥିଲା । ଏହି ପ୍ରସଙ୍ଗକୁ ସାରା ଓଡ଼ିଶାରେ ଉଠାଯାଇଥିଲା, କାରଣ ସ୍କୁଲ ଶିକ୍ଷାର ଗୁଣବତ୍ତା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ ବୋଲି ବିଜେଡି ବାରମ୍ବାର କହିଆସୁଛି। ସେହିପରି ଏସ୍ଆଇଆର୍ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଦ୍ୱାରା ଆୟୋଜିତ ନୂଆଦିଲ୍ଲୀରେ ଭାରତୀୟ ନିର୍ବାଚନ କାର୍ଯ୍ୟାଳୟ ଅଭିମୁଖେ ରାଲିରେ ବିଜେଡି ରାଜ୍ୟସଭା ସାଂସଦମାନେ ଅଂଶଗ୍ରହଣ କରିଥିଲେ। ଏହି ରାଲିରେ ବିରୋଧୀ ଦଳଗୁଡ଼ିକ ଭୋଟର ତାଲିକାର ଏସ୍ଆଇଆର ପ୍ରକ୍ରିୟାକୁ ନେଇ ନିଜର ଚିନ୍ତା ପ୍ରକାଶ କରିବା ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ବିରୋଧୀ ଦଳଗୁଡ଼ିକର ବ୍ୟାପକ ଅଭିଯାନର ଅଂଶ ଭାବେ ଏହି ରାଲି ପ୍ରତିବାଦ ଆୟୋଜିତ ହୋଇଥିଲା । ଏସ୍ଆଇଆର ପ୍ରକ୍ରିୟାକୁ ନେଇ ଗୁରୁତର ଚିନ୍ତା ପ୍ରକାଶ ପାଇଛି । ବିରୋଧୀ ଦଳଗୁଡ଼ିକର ଅଭିଯୋଗ ଅନୁଯାୟୀ ବହୁ ସଂଖ୍ୟକ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଛି । ଏଥିରେ ଓଡ଼ିଶାର ୨୭.୫୦ ଲକ୍ଷ ଲୋକ ମଧ୍ୟ ବାଦ୍ ପଡିଛନ୍ତି। ନାଗରିକମାନଙ୍କ ମତଦାନ ଅଧିକାରର ସୁରକ୍ଷା ପ୍ରସଙ୍ଗରେ ନିଜର ଆଭିମୁଖ୍ୟର ଅଂଶ ଭାବେ ବିଜେଡି ନୂଆଦିଲ୍ଲୀର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲା। ସେ ଆହୁରି କହିଥିଲେ ଯେ ଆଜି ମଧ୍ୟ ବିଜେଡି ସୁନ୍ଦରଗଡ଼ରେ ଏମ୍ଏମଡିଆର ଆଇନ ବିରୋଧରେ ଅର୍ଥନୈତିକ ଅବରୋଧ ଆନ୍‌ଦୋଳନ କରିଛି। ସେଠାରେ ଦଳ ପକ୍ଷରୁ ସଂଶୋଧିତ ଆଇନ ବିରୋଧରେ ପ୍ରତିବାଦ ଓ ଆର୍ଥିକ ଅବରୋଧ ଆୟୋଜନ କରାଯାଇଛି। ଏହା ଦ୍ୱାରା ପୁଣିଥରେ ପ୍ରମାଣିତ ହୋଇଛି ଯେ ବିଜେଡି ଓଡ଼ିଶାବାସୀଙ୍କ ସହ ଠିଆ ହୋଇ ରାଜ୍ୟର ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ପାଇଁ ନିରନ୍ତର ଲଢ଼େଇ ଜାରି ରଖିବ। ବିଜେଡି ଓଡ଼ିଶାବାସୀଙ୍କ ସହ ସମ୍ପୃକ୍ତ ବିଭିନ୍ନ ପ୍ରସଙ୍ଗରେ ନିରନ୍ତର ଭାବେ କାର୍ଯ୍ୟ କରୁଛି। ବିଜେପି ଓ କଂଗ୍ରେସ ଉଭୟଙ୍କଠାରୁ ବିଜେଡି ସମଦୂରତା ବଜାୟ ରଖିଛି ଏବଂ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଆଧାର କରି ନିଜର ନିଷ୍ପତ୍ତି ନେଇ ଚାଲିବ। ଏକ ଦାୟିତ୍ୱବାନ ଆଞ୍ଚଳିକ ଦଳ ଭାବେ ବିଜେଡି ଓଡ଼ିଶା ସମ୍ପର୍କିତ ପ୍ରସଙ୍ଗଗୁଡ଼ିକୁ ନିରନ୍ତର ଉଠାଇବ, ରାଜ୍ୟର ସ୍ୱାର୍ଥ ପାଇଁ କ୍ଷତିକାରକ ନୀତିଗୁଡ଼ିକୁ ପ୍ରଶ୍ନ କରିବ ଏବଂ ଲୋକଙ୍କ ସହ ଦୃଢ଼ ଭାବେ ଠିଆ ହୋଇ ନିଜର ସ୍ୱାଧୀନ ରାଜନୈତିକ ପରିଚୟ ଓ ବିଜେପି ଏବଂ କଂଗ୍ରେସଠାରୁ ସମଦୂରତା ବଜାୟ ରଖିବ ବୋଲି ଡ. ମହାନ୍ତି କହିଛନ୍ତି।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବ୍ୟାଟେରି ଚାଳିତ ଯାନ ପ୍ରଦାନ



ଯାଜପୁର,୭।୧୦(ସମିସ): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଯାତାୟାତକୁ ସୁଗମ କରିବା ସହ ଉଚ୍ଚଶିକ୍ଷା ଜାରି ରଖିବାରେ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ବ୍ୟାଟେରି ଚାଳିତ ତିନିଚକିଆ ଯାନ ପ୍ରଦାନ କାର୍ଯ୍ୟକ୍ରମ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଯାଜପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଛାତ୍ରଛାତ୍ରୀଙ୍କୁ ବ୍ୟାଟେରି ଚାଳିତ ତିନିଚକିଆ ଯାନ ପ୍ରଦାନ କରିଥିଲେ। ଯାଜପୁର ଜିଲ୍ଲାର ୨୪ଟି ଉଚ୍ଚଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ମୋଟ ୫୯ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଏହି ଯାନ ପ୍ରଦାନ କରାଯାଇଛି। ଏହି ଅବସରରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ପ୍ରଫେସର ଜମି ସାଗର ପୃଷ୍ଟି ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ଜାନକୀ ହେମ୍ବ୍ରମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପଦକ୍ଷେପ ଦ୍ୱାରା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଯାତାୟାତରେ ସ୍ୱାଧୀନତା ଆସିବା ସହ ଉଚ୍ଚଶିକ୍ଷା ଅବ୍ୟାହତ ରଖିବାରେ ସେମାନେ ଅଧିକ ଉତ୍ସାହିତ ହେବେ। ଏଥିସହ ଦିବ୍ୟାଙ୍ଗଜନଙ୍କ ସଶକ୍ତିକରଣ ଓ ସମାଜର ମୁଖ୍ୟସ୍ରୋତରେ ସେମାନଙ୍କ ସମ୍ପୃକ୍ତି ସୁନିଶ୍ଚିତ କରିବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଜିଲ୍ଲାପାଳ ଶ୍ରୀ କର ମତପ୍ରକାଶ କରିଥିଲେ।

# 'ଯାଜପୁରରେ ବିଗୁଡ଼ୁଛି ଆଇନ ଶୃଙ୍ଖଳା ପରିସ୍ଥିତ'

ଯାଜପୁର,୭।୧୦(ସମିସ): ଯାଜପୁର ଜିଲ୍ଲାରେ ଦିନକୁ ଦିନ ବିଗିଡ଼ି ଚାଲିଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ। ଜିଲ୍ଲାରେ ଲଗାତାର ଘଟୁଥିବା ବିଭିନ୍ନ ଘଟଣାକୁ ନେଇ ସାଧାରଣ ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ଭାବନା ସୃଷ୍ଟି ହେଉଥିବା ସେ କହିଛନ୍ତି। ଲୋକଙ୍କ ଧନଜୀବନର ସୁରକ୍ଷା ଏବଂ ଆଇନର ଶାସନ ବଜାୟ ରଖିବା ସରକାରଙ୍କ ପ୍ରଥମ ଦାୟିତ୍ୱ ବୋଲି ଇଂ. ଘଡାଇ ମତ ପ୍ରକାଶ କରିଛନ୍ତି। ଯାଜପୁର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ନେଇ ଲୋକଙ୍କ ମଧ୍ୟରେ ଯେପରି ଅସନ୍ତୋଷ ଓ ଅନିଶ୍ଚିତତା ସୃଷ୍ଟି ନହୁଏ, ସେଥିପାଇଁ ପ୍ରଶାସନ ଓ ପୁଲିସ ବ୍ୟବସ୍ଥାକୁ ଅଧିକ ସକ୍ରିୟ ହେବା ଆବଶ୍ୟକ ବୋଲି ସେ ଦର୍ଶାଇଛନ୍ତି। ଯାଜପୁରବାସୀଙ୍କ ସୁରକ୍ଷା ସହ କୌଣସି ପ୍ରକାର ସାଲିସ୍ ଗ୍ରହଣୀୟ ନୁହେଁ ବୋଲି ଇଂ. ଘଡ଼ାଇ କହିବା ସହ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା, ଅପରାଧ ନିୟନ୍ତ୍ରଣ କରିବା ଏବଂ ଅପରାଧୀଙ୍କ ବିରୋଧରେ କଠୋର ଓ ନିରପେକ୍ଷ ଆଇନଗତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଲୋକଙ୍କ ମନରେ ସୁରକ୍ଷାର ବିଶ୍ୱାସ ଫେରାଇ ଆଣିବା ପାଇଁ ପ୍ରଶାସନ ତୁରନ୍ତ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

# ବ୍ଲକସ୍ତରୀୟ ସେବା ସେତୁ ଶିବିର




ବିଞ୍ଝାରପୁର,୭।୧୦(ସମିସ): ବିଞ୍ଝାରପୁର ବ୍ଲକ ପରିସରରେ ବ୍ଲକସ୍ତରୀୟ "ସେବା ସେତୁ' ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଛବିରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରକୁ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଉଦ୍‌ଘାଟନ କରିଥିବା ବେଳେ ତହସିଲଦାର ପ୍ରମୋଦ କୁମାର ବାସ୍କେ, ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ଏହି ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଅନୁପସ୍ଥିତି ଥିବା ବେଳେ ବିଜେପି ନେତ୍ରୀ ବବିତା ମଲ୍ଲିକଙ୍କ ମଞ୍ଚରେ ଉପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଅବସରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକେ ଆବାସ ଯୋଜନାରେ ଘର ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା, ବିଭିନ୍ନ ରାସ୍ତାର ମରାମତି ଏବଂ ଚୋରା ବାଲି ଚାଲାଣ ରୋକିବା ଭଳି ସମସ୍ୟାକୁ ନେଇ ସାଂସଦଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଂସଦ ଡ. ବେହେରା ବିଡିଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସରକାରୀ ସେବାକୁ ଲୋକଙ୍କ ନିକଟରେ ସହଜ ଓ ସୁଗମ ଭାବେ ପହଞ୍ଚାଇବା, ଲୋକଙ୍କ ଅଭିଯୋଗ ଶୁଣିବା ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା "ସେବା ସେତୁ' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସାଂସଦ କହିଥିଲେ। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣ ସରକାରୀ ଥିଲା ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଏଥିପାଇଁ ଡକାଯାଇଥିଲା। ବବିତା ମଲ୍ଲିକଙ୍କୁ ସାଂସଦ ଡାକିଥିବେ ବୋଲି ସେ କହିଥିବା ବେଳେ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ମଧ୍ୟ ଡକାଯାଇଥିଲା ବେଳେ ତାଙ୍କର ଦଳୀୟ କାର୍ଯ୍ୟକ୍ରମ ଥିବାରୁ ସେ ଯୋଗଦେଇପାରିନଥିବା କହିଛନ୍ତି।

## ଘରୋଇ ଆବର୍ଜନାରେ ପୋତିହେଲାଣି କେନାଲ

# ଚାଷ ଜମିରେ ପହଞ୍ଚି ପାରୁନି ପାଣି

ବାଲିଚନ୍ଦ୍ରପୁର,୭।୧୦(ସମିସ):

ଜମିରେ ପାଣି ମାଡ଼ିବା ବଦଳରେ ନାଳରେ ଜମିଛି ଅଳିଆ ଆବର୍ଜନା। ଏ ସଂପର୍କରେ ବାରମ୍ବାର ପ୍ରଶାସନକୁ ଅବଗତ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନ ନେବାରୁ ବାଧ୍ୟ ହୋଇ ନିଜ ହାତରେ କୋଦାଳ ଧରିଛନ୍ତି କ୍ଷତିଗ୍ରସ୍ତ ଚାଷୀ। ପତରାଜପୁର ଅଞ୍ଚଳରେ ଏଭଳି ଏକ ଅଭାବନୀୟ ଏବଂ ପ୍ରଶାସନିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ମୁତାବକ, ବାଲିଚନ୍ଦ୍ରପୁର ଠାରେ ଥିବା ୭ନମ୍ବର କେନାଲରୁ ବାହାରିଥିବା ନଳିପୁର ସବମାଇନର କେନାଲଟି ବାଲିଚନ୍ଦ୍ରପୁର ଠାରୁ ପତରାଜପୁର ୱାର୍ଡ ନଂ-୨ ପର୍ଯ୍ୟନ୍ତ ଯାଇଛି। ଏହି କେନାଲ କଡ଼େ କଡ଼େ ପତରାଜପୁର ଗ୍ରାମର ୫୦ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ରହିଛି। ମାତ୍ର ଦୁଃଖର କଥା ବର୍ତ୍ତମାନ ନାଳ ଦେଇ ଜମିକୁ ପାଣି ଯାଇପାରୁନାହିଁ। କେନାଲ କଡେ କଡେ ଗଢିଉଠିଥିବା ଦୋକାନ ଓ ଚାଷ ଜମିରେ ଘର କରି ରହିଥିବା ଲୋକମାଙ୍କନର ଘରର ଅଳିଆ ଆବର୍ଜନା ବ୍ୟାଗ, ପ୍ଲାଷ୍ଟିକ, ଖାଦ୍ୟ ଥାଳି ଓ ବିଭିନ୍ନ ପ୍ରତିଦିନ ବ୍ୟବହାର କରୁଥିବା ବର୍ଜ୍ୟବସ୍ତୁ ପକାଇ କେନାଲକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିବା ଅଭିଯୋଗ ହୋଇଛି।



କେବଳ ସେତିକି ନୁହେଁ ଲଳିତଗିରି ଆର୍‌ଡି ରାସ୍ତାର କଡ଼େ କଡ଼େ ଥିବା ଚାଷ ଜମି ଗୁଡିକରେ ବିନା ଘରବାଡ଼ି କରି ଦ୍ୱିତଳ କୋଠାଘର କରି ରହିଥିବା ଲୋକମାନେ ନିଜ ନିଜର ଶୌଚାଳୟ ଓ ଗାଧୁଆ ପାଣି ନିଷ୍କାସନ ପାଇଁ ବାଲିଚନ୍ଦ୍ରପୁରରୁ ବୌଦ୍ଧ ପୀଠ ଲଳିତଗିରିକୁ ଯାଇଥିବା ଆର୍‌ଡି ରାସ୍ତାକୁ ଖୋଳି ପାଇପ୍ ବସାଇ ବର୍ଜ୍ୟପାଣି କେନାଲକୁ ଛାଡୁଛନ୍ତି ଓ ନାଳକୁ ନିଜ ଘରର ଡଷ୍ଟବିନ ଭାବରେ ନିତ୍ୟ ବ୍ୟବହାର କରୁଥିବାର ଦେଖିବାକୁ ମିଳୁଛି। ଦୁର୍ଭାଗ୍ୟର ବିଷୟ ସେହି ଦୁର୍ଗନ୍ଧ ଯୁକ୍ତ ବର୍ଜ୍ୟପାଣି ଓ ଆବର୍ଜନାରେ ପଶି ଆଜି ଚାଷୀମାନେ ନାଳ ସଫା କରିବାକୁ ବାଧ୍ୟ ହୋଇଛନ୍ତି। ଚାଷୀମାନଙ୍କ ନେତୃତ୍ୱ ନେଉଥିବା ନିରୋଦ ଚନ୍ଦ୍ର ସେନାପତି କୁହନ୍ତି ଆମ୍ଭେମାନେ ନାଳର ଏ ଅବସ୍ଥା ନେଇ ବଡ଼ଚଣା ବିଧାୟକ, ବଡ଼ଚଣା, ବ୍ଲକ ଉନ୍ନୟନ ଅଧିକାରୀ, ଦର୍ପଣ, ତହସିଲଦାର, ଏସ୍‌ଡିଓ (ଇରିଗେସନ) ଏବଂ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ କିମ୍ବା ନାଳକୁ ଭଲ ଭାବେ ସଫା କରାଯାଉନାହିଁ। ଏହି ସମସ୍ୟା ସମ୍ପର୍କରେ ଜଳସେଚନ ବିଭାଗ ଏସ୍‌ଡିଓ ଶୈଳେନ୍ଦ୍ର ନାରାୟଣ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି ଆମେ କ'ଣ କରିବୁ? ଦୋକାନୀ ଭାଇମାନଙ୍କୁ ବାରମ୍ବାର କହିବା ପରେ ମଧ ବର୍ଜ୍ୟବସ୍ତୁ ପକାଉଛନ୍ତି। ଆମେ ପୁଣି ନ ପକାଇବା ପାଇଁ ସଚେତନ କରିବୁ। ପାଣି ପଞ୍ଚାୟତର ସଭାପତି ରଞ୍ଜିତ କୁମାର ସାମଲ କହିଛନ୍ତି ମୁଁ ଯେତେ ସଫା କଲେବି ପୁଣି ଅଳିଆ ପକାଉଛନ୍ତି। ଏଣୁ ଚାଷୀ ଭାଇମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ ସୋଲାର ମାଧ୍ୟମରେ ବୋରିଂ

## ସଫେଇ ପାଇଁ କୋଦାଳ ଧରିଲେ ଚାଷୀ

ଖୋଳି ଚାଷ ଜମିକୁ ପାଣି ଯୋଗାଇ ଦିଆଯିବ। ତେବେ ପ୍ରଶାସନର ଏଭଳି ପ୍ରତିଶ୍ରୁତିକୁ ଅପେକ୍ଷା ନକରି ଆଜି ୨୦ରୁ ଊର୍ଦ୍ଧ୍ୱ ଚାଷୀ ନିରୋଦ ଚନ୍ଦ୍ର ସେନାପତି, ରମେଶ ଚନ୍ଦ୍ର ଦାସ, ପ୍ରଭାତ ସେନାପତି, ହେମନ୍ତ କୁମାର ବେହେରା, ଅରକ୍ଷିତ ବେହେରା, ଅଧିକାରୀ ଧୀରେନ୍ଦ୍ର କୁମାର ଦାସ, କ୍ଷୀରୋଦ କୁମାର ବଳ, ଭିକାରୀ ବେହେରା ଏବଂ ନିରଞ୍ଜନ ଭୂୟାଁ ପ୍ରମୁଖ ଚାଷୀ ମାନେ ନିଜ ଶ୍ରମଦାନ କରି ନାଳରୁ ପଙ୍କ ଓ ଅଳିଆ ସଫା କରିଛନ୍ତି। ପତରାଜପୁର ଗ୍ରାମ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନା ମଧ କିଭଳି ରୂପେ କାମ କରୁଛି ତାହା ମଧ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ରାସ୍ତାର ଉନ୍ନତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

ବ୍ୟାସନଗର,୭।୧୦(ସମିସ): ବ୍ୟାସନଗର ସହରର ମୁଖ୍ୟ ରାସ୍ତା ବ୍ୟାସଦେବ ଟାଉନ୍ ହଲ ଠାରୁ ଚୋରଦା ବାଇପାସ ଛକ ଏବଂ ଗୋପବନ୍ଧୁ ଛକଠାରୁ ଚୋରଦା ବାଇପାସ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ ନିମନ୍ତେ କୋରେଇର ବିଧାୟକ ଆକାଶ ଦାସନାୟକ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବ୍ୟାସଦେବ ଟାଉନ ହଲଠାରୁ ଚୋରଦା ବାଇପାସ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ, ଡ୍ରେନ୍ ନିର୍ମାଣ ନିମନ୍ତେ ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗ ୨ କୋଟି ୩୩ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଛି। ସେହିପରି ଗୋପବନ୍ଧୁ ଛକ ଠାରୁ ଚୋରଦା ବାଇପାସ ଛକ ପର୍ଯ୍ୟନ୍ତ ରାସ୍ତା ମାଷ୍ଟିକ୍



ପିଚୁ ରାସ୍ତା ନିର୍ମାଣ ସହିତ ଡ୍ରେନ୍ ଠାରୁ କଂକ୍ରିଟ୍ ରାସ୍ତା ପର୍ଯ୍ୟନ୍ତ ଥିବା ମାଟି ରାସ୍ତାକୁ ଫେବର ରାସ୍ତା ନିର୍ମାଣ ନିମନ୍ତେ ୩ କୋଟି ୫୦ ଲକ୍ଷ ଟଙ୍କା ଅର୍ଥ ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗ ମଞ୍ଜୁର କରିଛି। ଏହି ଶିଳାନ୍ୟାସ ଉତ୍ସବରେ ବ୍ୟାସନଗର ମ୍ୟୁନିସିପାଲିଟି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ,୧୪ନଂ ୱାର୍ଡ ବିଜେଡି କାଉନସିଲର ସିଦ୍ଧାର୍ଥ ସାମଲ, ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. କୋମଳ କୁମାର ସ୍ୱାଇଁ, ଯାଜପୁର ରୋଡ଼ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରଶାନ୍ତ ପଲେଇ, ଯାଜପୁର ଜିଲ୍ଲା ଉପସଭାପତି ଅଯୋଧ୍ୟା ଜେନା, ଜିଲ୍ଲା ମହିଳା ସଭାନେତ୍ରୀ ଦିପ୍ତିମୟୀ କୁଅଁର, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ବ୍ୟାସନଗର ପୌର ପରିଷଦ ସାଂସଦ ପ୍ରତିନିଧି ନିରଞ୍ଜନ ଘଡାଇ, ସ୍ୱର୍ଣ୍ଣପ୍ରଭା ନାୟକ, ରାନି ସାମଲ, ନିବେଦିତା ଜେନା, ଆଶା ମହାନ୍ତି, ତିଲୋତମା ସେଠୀ, ସନ୍ଧ୍ୟାରାଣୀ ସାହୁ, ସନ୍ଦୀପ ପରିଡା, ସତ୍ୟବ୍ରତ ଜେନା, ଅଜିତ ପରିଡା, କୈଳାସ ସାମଲ ପ୍ରମୁଖ ଯୋଗଦେଇଥିଲେ।

## ■ ମେଡିସିନ ଦୋକାନରେ ଲୁଟ୍ ପୁଲିସ ହାତରେ ଜଣେ ଅଭିଯୁକ୍ତ

ବ୍ରହ୍ମବରଦା,୭।୧୦(ସମିସ): ବ୍ରହ୍ମବରଦା ଏଚ୍‌ଆରଏମ୍ ଛକସ୍ଥିତ ଏକ ମେଡିସିନ ଦୋକାନରେ ପଶି ମାଡ଼ ମାରିବା ଓ ନଗଦ ଟଙ୍କା ଲୁଟ ଘଟଣାରେ ବ୍ରହ୍ମବରଦା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରମେଶ ମଲ୍ଲିକଙ୍କ ପୁଅ ବିକାଶ ମଲ୍ଲିକ। ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ୧୨ ତାରିଖରେ କିଛି ଯୁବକ ଦୋକାନରେ ପଶି ଅଶ୍ଳୀଳ ଗାଳିଗୁଲଜ କରିବା ସହ ଲୁହାରଡ୍ ଓ କାଚ ବୋତଲରେ ମାଡ଼ ମାରିଥିଲେ। ଏଥିସହ ଦୋକାନରୁ ୨୦ ହଜାରୁ ଅଧିକ ଟଙ୍କା ଲୁଟ କରି ନେଇଥିଲେ। ଏନେଇ ବ୍ରହ୍ମବରଦା ଥାନାରେ ୧୫୯/୨୬ ନମ୍ବରରେ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ କରୁଥିବା ବେଳେ ଆଜି ପୁଲିସ ବିକାଶକୁ ଗିରଫ କରିଛି। ଏହି ଘଟଣାରେ ଅନ୍ୟ ସମ୍ପୃକ୍ତ ଯୁବକଙ୍କୁ ମଧ୍ୟ ଖୋଜାଖୋଜି ଚାଲିଥିବା ପୁଲିସ ସୂତ୍ରୁ ଜଣାପଡିଛି।

## ମନିପର୍ସ ସହ ଟଙ୍କା ଓ ଏଟିଏମ କାର୍ଡ ଫେରାଇଲେ ଯୁବକ

ବରୁଆଁ,୭।୧୦(ସମିସ): ଯାଜପୁର ଜିଲ୍ଲା କାଟିଆ ମଙ୍ଗଳପୁର ଗ୍ରାମର ମହମ୍ମଦ ଫୈଜାନ୍ ଆକ୍ରମ୍ ନିଜ ଘରୁ ବାଇକ୍ ଯୋଗେ ଭୁବନେଶ୍ୱର ଯିବା ବେଳେ ଯାଜପୁର ସଦର ଥାନା ଅନ୍ତର୍ଗତ ବୁଢା ଘାଟ ନିକଟରେ ରାସ୍ତାରେ ପଡ଼ିଥିବା ଏକ ମନିପର୍ସ ପାଇଥିଲେ। ମନିପର୍ସ ମଧ୍ୟରେ ଥିବା ୩ ଗୋଟି ଏଟିଏମ୍ କାର୍ଡ ସହ ୭୩୦୦ ଟଙ୍କା ଥିବା ଦେଖି ଏଟିଏମ୍ କାର୍ଡ ରେ ଥିବା ନମ୍ବର୍ ରୁ ମନିପର୍ସ ହଜାଇଥିବା ବ୍ୟକ୍ତିର ପରିଚୟ ପାଇ ହଜାଇ ଥିବା ବ୍ୟକ୍ତିଙ୍କୁ ସୂଚନା ଦେବାସହ ସଦର ଥାନାରେ ମନିପର୍ସ ଜିମାଦେଇ ଥିଲେ। ପରେ ମନୀପର୍ସ ହଜିଯାଇଥିବା ମାଂସଡ଼ା କଲ୍ୟାଣ ପୁର ଗ୍ରାମର ସଞ୍ଜୀବ ସାହୁଙ୍କ ପିତା ସୁରେନ୍ଦ୍ର ସାହୁ ସଦର ଥାନାରେ ପହଞ୍ଚି ଉପଯୁକ୍ତ ପ୍ରମାଣ ଦେଇ ଟଙ୍କା ସହ ମନି ପର୍ସ ନେଇଥିଲେ ଓ ପସ୍ର୍ ଟିକୁ ପାଇଥିବା ଯୁବକଙ୍କ ବଦାନ୍ୟତା ପାଇଁ ଫୋନ୍ ଯୋଗେ ଧନ୍ୟବାଦ୍ ଜଣାଇଥିଲେ। ଯୁବକଙ୍କ ଏଭଳି ବଦାନ୍ୟତା ପାଇଁ ସଦର ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ଜଣାପଡିଛି।

## ମାଇଁ ଭାରତ ଜିଲ୍ଲା ପରାମର୍ଶଦାତା କମିଟି ବୈଠକ

ଯାଜପୁର,୭।୧୦(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବା ଭାରତ, ଯାଜପୁର ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଯାଜପୁର ଯୁଧିଷ୍ଠିର ନାୟକଙ୍କ ଅଧ୍ୟକ୍ଷତାରେ ମାଇଁ ଭାରତ ଜିଲ୍ଲା ପରାମର୍ଶଦାତା କମିଟିର ଦ୍ୱିତୀୟ ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନର ବିଭିନ୍ନ ଲାଇନ୍ ବିଭାଗର ପ୍ରତିନିଧିମାନେ ବୈଠକରେ ଯୋଗଦେଇଥିଲେ। ଜିଲ୍ଲାରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଏବଂ ଯୁବବର୍ଗଙ୍କ ସାର୍ଥକ ଅଂଶଗ୍ରହଣକୁ ବୃଦ୍ଧି କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଜିଲ୍ଲା ଯୁବ ଅଧିକାରୀ ମାଇ ଭାରତ ଯାଜପୁର, ଯିଏ ଜିଲ୍ଲା ପରାମର୍ଶଦାତା କମିଟିର ସଦସ୍ୟ ଆବାହକ, ବୈଠକରେ ବିସ୍ତୃତ ଆଲୋଚନା ପାଇଁ ଏଜେଣ୍ଡା ଉପସ୍ଥାପନ କରିଥିଲେ। କମିଟି ପକ୍ଷରୁ ଜିଲ୍ଲାରେ ମାଇ ଭାରତ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ କାର୍ଯ୍ୟକଳାପର ତ୍ରୈମାସିକ ପ୍ରଗତିର ସମୀକ୍ଷା କରାଯାଇଥିଲା ଏବଂ ତୃଣମୂଳ ସ୍ତରରେ ଯୁବବର୍ଗଙ୍କ ନିକଟରେ ପହଞ୍ଚ ଓ ଅଂଶଗ୍ରହଣକୁ ଆହୁରି ସୁଦୃଢ଼ କରିବା ପାଇଁ ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା।

# ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ଯାଜପୁର,୭।୧୦(ସମିସ): ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଭୁବନେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଯାଜପୁର ଦ୍ୱାରା ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଜିଲ୍ଲା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବାସୁଦେବ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଯାଜପୁର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ଉଦ୍‌ଘାଟକ ତଥା ମୁଖ୍ୟଅତିଥି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ସମ୍ମାନିତ ଅତିଥି ଏବଂ ଦୁଇ ବିଚାରକ ତଥା ବିଶିଷ୍ଟ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ ଓ ଅନ୍ୱେଷଣ ଥିଏଟରର ବରିଷ୍ଠ କଳାକାର ଖଗେଶ୍ୱର ସାହୁ ଯୋଗଦାନ କରିଥିଲେ। ୭ଟି ବ୍ଲକରୁ ଚୟନ ହୋଇଥିବା ଶ୍ରେଷ୍ଠ ଗ୍ରୁପ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଗ୍ରୁପରେ ୮ଜଣ ଲେଖାଏଁ ଛାତ୍ରଛାତ୍ରୀ ସହ ସେମାନଙ୍କର ଦୁଇ ସହଯୋଗୀ ଶିକ୍ଷକ ଯଥା ନିର୍ଦ୍ଦେଶକ ଏବଂ ସଂଳାପ ଲେଖକ ରୂପେ ଯୋଗଦାନ କରିଥିଲେ। "ବିଜ୍ଞାନ ଓ ସମାଜ' ବିଷୟ ବସ୍ତୁ ଉପରେ ସମୁଦ୍ର ପରିସଂସ୍ଥା ପ୍ରଦୂଷଣର କାରଣ ଓ ନିରାକରଣ, ବୈଦ୍ୟୁତିକ ଯାନର ଆବଶ୍ୟକତା, କୃତ୍ରିମ ବୁଦ୍ଧିମତା ବ୍ୟବହାର କେତେ ଉପଯୋଗୀ କିମ୍ବା ହାନିକାରକ ଆଦି ବିଷୟବସ୍ତୁ ଉପରେ ଅତି ଚମତ୍କାର ନାଟକ ପରିବେଷଣ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ପିଏମଶ୍ରୀ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ, ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ,




କଲଣ ଦ୍ୱିତୀୟ ସ୍ଥାନ ଓ ତୃତୀୟ ସ୍ଥାନରେ ଯୁଗ୍ମ ବିଜେତା ରୂପେ ନୀଳସୁନ୍ଦରପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ନେଉଳପୁର ଓ ପିଏମଶ୍ରୀ ଯାଜପୁର ଜିଲ୍ଲା ସ୍କୁଲ, ଯାଜପୁର ଘୋଷିତ ହୋଇଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବରେ ବିଜେତାଙ୍କୁ ପୁରସ୍କାର ସ୍ୱରୂପ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଯାଜପୁର ବ୍ଲକ ବିଜ୍ଞାନ ସଂଯୋଜକ ଶିବବ୍ରତ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କୋରେଇ ବ୍ଲକ ବିଜ୍ଞାନ ସଂଯୋଜକ ଜିତେନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଯାଜପୁର ଜିଲ୍ଲା ସ୍କୁଲର ବରିଷ୍ଠ ଶିକ୍ଷକ ରାଧାରମଣ ମହାରଣା, ଶିକ୍ଷୟିତ୍ରୀ ରଶ୍ମିତା ଖିଲାର ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟ ପିଏମଶ୍ରୀ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ମନୋନୀତ ହୋଇଛି। ଯାହାକି ଅକ୍ଟୋବର ୯ ତାରିଖ ଦିନ ଗୌତମ ବୁଦ୍ଧ ସଂସ୍କୃତି ଭବନ ଯାଜପୁରଠାରେ ଅନୁଷ୍ଠିତ ହେବାକୁ ଯାଉଛି।

## ଏସ୍‌ଆଇଆରରେ ପୁନଃ ସଂଯୋଗ

# ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ସୁଯୋଗ

ଯାଜପୁର,୭।୧୦(ସମିସ):

ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ଆଜିଠାରୁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଅକ୍ଟୋବର ୭, ୮ ଓ ୯ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ। ଏହି ଅଭିଯାନରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରାଯିବ। ଯେଉମାନେ ୧-୧୦-୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ। ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ଏଥିସହିତ, ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ। ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ ମୁଖ୍ୟ ନିର୍ବାଚନ କମିଶନର ଓଡିଶାଙ୍କ ୱେବସାଇଟରେ ଉପଲବ୍ଧ କରାଯିବ। ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଞ୍ଚ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ସୁଯୋଗ ରହିବ। ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ସମ୍ପର୍କିତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ୍ୟ ପ୍ରଦାନ କରାଯିବ। ରାଜନୈତିକ ଦଳର ପ୍ରତିନିଧିମାନେ ତାଲିକାକୁ ଯାଞ୍ଚ କରି ଆବଶ୍ୟକ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହା ମାଧ୍ୟମରେ ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ସୁନିଶ୍ଚିତ କରିବା ସହ ଅଯୋଗ୍ୟ କିମ୍ବା ଅସଙ୍ଗତ ଏଣ୍ଟ୍ରି ଚିହ୍ନଟ ଓ ସଂଶୋଧନ କରିବାରେ ସହାୟତା ମିଳିବ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶାନୁଯାୟୀ, ଜିଲ୍ଲାସ୍ତରରେ ସମସ୍ତ ବୁଥସ୍ତରୀୟ ଅଧିକାରୀଙ୍କୁ ବାଦ୍ ପଡିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଏଲଓ ମାନଙ୍କୁ ନିଜ ନିଜ ଅଧୀନସ୍ଥ ଅଞ୍ଚଳରେ ଭୋଟର ତାଲିକାରେ ବାଦ୍ ପଡିଥିବା ଯୋଗ୍ୟ ଭୋଟର ନାମ ଓ ନୂତନ ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସୁଗମ କରିବା ନିମନ୍ତେ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଭୋଟର ତାଲିକାରେ ନିଜ ନାମ ସାମିଲ କରିବାକୁ ଯୋଗ୍ୟ ସମସ୍ତ ବ୍ୟକ୍ତି ଆୟୋଜିତ ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ଫର୍ମ-୬ ମାଧ୍ୟମରେ ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି।

## ତାଏକ୍ୱୋଣ୍ଡରେ ଯାଜପୁର ପ୍ରତିଯୋଗୀଙ୍କ କୃତିତ୍ୱ

ଧର୍ମଶାଳା, ୭।୧୦(ସମିସ): ମଧ୍ୟପ୍ରଦେଶ ସ୍ଥିତ ଇନ୍ଦୋରଠାରେ ଆୟୋଜିତ ଜାତୀୟ ସ୍ତରୀୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପରେ ଯାଜପୁରର ପ୍ରତିଯୋଗିମାନେ ସଫଳତା ହାସଲ କରିଛନ୍ତି। ଏଥିରେ ଓଡିଶାରୁ ୫୨ ଜଣ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ଯାଜପୁର ଜିଲ୍ଲା ଧର୍ମଶାଳା



ତାଏକ୍ୱୋଣ୍ଡୋ ଏକାଡେମୀରୁ ୪ ଜଣ ଖେଳାଳି ଅଂଶ ଗ୍ରହଣ କରି ଚମତ୍କାର ପଦର୍ଶନ କରିଥିଲେ। ୫୯ କେଜି ଜୁନିଅର ବାଳକ ବିଭାଗର ଓମ୍‌ପ୍ରକାଶ ସାମଲ ଚମତ୍କାର ପଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ସବଜୁନିୟର ବାଳକ ବିଭାଗର ନିତେଶ ସାହୁ ରୌପ୍ୟ ପଦକ, ଜୁନିୟର ବାଳିକା ବିଭାଗର ଶ୍ରେୟାଶ୍ରୀ ରାୟ ପେୟାର ପୁମସେରେ କାଂସ୍ୟ ପଦକ ଓ ଜୁନିଅର ବାଳକ ବିଭାଗର ଇଣ୍ଡିଭିଜୁଆଲ ପୁମସେ ଓ ଟିମ ପୁମସେରେ ଶୁଭ୍ରାଂଶୁ ସାହୁ ୨ଟି କାଂସ୍ୟ ପଦକ ହାସଲ କରି ଜିଲ୍ଲା ତଥା ରାଜ୍ୟକୁ ଗୌରବାନ୍ୱିତ ଖେଳାଳି ମାନଙ୍କ ସଫଳତା ପରେ ପ୍ରଶିକ୍ଷକ ସମର ସିଂହ, ଓଡିଶା ତାଏକ୍ୱୋଣ୍ଡୋ ଆସୋସେସନର ସମ୍ପାଦକ ମନମୋହନ ଭଞ୍ଜ, ଯାଜପୁର ତାଏକ୍ୱୋଣ୍ଡୋ ଆସୋସେସନର ସାଧାରଣ ସମ୍ପାଦକ ଯଯାତି କେଶରୀ ଧଳ, ଧର୍ମଶାଳା ତାଏକ୍ୱୋଣ୍ଡୋ ଏକାଡେମୀର ସଭାପତି ସନ୍ତୋଷ କୁମାର ସାହୁ, ଉପସଭାପତି ସୁଶାନ୍ତ କୁମାର ବେହେରା ଶୁଭେଚ୍ଛା ଜଣାଇଛନ୍ତି।

# ଛାତ୍ରସଂସଦ ନିର୍ବାଚନ; ଜମିଲାଣି କ୍ୟାମ୍ପସ

## ଏସ୍‌ଜି କଲେଜ ବିସିଜେଡି ପ୍ରାର୍ଥୀ ଘୋଷିତ



ମଙ୍ଗଳପୁର,୭।୧୦(ସମିସ): ଛାତ୍ର ସଂସଦ ନିର୍ବାଚନ ପାଇଁ ଚଳଚଞ୍ଚଳ ହୋଇଉଠିଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ କନିକାପଡାସ୍ଥିତ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ (ଏସଜି କଲେଜ)। ଏ ନେଇ ଇଂ. ତିମିରକାନ୍ତ ସେନାପତିଙ୍କ ସଭାପତିତ୍ୱରେ ବିଜୁ ଛାତ୍ର ଜନତା ଦଳ ତରଫରୁ ଏକ ପ୍ୟାନେଲ ମିଟିଂ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି, କନିକାପଡାର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମଙ୍ଗଳପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଶିଶିର କୁମାର ଧଳ, ନନ୍ଦିପୁରର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ମହାନ୍ତି, କନିକାପଡା ସରପଞ୍ଚ ପ୍ରଦୀପ ଯେନା, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଜୟନ୍ତରା ସରପଞ୍ଚଙ୍କ ପ୍ରତିନିଧି ଅଜିତ ସାମଲ, ଦଶରଥପୁର ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ସଂଜୀତ ମହାନ୍ତି, ପୂର୍ବତନ ଛାତ୍ର ସଂସଦ ସଭାପତି ଦୀପକ ବାରିକ, ଯୁବନେତା ବିରଜା ମଲ୍ଲିକ, ରାକେଶ କୁମାର ଜେନା, ବୃନ୍ଦାବନ ଦାସ, ବେଦପ୍ରକାଶ ଜେନା, ହିମାଂଶୁ ପରିଡା, ଚଷାଖଣ୍ଡ ସରପଞ୍ଚ ପ୍ରତିଭା ମଲ୍ଲିକ, ଯୁବନେତା ବିଜୟ ରାଉତ, ଛାତ୍ର ନେତା ଚିନ୍ମୟ ମାହୁନ୍ତ, ସୁମନ ନାୟକ, ହିମାଂଶୁ ନାୟକ, ବିଶ୍ୱଜିତ ଦାସ, ଅବିନାଶ ମଲ୍ଲିକ, ପ୍ରସନ୍ନ ଜିତ ମହାପାତ୍ର, ରାଜେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ମହାବିଦ୍ୟାଳୟ ପାଇଁ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିବାରୁ ତାଙ୍କ ସମୟରେ ନାକ୍ ଟିମ ପରିଦର୍ଶନ କରି ମହାବିଦ୍ୟାଳୟକୁ ବି+ ମାନ୍ୟତା ପ୍ରଦାନ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟର ଭିତିଭୂମିର ବିକାଶ ପାଇଁ ନବୀନ ସରକାର ସମୟରେ ୧୫ କୋଟି ଟଙ୍କା ଅନୁଦାନ ଯୋଗେଇ ଦିଆଯାଇଥିଲା ବୋଲି ବକ୍ତାମାନେ କହିଥିଲେ। ଏଥର ଛାତ୍ର ସଂସଦ ନିର୍ବାଚନରେ ଶାସକ ଦଳକୁ ଉଚିତ ଜବାବ ଦିଆଯିବ ବୋଲି ଛାତ୍ର ନେତା ଦେବାଶିଷ ଦାସ କହିଥିଲେ। ଏହି ବୈଠକରେ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ସମ୍ଭାବ୍ୟ ସଭାପତି ପ୍ରାର୍ଥୀ ଭାବେ ଦେବାଶିଷ ଦାସ, ଉପସଭାପତି ସତ୍ୟ ନୟନ ପରିଡା, ସମ୍ପାଦିକା ପ୍ରଜ୍ଞା ପରମିତା ପତି, ସହସମ୍ପାଦକ ସ୍ୱରାଜ ସେନାପତି, ଡ୍ରାମାଟିକ ସେକ୍ରେଟାରୀ ଶୁଭମ ଦାସ, ଆଥଲେଟିକ ସେକ୍ରେଟାରୀ ସଂଗ୍ରାମ ରାଉତ, ସୋସାଇଟି ସେକ୍ରେଟାରୀ ସତ୍ୟଜିତ ମଲ୍ଲିକ, କମର୍ସ ସୋସାଇଟି ସମ୍ପାଦକ ରୁଦ୍ର ନାରାୟଣ ପଣ୍ଡା, ବାଳିକା କମନରୁମ ରିପ୍ରେଜେଣ୍ଟିଭି ଶୁଭଶ୍ରୀ ମହାପାତ୍ର, କ୍ଲାସ ରିପ୍ରେଜେଣ୍ଟିଭ ଅଭିଜିତ କବିଙ୍କ ନାମ ଘୋଷଣା କରାଯାଇଥିଲା।

## ଏବିଭିପିର ପ୍ରାର୍ଥୀ ଘୋଷଣା



କୟାଁଗୋଲା,୭।୧୦(ସମିସ): ସାଧୁଗୌଡ଼େଶ୍ୱର ମହାବିଦ୍ୟାଳୟର ଛାତ୍ରସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ନିର୍ବାଚନ ଲଢ଼ିବାକୁ କେତେକ ପ୍ରମୁଖ ପଦ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଏନେଇ ବୁଧବାର କୁଆଁସ ମଙ୍ଗଳାପୀଠରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏକାଠି ହୋଇ ଆଗାମୀ ଛାତ୍ର ସଂସଦ ନିର୍ବାଚନରେ କିଭଳି ଭାବେ ସଂଗଠିତ ହୋଇ ନିର୍ବାଚନ ଲଢ଼ାଯିବ, ସେନେଇ ଆଲୋଚନା କରିଥିଲେ। ଏହି ଅବସରରେ ଏବିଭିପି ପକ୍ଷରୁ ବିଭିନ୍ନ ପଦ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। +୩ ଶେଷ ବର୍ଷ ବାଣିଜ୍ୟ ବିଭାଗର ଛାତ୍ର କେ. ଦେବାଶିଷ ନାୟକଙ୍କୁ ସଭାପତି ପ୍ରାର୍ଥୀ ଭାବେ ଚୟନ କରାଯାଇଥିବା ବେଳେ ମାନସ ରଞ୍ଜନ ସାହୁଙ୍କୁ ଉପସଭାପତି, ତ୍ରିପର୍ଣ୍ଣା ପାଣିଗ୍ରାହୀଙ୍କୁ ସାଧାରଣ ସମ୍ପାଦକ, ପବିତ୍ର ବେହେରାଙ୍କୁ ସହସମ୍ପାଦକ ଏବଂ ଗୌରବ ମହାପାତ୍ରଙ୍କୁ କ୍ରୀଡ଼ା ବିଭାଗ ପାଇଁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଅନ୍ୟାନ୍ୟ ପଦ ପାଇଁ ପ୍ରାର୍ଥୀଙ୍କ ନାମ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ଏବିଭିପି ପକ୍ଷରୁ କୁହାଯାଇଛି। ଏହି ଅବସରରେ ପୂର୍ବତନ ଛାତ୍ରନେତା ଇନ୍ଦ୍ରଜିତ ଦାସ, ପୂର୍ବତନ ଛାତ୍ରସଂସଦ ସଭାପତି ସତ୍ୟଜିତ ସାମଲ, ଚିତ୍ତରଞ୍ଜନ ସାମଲ, ପତିତପାବନ ମହାନ୍ତି, ସୁଜିତ ନାୟକ, ବିନୟ ସେନାପତି, ପ୍ରମୋଦ ପୁହାଣଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ନିର୍ବାଚନ ପୂର୍ବରୁ ଅଧିକାରୀଙ୍କ ବୈଠକ

ବରୀ,୭।୧୦(ସମିସ): ଦୀର୍ଘ ୮ବର୍ଷ ପରେ ଆସନ୍ତା ୧୫ତାରିଖରେ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ସରକାର ଘୋଷଣା କରିଛନ୍ତି।



ବରୀ ଅଞ୍ଚଳର ସର୍ବ ପୁରାତନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାରୁ ଆଜି ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ତହସିଲଦାର ଦିପ୍ତିମୟୀ ବେହେରା, ମଣ୍ଡଳ ଉନ୍ନୟନ ଅଧିକାରିଣୀ ମିନତୀ ଜଗଦେବ, ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରବୋଧ କୁମାର ସାମଲଙ୍କ ସମେତ ବରୀ ଥାନାର ପୁଲିସ ଯୋଗ ଦେଇ ଶୃଙ୍ଖଳାର ସହିତ କିଭଳି ଭାବରେ ଶୃଙ୍ଖଳାର ସହିତ ସମ୍ପର୍ଣ୍ଣ ହେବ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗ ଦେଇ ଛାତ୍ର ସଂସଦ ନିର୍ବାଚନକୁ ସ୍ୱଚ୍ଛ ଓ ନିର୍ମଳ କରିବା କ୍ଷେତ୍ରରେ ଦାୟିତ୍ୱରେ ଥିବା ଅଧିକାରୀମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ଛାତ୍ର ସଂସଦ ନିର୍ବାଚନରେ କୌଣସି ରାଜନୀତି ନ ପଶି କଲେଜ ପରିସର ମଧ୍ୟରେ ଅଣ ଛାତ୍ରଙ୍କ ପ୍ରବେଶ ନିଷେଧ, ଶୃଙ୍ଖଳା ରକ୍ଷା, ବିଶେଷ କରି ଏହି ବିଦ୍ୟାଳୟର ନାମର ସ୍ୱତନ୍ତ୍ରତା ରହିଥିବାରୁ ଛାତ୍ର ସଂସଦ ନିର୍ବାଚନରେ କୌଣସି ରାଜନୈତିକ ଦଳର ନେତା/ନେତ୍ରୀ ପ୍ରତ୍ୟେକ୍ଷ ଭାବେ ଅଂଶଗ୍ରହଣ କରି ମହାବିଦ୍ୟାଳୟର ନାମକୁ ବଦନାମ ନ କରିବାକୁ ନିବେଦନ କରିଥିଲେ।



## ପ୍ରାର୍ଥୀ ଚୟନକୁ ନେଇ ଅଡୁଆରେ ୩ ଦଳ

ବାରୀ,୭।୧୦(ସମିସ): ବରୀ ଅଞ୍ଚଳରେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ, ସନ୍ଥନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟ ଓ କାଦମ୍ବିନୀପାଳ ମହାବିଦ୍ୟାଳୟ ରହିଥିବା ବେଳେ କେବଳ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିଛି। ଚଳିତ ମାସ ୧୫ତାରିଖରେ ନିର୍ବାଚନ ହେବାକୁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ବିଜେପ, ବିଜେଡି ଓ କଂଗ୍ରେସ ଦଳ ନିଜ ନିଜ ସମର୍ଥିତ ପ୍ରାର୍ଥୀ ଚୟନ କ୍ଷେତ୍ରରେ ଅଡୁଆରେ ପଡିଛନ୍ତି। ବିଶେଷ କରି ସ୍ୱଳ୍ପ ସମୟ ମଧ୍ୟରେ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ଘୋଷଣା କରିଥିବାରୁ ଛାତ୍ର ବିଜେଡି, ଛାତ୍ର କଂଗ୍ରେସ ଓ ଏବିଭିପିର ପ୍ରାର୍ଥୀ କିଏ ହେବ ସେ କ୍ଷେତ୍ରରେ ନିଜ ନିଜ ଦଳର ସମର୍ଥକମାନଙ୍କୁ ନେଇ ବିଚାର ବିମର୍ଶ କରୁଥିବା ସୂଚନା ମିଳିଛି। ପ୍ରକାଶ ଥାଉ କି ଛାତ୍ର ସଂସଦ ନିର୍ବାଚନରେ ସିଧାସଳଖ ରାଜନୈତିକ ହସ୍ତକ୍ଷେପ ହେବାରେ ସରକାର ଅଙ୍କୁଶ ଲଗାଇଥିବାରୁ ପ୍ରଚ୍ଛଦ ପଟରେ ରହି ବିଭିନ୍ନ ରାଜନୈତିକ ନେତାମାନେ ସେମାନଙ୍କ ସମର୍ଥିତ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ବିଜୟ ଲାଭ କରିବା କ୍ଷେତ୍ରରେ ଅଣ୍ଟା ଭିଡିଛନ୍ତି। ବରୀ ଅଞ୍ଚଳର ସର୍ବ ପୁରାତନ ଏହି ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ପଦବୀ ନିଜ ସମର୍ଥନରେ ବିଜୟ ଲାଭ କରିବା ୩ଦଳ ପାଇଁ ସମ୍ମାନର ପ୍ରଶ୍ନ ବୋଲି ସାଧାରଣରେ ଆଲୋଚିତ ହେଉଛି।

## ନଦୀରେ ବୁଡ଼ି ଜଣେ ମୃତ

ବରୀ,୭।୧୦(ସମିସ): ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଅଟିରା ଗ୍ରାମର ଚନ୍ଦ୍ରମଣୀ ମଳିକ ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ବ୍ରାହ୍ମଣୀ ନଦୀରେ ବୁଡ଼ି ଯାଇଥିଲେ। ନଦୀର ଦକ୍ଷିଣ ପଟ ମାଟିଆପଡ଼ା ଗ୍ରାମର ଉପସ୍ଥିତ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଖବର ପାଇ ବରୀ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ଜନନୀ ଏକ୍ସପ୍ରେସ ଦୁର୍ଘଟଣା



ବରୀ,୭।୧୦(ସମିସ): ବରୀ ଅଞ୍ଚଳରେ ରୋଗୀସେବା ପାଇଁ ବ୍ୟବହୃତ ହେଉଥିବା ୧୦୮ ଜନନୀ ଏକ୍ସପ୍ରେସ ରମ୍ପାରୁ ଜଣେ ଗର୍ଭବତୀ ମହିଳାଙ୍କୁ ଆଣିବାକୁ ଯାଉଥିବା ବେଳେ ବରୀ ମୁଖ୍ୟ ବଜାରରେ ଘଟିଲା ଏହି ଅଘଟଣ। ମଝିରାସ୍ତାରେ ଆଗ ଚକାଟି ଭାଙ୍ଗିଯାଇ ଥିବା ବେଳେ ଅଳ୍ପକେ ଦୁଘଟଣାରୁ ବର୍ତ୍ତିଯାଇଛି। ଏହା ସଂପୃକ୍ତ କର୍ମଚାରୀଙ୍କ ଅବହେଳା ନା କୌଣସି ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଘଟିଛି ତାହା ସଠିକ୍ ଭାବେ ଜଣାପଡିନାହିଁ। ରାସ୍ତା ମଝିରେ ଏଭଳି ଆକସ୍ମିକ ଦୁର୍ଘଟଣା ଘଟିବା ଫଳରେ କଣ ଯେ ହୋଇଥାନ୍ତା ତାହା କହିବା ମୁସ୍କିଲ। ଆଉ ରୋଗୀକୁ ଆଣିବା ପରେ ଯଦି କିଛି ହୋଇଥାନ୍ତା ତାହେଲେ ଏଥି ପାଇଁ କିଏ ଦାୟୀ ହୋଇଥାନ୍ତା ତାହା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ବନ୍ୟା କ୍ଷତିପୂରଣ ଓ ମଣ୍ଡି ଦାବିରେ କୃଷକ ବୈଠକ



ବ୍ରହ୍ମବରଦା,୭।୧୦(ସମିସ): ଚଳିତ ବର୍ଷ ବନ୍ୟା ଓ ଅତିବୃଷ୍ଟିରେ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷତିପୂରଣ ଓ ବିଭିନ୍ନ ସମସ୍ୟା ନେଇ ରସୁଲପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମ ବଜାରଘାଟ ନିକଟସ୍ଥ ମା' ଭଁରଇ ମନ୍ଦିର ପ୍ରାଙ୍ଗଣରେ ଏକ ଜିଲ୍ଲାସ୍ତରୀୟ କୃଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ-ସଂଯୋଜକ ନିମାଇଁ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଚାଷୀ ନେତା ଦେବୀ ପ୍ରସାଦ ମହାରଣା, ମାଧବ ଶାନ୍ତି, ମନୋଜ ଦାସ ଓ ହରିଶ ଦଳାଇ ମଞ୍ଚାସୀନ ଥିଲେ। ଚାଷୀ ଦିଲ୍ଲୀପ ଶଙ୍କର ବେହେରା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ବିଭିନ୍ନ ବ୍ଲକର ଚାଷୀମାନେ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ବିଆଳୀ ଧାନ ପାଇଁ ମଣ୍ଡି ବ୍ୟବସ୍ଥା, ଷଣ୍ଢ, ମାଙ୍କଡ଼ ଓ ବାର୍ହା ଆତଙ୍କରୁ ଫସଲ ସୁରକ୍ଷା, ବନ୍ୟା କ୍ଷତିପୂରଣ ପ୍ରଦାନ ନେଇ ଆଲୋଚନା ହୋଇଥିଲା। ବରିଷ୍ଠ ସଂଗଠକ ବଲ୍ଲଭ ଜେନା, ଧନଞ୍ଜୟ ବିଶ୍ୱାଳ, ପ୍ରଫୁଲ୍ଲ ମହାନ୍ତି, ଦାମୋଦର ନାୟକ ଓ ପ୍ରଦୀପ ମଳିକ ସଂଗଠନକୁ ସୁଦୃଢ଼ କରିବା ନେଇ ମତ ରଖିଥିଲେ। ଏହି ଅବସରରେ ସଂଗଠନର ଶୀର୍ଷ ନେତୃତ୍ୱଙ୍କ କାର୍ଯ୍ୟକଳାପକୁ ନିନ୍ଦା କରାଯିବା ସହ ଯାଜପୁର ଜିଲ୍ଲା କୃଷକଙ୍କ ହିତ ପାଇଁ ଏକ ସ୍ୱତନ୍ତ୍ର ମଞ୍ଚ ଗଠନ କରିବାକୁ ନିମାଇଁ ରାୟଙ୍କୁ ଦାୟିତ୍ୱ ଦିଆଯାଇଛି। ଚାଷୀ ଭତ୍ତା ୩ ହଜାର ଟଙ୍କାକୁ ବୃଦ୍ଧି, ଦୁଗ୍ଧ, ଛାଗ ଓ କୁକୁଡ଼ା ଚାଷୀଙ୍କ ସମସ୍ୟାକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ହୋଇଛି। ବରୀ, ବଡ଼ଚଣା, ରସୁଲପୁର, ବିଞ୍ଝାରପୁର, ଦଶରଥପୁର ଓ ଯାଜପୁର ବ୍ଲକରୁ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଶେଷରେ ରଞ୍ଜନ ମଳିକ ଧନ୍ୟବାଦ ଦେଇଥିଲେ।

## ନାବାଳକ ଚାଳକ ଗାଡ଼ି ଧକ୍କାରେ ଛାତ୍ର ଗୁରୁତର

ବ୍ରହ୍ମବରଦା,୭।୧୦(ସମିସ): ବ୍ରହ୍ମବରଦା ଥାନା ଅଧୀନ ବ୍ରହ୍ମବରଦା ସେତୁ ନିକଟରେ ଆଜି ସକାଳେ ଜଣେ ସ୍କୁଲ ଛାତ୍ରଙ୍କୁ ଟ୍ରାକ୍ଟର ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଟ୍ରାକ୍ଟର ଚାଳକ ଜଣେ ନାବାଳକ ବୋଲି ଅଭିଯୋଗ ହୋଇଛି। ସାଇକଲରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ନିୟନ୍ତ୍ରଣ ହରାଇ ଛାତ୍ରଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ତାଙ୍କ ଦୁଇ ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାକୁ ପଠାଇଥିଲେ, ପରେ କଟକ ସ୍ଥାନାନ୍ତର କରାଯାଇଛି। ଆହତ ଛାତ୍ର ହେଲେ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ଗୋଲଖ ଦାସଙ୍କ ପୁଅ ସମୀର ଦାସ (ଚତୁର୍ଥ ଶ୍ରେଣୀ)। ଦୁର୍ଘଟଣାରେ ଏକ ବାଇକ୍ ମଧ୍ୟ ଭାଙ୍ଗିଯାଇଛି। ବ୍ରହ୍ମବରଦା ପୁଲିସ ଟ୍ରାକ୍ଟର ଜବତ କରି ନାବାଳକ ଚାଳକକୁ ଥାନାକୁ ନେଇଛି।

## ରାମକୀ କମ୍ପାନୀ ମୁଖ୍ୟଦ୍ୱାରରେ ଚାଷୀଙ୍କ ଆନ୍ଦୋଳନ ଜାରି

ସୁକିନ୍ଦା,୭।୧୦(ସମିସ): ସୁକିନ୍ଦା ସ୍ଥିତ ରାମକୀ କମ୍ପାନୀ (ବର୍ଜ୍ୟବସ୍ତୁ ପରିଚାଳନା କାରଖାନା)ର ବିଷାକ୍ତ ବର୍ଜ୍ୟଜଳ ସଂସ୍ପର୍ଶରେ ଆସି ପ୍ରାୟ ୧୦ ହଜାର ଗଛ ନଷ୍ଟ ହୋଇଥିବା ଅଭିଯୋଗ ଓ ଏହାର ସ୍ଥାୟୀ ସମାଧାନ ଦାବିରେ ଗତ ୫ଦିନ ଧରି ଚାଷୀଙ୍କ ଆନ୍ଦୋଳନ ଜାରି ରହିଛି। କମ୍ପାନୀର ମୁଖ୍ୟଦ୍ୱାର ସମ୍ମୁଖରେ ଚାଷୀ ଓ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଚାଲିଥିବା ଏହି ଶାନ୍ତିପୂର୍ଣ୍ଣ ଗଣଧାରଣା ଆଜି ପଞ୍ଚମ ଦିନରେ ପହଞ୍ଚିଛି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ, କମ୍ପାନୀରୁ ନିର୍ଗତ ବର୍ଜ୍ୟଜଳ ଯୋଗୁଁ ଚାଷଜମି ଓ ପରିବେଶ ଉପରେ ଗୁରୁତର ପ୍ରଭାବ ପଡ଼ିଛି। ଏହାର ପ୍ରଭାବରେ ଏସିଆ ମହାଦେଶର ସର୍ବବୃହତ ଟସର ଫାର୍ମର ୧୦ହଜାରରୁ ଅଧିକ ଗଛ ନଷ୍ଟ ହୋଇଥିବା ବେଳେ ଏହି ଫାର୍ମ ଉପରେ ନିର୍ଭର କରୁଥିବା ଚାଷୀମାନେ ନିଜର ଜୀବିକା ଓ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଏହି କାରଖାନାର ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ ବର୍ଜ୍ୟଜଳ ଭୂତଳ ଜଳସହ ମିଶିବାରୁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରକାରର ଚର୍ମରୋଗ ଓ କିଡ୍‌ନୀ ଜନିତ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସ୍ୱାର୍ଥରେ ତୁରନ୍ତ ପଦକ୍ଷେପ ନେବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଏହି ସମୟରେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତ କର୍ମୀ ମାନଙ୍କ ସହ ବୁଧବାର ଦିନ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସେ ଚାଷୀଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ସହ ଘଟଣାର ଉଚିତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ସ୍ଥାନୀୟ ତହସିଲଦାର ଓ ଥାନା ଅଧିକାରୀ ଧାରଣା ସ୍ଥଳକୁ ଯାଇଥିଲେ ମଧ ଚାଷୀ ମାନଙ୍କ ସହ କୌଣସି ଆଲୋଚନା ନକରି ଫେରି ଆସିଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଚାଷୀ ମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।



## ପରମହଂସ ମଠ ପରିସରରେ ବୃକ୍ଷରୋପଣ

ପ୍ରୀତିପୁର,୭।୧୦(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ଗ୍ରାମ ପଞ୍ଚାୟତର "ସେବା ନିବୃତ୍ତ ଶିକ୍ଷକ ସାମ୍ମୁଖ୍ୟ' ତରଫରୁ ବରୁଣେଶ୍ୱର କ୍ଷେତ୍ର ଏବଂ ପରମହଂସ ମଠ ପରିସରରେ ବୃକ୍ଷରୋପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଗଠନର ସଭାପତି ରାମଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଅରେଇ ଗ୍ରାମ ପଞ୍ଚାୟତର ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ ଏବଂ ଘଣ୍ଟିଆଳି ଗ୍ରାମ ପଞ୍ଚାୟତର ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ ସଭାରେ ଯୋଗଦେଇ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଅଭୟ ଚରଣ ଖୁଣ୍ଟିଆ, ହୃଷୀକେଶ ବାରିକ, ବଳରାମ ଦାସ, ରବିନାରାୟଣ ନାୟକ, ସରୋଜ କୁମାର ମହାନ୍ତି, ମହେଶ୍ୱର ଦାସ, ବିଷ୍ଣୁଚରଣ ଷଡ଼ଙ୍ଗୀ, ଅଭିରାମ ସାମଲ, କରୁଣା ସିନ୍ଧୁ ମହାଳିକ, କୃଷ୍ଣଚନ୍ଦ୍ର ଷଡଙ୍ଗୀ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଦିଲ୍ଲିପ କୁମାର ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଡ୍ରଗ୍ସ ଇନସପେକ୍ଟରଙ୍କ ଚଢ଼ଉ ଓ ସଚେତନତା

ଧର୍ମଶାଳା,୭।୧୦(ସମିସ): ଧର୍ମଶାଳା ବଜାରରେ ଥିବା ବିଭିନ୍ନ ଔଷଧ ଦୋକାନୀ ଉପରେ ଆଜି ଜିଲ୍ଲା ଡ୍ରଗ୍ସ ନୀରିକ୍ଷକ ଚଢ଼ଉ କରି ସଚେତନତା କରିଛନ୍ତି। ଆଜି ପୁର୍ବାହ୍ନରେ ଯାଜପୁର ଓ ଯାଜପୁର ରୋଡର ଦୁଇ ଡ୍ରଗ୍ସ ନିରୀକ୍ଷକ ଜଣେ ପୁଲିସକୁ ସାଙ୍ଗରେ ଧରି ଧର୍ମଶାଳା ବଜାରରେ ପହଞ୍ଚି ବିଭିନ୍ନ ଔଷଧ ଦୋକାନ ବୁଲି ସଚେତନ କରାଇଥିଲେ। ଏହି ଚଢ଼ଉରେ ଔଷଧ ନିରୀକ୍ଷକ ମନୋଜ କୁମାର ସାହୁ , ଆଶୁତୋଷ ବେହେରା ସମେତ ତ୍ରିଲୋଚନ ସାହା ସାମିଲ ହୋଇଥିଲେ। ନିଶା ନିବାରଣ ଔଷଧ ବିକ୍ରି କରିବାର ଉପାୟ, ଡାକ୍ତରଙ୍କ ବିନା ଚିଠାରେ ନିଶା ଔଷଧ ବିକ୍ରି ନ କରିବା, ଦୋକାନରେ ବିକ୍ରୟ ବିଲକୁ ସଦାସର୍ବଦା ସଠିକ ରଖିବା, ଦୋକାନ ସମ୍ମୁଖରେ ସିସିଟିଭି କ୍ୟାମେରା ଲଗାଇବା ଆଦି ବିଭିନ୍ନ ଓ ଔଷଧ ଦୋକାନୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ସମସ୍ତ ଔଷଧ ଦୋକନରେ ସଚେତନତା ପୋଷ୍ଟର ଓ ବ୍ୟାନର ଲଗାଇଥିଲେ।

## ଇନର୍ ହୁଇଲ୍ କ୍ଲବର ଅଧ୍ୟକ୍ଷାଙ୍କ ଜାରକା କ୍ଲବ୍ ପରିଦର୍ଶନ

ଧର୍ମଶାଳା,୭।୧୦(ସମିସ): ଇନର୍ ହୁଇଲ କ୍ଲବ୍ ୩୨୬ ଜିଲ୍ଲାର ଅଧ୍ୟକ୍ଷା ଡ. ମଞ୍ଜୁଷା ବୈଶାମ୍ପାୟାନ ଆଜି ମଧ୍ୟାହ୍ନରେ ଜାରକାସ୍ଥିତ ଇନରହୁଇଲ କ୍ଲବ ପରିଦର୍ଶନରେ ଆସି କ୍ଲବ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ପରେ କାର୍ଯ୍ୟାଳୟରେ ଥିବା ନଥିପତ୍ରକୁ ଯାଞ୍ଚ କରିବା ସହିତ ଏହି ଅଞ୍ଚଳରେ ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟ ଜାରି ରଖିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କ୍ଲବ କାର୍ଯ୍ୟାଳୟରେ ସଭାପତି କଳ୍ପନା ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସାରସ୍ୱତ ସମାବେଶରେ ଜିଲ୍ଲା ଅଧ୍ୟକ୍ଷା ଡ. ବୈଷାମ୍ପାୟାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ମଙ୍ଗଳ ଦିଗରେ ନିଜକୁ ନିୟୋଜିତ କରିବାକୁ ସଦସ୍ୟାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କ୍ଲବର ମୁଖପତ୍ର "ଅସ୍ମିତା'କୁ ଉନ୍ମୋଚନ କରିଥିଲେ। ତତ୍‌ସହିତ ଆମ ରାଜ୍ୟର ଜଣେ ସୁନାମଧନ୍ୟ କ୍ରୀଡ଼ାବିତ ମିଳି ସେଠୀଙ୍କୁ ସମ୍ବର୍ଦ୍ଧନା ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ପ୍ରାରମ୍ଭରେ କ୍ଲବର ପୂର୍ବତନ ସଭାପତି ମିନତୀ ସାହୁ ଓ ପୂର୍ବତନ ସମ୍ପାଦକ ଅର୍ଚ୍ଚନା ସ୍ୱାଇଁ ଇନରହୁଇଲ ସଂଗୀତ ଗାନ କରିଥିବା ବେଳେ ପୂର୍ବତନ ସଭାପତି ମାଧୁରୀ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଉପସନା ଶତପଥି ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏସଓ କଳ୍ପନା ନାୟକ, ପତ୍ରିକା ସମ୍ପାଦକ କାଦମ୍ବିନୀ ମିଶ୍ର, ଶକୁନ୍ତଳା ମହାନ୍ତି, ଅର୍ଚ୍ଚନା ସ୍ୱାଇଁ, ଇନ୍ଦୁପ୍ରଭା ସାମଲ, ଗୋଲାପ ପଣ୍ଡା, କଳ୍ପନା ଖୁଣ୍ଟିଆ, ଅର୍ଚ୍ଚନା ଷଡ଼ଙ୍ଗୀ, ଅରୁଣାରଶ୍ମୀ ସାମଲ, ପ୍ରଭାତ ନଳିନୀ ସାହୁ, ସରୋଜିନୀ ପଣ୍ଡା ଓ ରୋଟାରୀ କ୍ଲବ ପକ୍ଷରୁ ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ବିଜୟ କୁମାର ଶତପଥୀ, ଉପ ପ୍ରାନ୍ତପାଳ ବିପିନ କିଶୋର ଷଡ଼ଙ୍ଗୀ, ସଭାପତି ଇଂ. ସୁକାନ୍ତ ସ୍ୱାଇଁ, ପ୍ରଦୀପ୍ତ ବରାଳ, ପ୍ରମୋଦ କୁମାର ସାମଲ, କଳାକାର ମହାନ୍ତି, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଧରଣୀଧର ଦାଶ, ରାଜେନ୍ଦ୍ର ପଲେଇ, ଜୟପ୍ରକାଶ ତ୍ରିପାଠୀ, ହରିହର ପଣ୍ଡା, ଅମୂଲ୍ୟ ମହାରଣା, ସତ୍ୟାନନ୍ଦ ବରାଳ, ଡା. ବିଜୟ କୁମାର ଶତପଥୀ ଓ ଚକ୍ରଧର ଲେଙ୍କା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। କ୍ଲବର ଉପସଭାପତି ରଶ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବିଭିନ୍ନ ଜିଲ୍ଲାରୁ ଇନରହୁଇଲ କ୍ଲବର ଅନେକ ସଦସ୍ୟା, ରୋଟାରୀ କ୍ଲବର କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



କ୍ଷଣିକ ନିରାପତ୍ତା ପାଇଁ ଯେଉଁମାନେ ବ୍ୟକ୍ତି ସ୍ୱାଧୀନତାକୁ ଉତ୍ସର୍ଗ କରନ୍ତି, ସେମାନେ ସ୍ୱାଧୀନତା ଓ ନିରାପତ୍ତା ମଧ୍ୟରୁ କୌଣସିଟିକୁ ନ୍ୟାୟ ଦେଇପାରନ୍ତି ନାହିଁ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ବଢ଼ିଲା ସୁଧ ହାର

ପ୍ରାୟ ଦୁଇବର୍ଷ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ରିପୋ ରେଟ୍ ବା ସୁଧ ହାରରେ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରିଛି। କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଆରବିଆଇର ମୁଦ୍ରାନୀତି କମିଟି ଉପରୋକ୍ତ ନିଷ୍ପତ୍ତି ନେଇଥିଲେ ହେଁ ଏହାର ପରୋକ୍ଷ ଓ ଚକ୍ରିକ ପ୍ରଭାବରେ ନିବେଶ ସଂକୁଚିତ ହୋଇ ଅଭିବୃଦ୍ଧି ବ୍ୟାହତ ଏବଂ ନିଯୁକ୍ତି ବଜାର ସଂକୁଚିତ ହେବାର ଆଶଙ୍କା ଦେଖାଦେଇଛି। ମୁଦ୍ରାନୀତିର ପ୍ରତ୍ୟକ୍ଷ ପ୍ରଭାବ ଋଣଗ୍ରହୀତାଙ୍କ ଉପରେ ପଡ଼ିବ ଏବଂ ଗୃହ, ଗାଡ଼ି ଓ ଅନ୍ୟାନ୍ୟ ଋଣ ଉପରେ ସୁଧ ଅଧିକ ହେବ।

ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏବଂ ଅଭିବୃଦ୍ଧି ହାର ମଧ୍ୟରେ ସମତୁଲତା ରକ୍ଷା କରିବା ପାଇଁ ଆରବିଆଇ ସୁଧ ହାରରେ ହ୍ରାସ/ବୃଦ୍ଧି କରେ। ମୁଦ୍ରାସ୍ଫୀତି ବଢ଼ିଲେ ସୁଧ ହାର ବୃଦ୍ଧି କରି ବଜାରକୁ ଅର୍ଥ ପ୍ରବାହ ଉପରେ କଟକଣା ଜାରି କରେ। ଦରଦାମ ସହନଶୀଳ ଥିଲେ ଅର୍ଥନୈତିକ ଅଭିବୃଦ୍ଧିକୁ ଉତ୍ସାହିତ କରିବା ପାଇଁ ସୁଧ ହାର ହ୍ରାସ କରେ। କିନ୍ତୁ ବର୍ତ୍ତମାନ ଦେଶର ଅର୍ଥନୈତିକ ସ୍ଥିତି ଭିନ୍ନ। ଖାଦ୍ୟ, ଇନ୍ଧନର ଦରଦାମ ବୃଦ୍ଧି ସହିତ ଚାହିଦା ତୁଳନାରେ ଯୋଗାଣ ହ୍ରାସ ପାଇଥିବାରୁ ଦରଦାମ ବଢ଼ି ମୁଦ୍ରାସ୍ଫୀତିକୁ ଉପରମୁହାଁ କରିଛି। ତେଣୁ କେବଳ ସୁଧ ହାର ବଢ଼ାଇବା ଦ୍ୱାରା ସେହି ସମସ୍ୟାର ସମାଧାନ ହେବା ପରି ଲାଗୁନାହିଁ। ଉତ୍ପାଦନ, ଯୋଗାଣ ଶୃଙ୍ଖଳା, ଖାଦ୍ୟ ସଂରକ୍ଷଣ ଓ ବଜାର ପରିଚାଳନା ଏ କ୍ଷେତ୍ରରେ ଅଧିକ ଉପଯୋଗୀ ମନେ ହୁଏ।

ଅପରପକ୍ଷରେ ସୁଧ ହାର ବଢ଼ିବା ଦ୍ୱାରା ଋଣଗ୍ରହୀତାଙ୍କ ଉପରେ ଅଧିକ ଚାପ ସୃଷ୍ଟି ହେବ ଏବଂ ପରିବାରର ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ବଜେଟ୍ କମିବ। ଏହାର ପ୍ରତିଫଳନ କିରାଣା ଦୋକାନ ଜରିଆରେ ବଜାରରେ ଦେଖାଦେବ। ଚାହିଦା ହ୍ରାସ ପାଇଲେ ଅର୍ଥନୀତିର ଗତି ମନ୍ଥର ହେବ। ସେହିପରି କମ୍ପାନୀମାନଙ୍କ ପାଇଁ କାର୍ଯ୍ୟକାରୀ ପୁଞ୍ଜି ଓ ବ୍ୟବସାୟିକ ଋଣ ମହଙ୍ଗା ହେଲେ ଉତ୍ପାଦନ ଖର୍ଚ୍ଚ ବଢ଼ିବ ଏବଂ ତାହାର ବୋଝ ଖାଉଟି ମୁଣ୍ଡରେ ପଡ଼ିବ। ଅପରପକ୍ଷରେ ବ୍ୟାଙ୍କଗୁଡ଼ିକ ମିଆଦୀ ଜମା ଉପରେ ଅଧିକ ସୁଧ ଦେବାର ସମ୍ଭାବନା ଥିବାରୁ ଜମାପୁଞ୍ଜି ଅନୁପାତ ସକାରାତ୍ମକ ହେବ।

ବର୍ତ୍ତମାନ ଦେଶର ଅର୍ଥନୀତି ପାଇଁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ସହିତ ଅଭିବୃଦ୍ଧିର ସମାନ୍ତରାଳ ଯାତ୍ରାକୁ ଅଧିକ ଗତିଶୀଳ କରିବା ଆବଶ୍ୟକ। ଏହି ଲକ୍ଷ୍ୟକୁ କେବଳ ମୁଦ୍ରାନୀତି ଦ୍ୱାରା ହାସଲ କରାଯାଇପାରିବ ନାହିଁ। ଆରବିଆଇର ମୁଦ୍ରାନୀତି ସହିତ ଅର୍ଥନୀତିର ପ୍ରତ୍ୟକ୍ଷ ଓ ପରୋକ୍ଷ ଜଡ଼ିତ ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ଜରୁରୀ। ●

## ମୃଦୁ-ମୁହୂର୍ତ୍ତ

ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସାମୟିକ ରିହାତି ଲାଭ କରିଥିବା ଏକ ବହୁଦେଶୀୟ କମ୍ପାନୀ ପ୍ରସ୍ତୁତ ନିର୍ଦ୍ଦିଷ୍ଟ ମୃଦୁପାନୀୟ(ଶକ୍ତିବର୍ଦ୍ଧକ ପାନୀୟ) ହଠାତ୍ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ନ ଥା'ନ୍ତା ଯଦି ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ହଟାଇବା ଦାବିରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନରେ ବିରୋଧୀ ଦଳର ନେତା ରାହୁଲ୍ ଗାନ୍ଧୀଙ୍କ ହାତରେ ତାହା ସ୍ଥାନ ପାଇ ନଥା'ନ୍ତା। ବେଳେ ବେଳେ ଏଭଳି କେତେକ ଛୋଟିଆ ଘଟଣା ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ କମ୍ପନ ସୃଷ୍ଟି କରେ। ଗ୍ରୀଷ୍ମର ତାତିରେ ଧାରଣାରେ ବସିଥିବା ରାହୁଲ୍ ଗାନ୍ଧୀ ଉକ୍ତ ପାନୀୟରୁ କିଛି ପିଇବା ପରେ ଭଉଣୀ ପ୍ରିୟଙ୍କାଙ୍କୁ ଦେଇଥିଲେ। କିଛି ମୁହୂର୍ତ୍ତର ଦ୍ୱନ୍ଦ୍ୱ ପରେ ପ୍ରିୟଙ୍କା ମଧ୍ୟ ସେଥିରୁ କିଛି କଣ୍ଠସ୍ଥ କରିଥିଲେ। ଏହି ଘଟଣାର ଭିଡିଓ ଚିତ୍ର ପ୍ରଚାର ପ୍ରସାର ହେବା ପରେ ସାମାଜିକ ଗଣମାଧ୍ୟମରେ ଆଲୋଚନା ଆରମ୍ଭ ହୋଇଛି ଏବଂ ଅପ୍ରତ୍ୟାଶିତ ଭାବେ ରାଜନୀତିର ରୂପ ନେଇଛି।

ଯେଉଁ ସମୟରେ ଦିଲ୍ଲୀରେ ଏହି ଶକ୍ତିବର୍ଦ୍ଧକ ମୃଦୁପାନୀୟନ ଚର୍ଚ୍ଚାରେ ଥିଲା, ସେହି ସମୟରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଏହାର ବ୍ୟବସାୟିକ ପରିଚୟକୁ ନେଇ ଆଇନଗତ ଲଢ଼େଇ ଚାଲିଥିଲା। 'ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ' ଶକ୍ତିବର୍ଦ୍ଧକ ପାନୀୟ(ଏନର୍ଜି ଡ୍ରିଙ୍କ୍) ଶବ୍ଦ ବ୍ୟବହାରକୁ ନେଇ ଏକ ବହୁପରିଚିତ ବହୁଦେଶୀୟ କମ୍ପାନୀ ବିରୋଧରେ କଟକଣା ଜାରି କରିଥିବା ବେଳେ ଏହି କଟକଣା ବିରୋଧରେ ସମ୍ପୃକ୍ତ କମ୍ପାନୀ ଅଦାଲତରେ ଆବେଦନ କରିଥିଲା। ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ସମ୍ପୃକ୍ତ ବହୁଦେଶୀୟ କମ୍ପାନୀକୁ ଅନ୍ତରୀଣ ରିହାତି ଦେଇଛନ୍ତି। ଅର୍ଥାତ୍ ମହଜୁଦ୍ ଥିବା ଉକ୍ତ ଉତ୍ପାଦକୁ କମ୍ପାନୀ ପୂର୍ବଭଳି 'ଏନର୍ଜି ଡ୍ରିଙ୍କ୍' ଭାବରେ ବିକ୍ରି କରିବାରେ ତତ୍କାଳ କୌଣସି ନିଷେଧାଦେଶ ଜାରି କରାଯାଇନାହିଁ। କିନ୍ତୁ ମାମଲାର ଚୂଡ଼ାନ୍ତ ରାୟ ନ ଆସିବା ପର୍ଯ୍ୟନ୍ତ ବିବାଦୀୟ 'ଏନର୍ଜି ଡ୍ରିଙ୍କ' ନାମରେ କମ୍ପାନୀ ନୂଆ ଉତ୍ପାଦ କରିପାରିବ ନାହିଁ କି ବିକ୍ରି କରିପାରିବ ନାହିଁ। ଅଦାଲତରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଉକ୍ତ ବିବାଦୀୟ ଉତ୍ପାଦକୁ ଗ୍ରହଣ କରିବାର ଔଚିତ୍ୟ ବିଷୟରେ ବିରୋଧୀ ଦଳର ନେତାଙ୍କ ବିରୋଧୀମାନେ ପ୍ରଶ୍ନ ଉଠାଇଛନ୍ତି।

'ଏନର୍ଜି ଡ୍ରିଙ୍କ'କୁ ନେଇ ବିବାଦ ଓ ବିତର୍କ ନୂଆ ନୁହେଁ। ମୃଦୁପାନୀୟକୁ 'ଏନର୍ଜି ଡ୍ରିଙ୍କ' ନାମରେ ବିକ୍ରି କରିବାର ଯୌକ୍ତିକତା, ଏହାର ଗୁଣାତ୍ମକ ମାନ ଆଦିକୁ ନେଇ ଅତୀତରେ ଏକାଧିକ ଆପତ୍ତି/ଅଭିଯୋଗ ଆସିଛି। ମାମଲା ଅଦାଲତ ପର୍ଯ୍ୟନ୍ତ ଯାଇଛି। କିନ୍ତୁ ଆଇନର ଗଳାବାଟ ଦେଇ କମ୍ପାନୀମାନେ ନୂଆ ନାମ ଓ କୌଶଳରେ ବଜାରରେ ତିଷ୍ଠି ରହିଛନ୍ତି। ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ତାରକାମାନଙ୍କ ହାତରେ ସେମାନଙ୍କ ଉତ୍ପାଦକୁ ଧରାଇ ଦେଉଛନ୍ତି ଏବଂ ଏହି କୌଶଳରେ ସେମାନେ ସଫଳ ମଧ୍ୟ ହେଉଛନ୍ତି। ତେଣୁ ଉକ୍ତ ମୃଦୁପାନୀୟର ଲୋକପ୍ରିୟତା ଓ ଆଦୃତିକୁ ଏବେ ରାହୁଲ୍ ଓ ପ୍ରିୟଙ୍କ ମୃଦୁପାନୀୟ ଗ୍ରହଣ ଦୃଶ୍ୟ ସକାରାତ୍ମକ ପ୍ରଭାବ ପକାଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ସମଗ୍ର ଘଟଣା ପଛରେ ବ୍ୟବସାୟିକ ସ୍ୱାର୍ଥ ବନାମ ଜନସ୍ୱାସ୍ଥ୍ୟ ପରି ସମ୍ବେଦନଶୀଳନ ପ୍ରସଙ୍ଗ ଲୁଚି ରହିଛି। ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ଏଭଳି 'ଏନର୍ଜି ଡ୍ରିଙ୍କ'ମାନଙ୍କର ଆଦୃତି ବଢ଼ିଚାଲିଥିବାରୁ ଏହି ପ୍ରସଙ୍ଗକୁ ଅଣଦେଖା କରାଯାଇପାରିବ ନାହିଁ। ●

# ଭାରତୀୟ କ୍ରୀଡ଼ା ଆଇନାରେ ନାଗୋୟା

ରଞ୍ଜନ କୁମାର ରାୟ

ପଦକ ତାଲିକାରେ ଚତୁର୍ଥ ସ୍ଥାନ। ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି କାଂସ୍ୟ। ମୋଟ ୮୫ଟି ପଦକ। ସଂଖ୍ୟାଗୁଡ଼ିକୁ ଦେଖିଲେ ଭାରତର ଏସୀୟ କ୍ରୀଡ଼ା ଅଭିଯାନ ଗର୍ବ କରିବାର ଅବସର ଦେଉଛି। କିନ୍ତୁ ପଦକ ତାଲିକାର ଏହି ଚମକ ପଛରେ ଆଉ ଏକ ଚିତ୍ର ରହିଛି। ଚାରିବର୍ଷ ତଳେ ହାଙ୍ଗଝୋଉରେ ଯେଉଁ ଭାରତ ୨୮ଟି ସ୍ୱର୍ଣ୍ଣ ସହ ୧୦୭ଟି ପଦକ ଜିତି ନିଜ ପାଇଁ ଏକ ନୂଆ ମାନଦଣ୍ଡ ତିଆରି କରିଥିଲା, ନାଗୋୟାରେ ସେହି ଭାରତ ୨୨ଟି ପଦକ ପଛକୁ ଫେରିଛି। ସ୍ୱର୍ଣ୍ଣ ମଧ୍ୟ ୭ଟି କମିଛି। ତେଣୁ ଏହି ପରିସଂଖ୍ୟାନ ନିଶ୍ଚିତ ଭାବେ କ୍ରୀଡ଼ାପ୍ରେମୀଙ୍କୁ ବ୍ୟଥିତ କରିଥିବ।

ତେବେ ଏହା କ'ଣ ଅବନତିର ଚିହ୍ନ? ନା ଏକ ବଡ଼ ଯାତ୍ରାରେ ଆସିଥିବା ଏକ ଛୋଟ ଝଟକା? ନାଗୋୟା ଭାରତୀୟ କ୍ରୀଡ଼ାକୁ ଏକାସାଙ୍ଗରେ ଦୁଇଟି ମୁହଁ ଦେଖାଇଛି- ଗୋଟିଏରେ ସଫଳତାର ଦୀପ୍ତି, ଅନ୍ୟଟିରେ ଆତ୍ମସମୀକ୍ଷାର ଛାୟା। ହାଙ୍ଗଝୋଉର ୧୦୭ ପଦକ ପରେ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ଆଶା ସ୍ୱାଭାବିକ ଭାବେ ଆହୁରି ବଢ଼ିଥିଲା। ନାଗୋୟାରେ ସେହି ସଫଳତାକୁ ଛୁଇଁବା କିମ୍ବା ତାହାକୁ ଅତିକ୍ରମ କରିବାର ସ୍ୱପ୍ନ ଥିଲା। ବିଶେଷକରି ପୂର୍ବ ସଂସ୍କରଣରେ ଯେଉଁ ଖେଳଗୁଡ଼ିକ ଭାରତର ପଦକ ଭଣ୍ଡାରକୁ ପୂରଣ କରିଥିଲା, ସେଠାରେ ପୁଣି ସେହି ଧାରା ଜାରି ରହିବ ବୋଲି ଆଶା ଥିଲା। କିନ୍ତୁ କ୍ରୀଡ଼ାର ମଞ୍ଚରେ ପୂର୍ବ ସଫଳତା କେବେ ଭବିଷ୍ୟତର ନିଶ୍ଚିତତା ନୁହେଁ। ପ୍ରତ୍ୟେକ ମୁକାବିଲା ନୂଆ, ପ୍ରତ୍ୟେକ ପଦକ ପାଇଁ ଲଢ଼େଇ ନୂଆ।

ଏହି ନୂଆ ଲଢ଼େଇରେ ଭାରତକୁ ସବୁଠାରୁ ବଡ଼ ଝଟକା ଲାଗିଛି ଶୁଟିଂରେ। ହାଙ୍ଗଝୋଉରେ ୨୨ଟି ପଦକ ଓ ୭ଟି ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ଶୁଟରମାନେ ଏଥର ୧୫ଟି ପଦକ ଓ ୩ଟି ସ୍ୱର୍ଣ୍ଣରେ ସୀମିତ ରହିଛନ୍ତି। ଏକ କ୍ରୀଡ଼ାରେ ୭ଟି ପଦକ କମିଯିବା କେବଳ ଏକ ସଂଖ୍ୟା ନୁହେଁ; ସମଗ୍ର ପଦକ ତାଲିକାର ଚିତ୍ରକୁ ବଦଳାଇଦେବା ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଛି। ନୀରୁ ଧାଣ୍ଡାଙ୍କ ଉଜ୍ଜ୍ୱଳ ପ୍ରଦର୍ଶନ ନିଶ୍ଚିତ ଭାବେ ଆଶା ଦେଇଛି, କିନ୍ତୁ ଏକାଧିକ ଅସ୍ତ୍ରରେ ସଜ୍ଜିତ ଏହି ଦଳର ସାମଗ୍ରିକ ପ୍ରଦର୍ଶନ ପୂର୍ବ ମାନକୁ ଛୁଇଁପାରିନାହିଁ। ଆଥଲେଟିକ୍ସର କାହାଣୀ ମଧ୍ୟ କିଛିଟା ସମାନ। ଛଅଟି ସ୍ୱର୍ଣ୍ଣରୁ ଗୋଟିଏ ସ୍ୱର୍ଣ୍ଣକୁ ଖସିବା ନିଶ୍ଚିତ ଭାବେ ଏକ ଚିନ୍ତାର କାରଣ। ତଥାପି ଏଠାରେ ଏକ ଆଶାର ରେଖା ମଧ୍ୟ ରହିଛି। କେତେକ ଭାରତୀୟ ଖେଳାଳି ବ୍ୟକ୍ତିଗତ ଶ୍ରେଷ୍ଠତା ହାସଲ କରିଛନ୍ତି, ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଅର୍ଥାତ୍ ପ୍ରତିଭାର ଅଭାବ ନାହିଁ; ଅଭାବ ରହିଛି ସେହି ପ୍ରତିଭାକୁ ବଡ଼ ମଞ୍ଚରେ ସ୍ୱର୍ଣ୍ଣରେ ପରିଣତ କରିବାର ସାମର୍ଥ୍ୟରେ।

ବ୍ୟାଡମିଣ୍ଟନ ଓ ଟେନିସ୍ ମଧ୍ୟ ଭାରତକୁ କିଛି ପ୍ରଶ୍ନ କରିଛି। ବ୍ୟାଡମିଣ୍ଟନରେ କେବଳ ଗୋଟିଏ କାଂସ୍ୟ ପଦକ! ଦୀର୍ଘ ସମୟ ପରେ କୌଣସି ବ୍ୟକ୍ତିଗତ ପଦକ ନାହିଁ। ଟେନିସ୍‌ରେ ତ ଚାରିଦଶନ୍ଧି ପରେ ପଦକଶୂନ୍ୟ ରହିଛି ଭାରତ। ଯେଉଁ ଦେଶ ଗତ କିଛିବର୍ଷରେ ବ୍ୟାଡମିଣ୍ଟନ ଓ ଟେନିସ୍‌ରେ ନିଜର ଉପସ୍ଥିତିକୁ ଦୃଢ଼ କରିଥିଲା, ତାହା ପାଇଁ ଏହା ନିଶ୍ଚିତ ଭାବେ ଏକ ସତର୍କ ଘଣ୍ଟି। କିନ୍ତୁ ନାଗୋୟାର କାହାଣୀ କେବଳ ହତାଶାର ନୁହେଁ; ବରଂ କେତେକ ମଞ୍ଚରେ ଭାରତ ନୂଆ ଆଲୋକ ଦେଖିଛି। ବକ୍ସିଂରେ ତିନିଟି ସ୍ୱର୍ଣ୍ଣ ଭାରତୀୟ ମୁଷ୍ଟିଯୋଦ୍ଧାଙ୍କ ଫେରୁଥିବା ଶକ୍ତିର ସଙ୍କେତ। ଲୋଭଲିନା ବୋର୍ଗହେନ୍, ପରଭିନ ହୁଡା ଓ ଅଙ୍କୁଶ ପାଙ୍ଘାଲଙ୍କ ସଫଳତା ଭାରତର ପଦକ ତାଲିକାରେ ସୁନାର ନୂଆ ରେଖା ଟାଣିଛି।

କୁସ୍ତିରେ ମୋଟ ପଦକ ସଂଖ୍ୟା ବଦଳି ନ ଥିଲେ ମଧ୍ୟ ଦୁଇଟି ସ୍ୱର୍ଣ୍ଣ ଯୋଡ଼ାଯିବା ଅର୍ଥପୂର୍ଣ୍ଣ। ସୁଜିତ କଲକଲ ଓ ଅମନ ସେହରାୱତଙ୍କ ସଫଳତା ଦର୍ଶାଇଛି ଯେ ଭାରତୀୟ କୁସ୍ତିରେ ପରବର୍ତ୍ତୀ ପିଢ଼ିର ଚାରାଗଛ ଏବେ ମଧ୍ୟ ସବୁଜ ଅଛି। ତୀରନ୍ଦାଜୀ ତ ଏଥର ଭାରତ ପାଇଁ ଏକ ସୁନ୍ଦର ଅଧ୍ୟାୟ ଲେଖିଛି। ୧୭ ବର୍ଷୀୟା କୁମକୁମ ମୋହଡ଼ଙ୍କ ପ୍ରଦର୍ଶନ ବିଶେଷ ଉଲ୍ଲେଖନୀୟ। ଦକ୍ଷିଣ କୋରିଆ ଭଳି ଶକ୍ତିଶାଳୀ ଦଳକୁ ପଛରେ ପକାଇ ଭାରତୀୟ ତୀରନ୍ଦାଜମାନେ ଯେଉଁ ସଫଳତା ହାସଲ କରିଛନ୍ତି, ତାହା କେବଳ ପଦକ ନୁହେଁ; ଏହା ଆତ୍ମବିଶ୍ୱାସର ଏକ ନୂଆ ଅଧ୍ୟାୟ। କବାଡ଼ିରେ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣ ବଜାୟ ରଖିଛନ୍ତି। ଏହା ଦର୍ଶାଏ ଯେ କେତେକ କ୍ରୀଡ଼ାରେ ଭାରତ ନିଜର ପ୍ରଭୁତ୍ୱକୁ କେବଳ ରକ୍ଷା କରୁନାହିଁ, ତାହାକୁ ନିରନ୍ତରତା ମଧ୍ୟ ଦେଉଛି।

ଏସୀୟ କ୍ରୀଡ଼ାର ଭାରତୀୟ କାହାଣୀର ସବୁଠାରୁ ଉଜ୍ଜ୍ୱଳ ପୃଷ୍ଠାଟି ଲେଖିଛି ହକି। ପୁରୁଷ ଦଳ ସ୍ୱର୍ଣ୍ଣ ବଜାୟ ରଖିଛି। ତା'ଠାରୁ ବଡ଼ କଥା, ମହିଳା ଦଳ ୪୪ ବର୍ଷ ପରେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଛି। ଚୀନ୍‌କୁ ହରାଇ ମିଳିଥିବା ଏହି ବିଜୟ ଭାରତୀୟ ମହିଳା ହକି ପାଇଁ କେବଳ ଏକ ପଦକ ନୁହେଁ, ଦୀର୍ଘ ପ୍ରତୀକ୍ଷା ପରେ ଫେରିଥିବା ଏକ ସୁବର୍ଣ୍ଣ ସକାଳ। ପ୍ରଣବୀ ଉର୍ସଙ୍କ ଗଲ୍ଫ ସ୍ୱର୍ଣ୍ଣ ମଧ୍ୟ ଏହି କାହାଣୀର ଆଉ ଏକ ଆଲୋକିତ ପୃଷ୍ଠା। ୨୦୦୨ ପରେ ଭାରତୀୟ ଗଲ୍ଫରେ ପୁଣି ସ୍ୱର୍ଣ୍ଣର ଫେରା ଏବଂ ମହିଳା ଖେଳାଳି ଭାବେ ତାଙ୍କର ଐତିହାସିକ ସଫଳତା ଏହା ପ୍ରମାଣ କରେ ଯେ ଭାରତୀୟ କ୍ରୀଡ଼ାର ପରିଧି ଧୀରେ ଧୀରେ ବିସ୍ତାରିତ ହେଉଛି। ମିଶ୍ରିତ ମାର୍ଶାଲ ଆର୍ଟ୍ସରେ ଭାରତର ପ୍ରଥମ ଏସୀୟ କ୍ରୀଡ଼ା ପଦକ ମଧ୍ୟ ନୂଆ ଦ୍ୱାର ଖୋଲିଛି।

ତେବେ ଏହି ସଫଳତା ଓ ବିଫଳତାକୁ ଏକାଠି ରଖି ଦେଖିଲେ ଯେଉଁ ଚିତ୍ର ଦେଖାଯାଏ, ତାହା ହେଉଛି ଭାରତ ଆଗକୁ ବଢ଼ୁଛି, କିନ୍ତୁ ଯାତ୍ରା ଏଯାଏଁ ସମାନ ଗତିରେ ବଢ଼ିନାହିଁ। କେଉଁଠି ଭିତ୍ତିଭୂମି ଅଛି, କିନ୍ତୁ ପଦକ ନାହିଁ। କେଉଁଠି ପ୍ରତିଭା ଅଛି, କିନ୍ତୁ ନିରନ୍ତରତା ନାହିଁ। ଆଉ କେଉଁଠି ସଠିକ୍ ପ୍ରଶିକ୍ଷଣ, ପ୍ରସ୍ତୁତି ଓ ପ୍ରତିଭା ଏକାଠି ହୋଇ ସଫଳତାର ଦ୍ୱାର ଖୋଲିଛି। ଏହିଠାରୁ ଭାରତୀୟ କ୍ରୀଡ଼ା ପ୍ରଶାସନକୁ ଶିକ୍ଷା ନେବାକୁ ହେବ। ଗୋଟିଏ ବଡ଼ ପ୍ରତିଯୋଗିତା ପୂର୍ବରୁ କେବଳ ଅଭ୍ୟାସ ଶିବିର କରିବା କିମ୍ବା ବିଦେଶରେ ପ୍ରଶିକ୍ଷଣ ଦେବା ଯଥେଷ୍ଟ ନୁହେଁ। ଶିଶୁ ଓ କିଶୋର ସ୍ତରରୁ ପ୍ରତିଭା ଖୋଜିବା, ଉଚ୍ଚମାନର ପ୍ରଶିକ୍ଷଣ, ପୋଷଣ, କ୍ରୀଡ଼ା ବିଜ୍ଞାନ, ମାନସିକ ପ୍ରସ୍ତୁତି ଓ ଆଘାତ ପରିଚାଳନା-ସବୁକୁ ଏକ ସୂତ୍ରରେ ବାନ୍ଧିବାକୁ ହେବ।

କାରଣ ପଦକ କେବଳ ପ୍ରତିଯୋଗିତା ଦିନ ତିଆରି ହୁଏ ନୁହେଁ; ପଦକ ତିଆରି ହୁଏ ବର୍ଷ ବର୍ଷର ନିରବ ଅଭ୍ୟାସରେ। ଜଣେ ଖେଳାଳିଙ୍କ ଗଳାରେ ଯେଉଁ ପଦକ ଝୁଲେ, ତାହା ପଛରେ ଥାଏ ପରିବାରର ତ୍ୟାଗ, ପ୍ରଶିକ୍ଷକଙ୍କ ପରିଶ୍ରମ, ବୈଜ୍ଞାନିକଙ୍କ ଯୋଜନା ଏବଂ ଏକ ସୁଦୃଢ଼ କ୍ରୀଡ଼ା ବ୍ୟବସ୍ଥାର ଅବଦାନ। ତେଣୁ ୨୦୨୬ର ୮୫ ପଦକକୁ ନା ଅତ୍ୟଧିକ ଉତ୍ସାହ ସହିତ ଗ୍ରହଣ କରିବା ଉଚିତ ନା ହାଙ୍ଗଝୋଉର ୧୦୭ ପଦକ ସହ ତୁଳନା କରି ନିରାଶ ହୋଇଯିବା ଉଚିତ। ଏହି ଫଳାଫଳକୁ ଦେଖିବାକୁ ହେବ ଏକ ଆଇନା ଭଳି, ଯେଉଁଠି ସଫଳତାର ମୁହଁ ସହିତ ଦୁର୍ବଳତାର ଛବି ମଧ୍ୟ ଦେଖାଯାଏ।

ଚତୁର୍ଥ ସ୍ଥାନ ଭାରତ ପାଇଁ ଖରାପ ନୁହେଁ। ୮୫ଟି ପଦକ ମଧ୍ୟ ଛୋଟ ସଫଳତା ନୁହେଁ। କିନ୍ତୁ ଯେଉଁ ଭାରତ ବିଶ୍ୱ କ୍ରୀଡ଼ାର ମହାଶକ୍ତି ହେବାର ସ୍ୱପ୍ନ ଦେଖୁଛି, ସେହି ଭାରତ ପାଇଁ ଆତ୍ମସନ୍ତୋଷର ସ୍ଥାନ ନାହିଁ। ନାଗୋୟା ଏହି ବାର୍ତ୍ତା ଦେଇଛି ଯେ ପଦକର ଚମକକୁ ଦେଖି ଖୁସି ହୁଅ, କିନ୍ତୁ ସେହି ଚମକ ପଛରେ ଥିବା ଅନ୍ଧାରକୁ ମଧ୍ୟ ଚିହ୍ନଟ କର। ୨୦୨୬ର ଏସୀୟ କ୍ରୀଡ଼ା ଶେଷ ହୋଇଛି। ପଦକଗୁଡ଼ିକ ଘରକୁ ଫେରିଛି। କିନ୍ତୁ ଏବେ ଆରମ୍ଭ ହେବା ଉଚିତ ଆଉ ଏକ ଯାତ୍ରା। ତାହା ହେଉଛି ଆତ୍ମସମୀକ୍ଷାର ଯାତ୍ରା। ଭାରତୀୟ କ୍ରୀଡ଼ାର ଭିତ୍ତିକୁ ଏତେ ଦୃଢ଼ କରିବା, ଯେପରି ଗୋଟିଏ ପ୍ରତିଯୋଗିତାରେ ପଦକ କମିଗଲେ ମଧ୍ୟ ଭବିଷ୍ୟତର ଆଶା କେବେ କମିବ ନାହିଁ। ନାଗୋୟାର ଗଣିତରେ ସାତଟି ସ୍ୱର୍ଣ୍ଣ କମିଛି। କିନ୍ତୁ ଭାରତୀୟ କ୍ରୀଡ଼ାର ସ୍ୱପ୍ନରେ ଗୋଟିଏ ସ୍ୱର୍ଣ୍ଣିମ ସମ୍ଭାବନା ଏବେ ମଧ୍ୟ ଜୀବନ୍ତ ରହିଛି। ସେହି ସମ୍ଭାବନାକୁ ସଫଳତାରେ ପରିଣତ କରିବା ହିଁ ଏବେ ସବୁଠାରୁ ବଡ଼ ଦାୟିତ୍ୱ। ତେବେ ଏଥିପାଇଁ କ୍ରୀଡ଼ା ସହିତ ଜଡ଼ିତ ସବୁ ବ୍ୟକ୍ତି, ସଂସ୍ଥା ଓ ପ୍ରତିଷ୍ଠାନକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ। ଦୋଷ ଓ ଦୁର୍ବଳତାକୁ ଚିହ୍ନଟ କରାଯିବା ସହ ତାହାକୁ ଦୂର କରିବା ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। କ୍ରୀଡ଼ାର ଉନ୍ନତି ପାଇଁ ପ୍ରତ୍ୟେକଙ୍କୁ ହୃଦୟର ସହ କାର୍ଯ୍ୟ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି କୁହାଯାଇପାରେ। ●

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

# ଆଉ ଲାଭ କ'ଣ?

ପ୍ରକାଶ ଚନ୍ଦ୍ର ମିଶ୍ର

'ଆଉ ଲାଭ କ'ଣ?' ଏହି ତିନୋଟି ଶବ୍ଦ ଆଜିର ସମାଜରେ ବହୁତ ସାଧାରଣ ହୋଇଯାଇଛି। କୌଣସି କାମ କରିବା ପୂର୍ବରୁ ଆମେ ପ୍ରାୟତଃ ପଚାରୁ 'ଏଥିରୁ ମୋର କ'ଣ ଲାଭ?' ବ୍ୟବସାୟ ଓ ଅର୍ଥନୈତିକ କ୍ଷେତ୍ରରେ ଏହି ପ୍ରଶ୍ନ ଯୁକ୍ତିସଙ୍ଗତ ହୋଇପାରେ। କିନ୍ତୁ ଯେତେବେଳେ ଜୀବନର ପ୍ରତିଟି ସମ୍ପର୍କ, ସେବା, ତ୍ୟାଗ ଓ ମାନବିକ କାର୍ଯ୍ୟକୁ ଲାଭର ତରାଜୁରେ ମପାଯାଏ, ସେତେବେଳେ ମଣିଷ ଧୀରେ ଧୀରେ ମାନବିକତାରୁ ଦୂରେଇଯାଏ।

ଜଣେ ମା' ରାତିସାରା ଅସୁସ୍ଥ ଶିଶୁର ଶଯ୍ୟା ପାଖରେ ଜାଗି ରହନ୍ତି। ନିଜର ସବୁ କ୍ଳାନ୍ତି ଭୁଲି ତା'ର ଯତ୍ନ ନିଅନ୍ତି। ସେ କେବେ ଭାବନ୍ତି ନାହିଁ 'ଏଥିରୁ ମୋର ଲାଭ କଣ?' ମା'ର ଭଲପାଇବା ନିଃସ୍ୱାର୍ଥ, ନିଷ୍କାମ ଓ ଅପାର। ଜଣେ ବୃଦ୍ଧ ବାପା ଅସୁସ୍ଥ ହୋଇ ଶଯ୍ୟାଶାୟୀ ଅଛନ୍ତି। ପୁଅ ଯଦି ଭାବେ 'ଏତେ ଟଙ୍କା ଖର୍ଚ୍ଚ କରି ଆଉ ଲାଭ କଣ?' ତେବେ ସେ ଭୁଲିଯାଏ ଯେ ଏହି ବାପା ନିଜର ସୁଖ, ଆରାମ, ଇଚ୍ଛା ଓ ଅନେକ ସ୍ୱପ୍ନକୁ ତ୍ୟାଗ କରି ତା'କୁ ମଣିଷ କରିଥିଲେ। ସେତେବେଳେ ବାପା କେବେ ପଚାରିନଥିଲେ 'ଏତେ ଖର୍ଚ୍ଚ କରି ଲାଭ କ'ଣ?' ଜଣେ ଶିକ୍ଷକ ଜଣେ ଗରିବ ମେଧାବୀ ଛାତ୍ରକୁ ଅତିରିକ୍ତ ସମୟ ଦେଇ ପଢ଼ାନ୍ତି, ତା'କୁ ସାହସ ଦିଅନ୍ତି ଏବଂ ତା'ର ସ୍ୱପ୍ନକୁ ଡେଣା ଲଗାନ୍ତି। ଅନ୍ୟମାନେ ପଚାରିପାରନ୍ତି 'ଏଥିରୁ ଆପଣଙ୍କର ଲାଭ କ'ଣ?' ଜ୍ଞାନ ବାଣ୍ଟିବାର ଆନନ୍ଦ, ଜଣେ ମଣିଷର ଜୀବନକୁ ଆଲୋକିତ କରିବାର ତୃପ୍ତି ଓ ସମାଜକୁ ଜଣେ ଭଲ ନାଗରିକ ଦେବାର ଗର୍ବ - ଏସବୁ କୌଣସି ଅର୍ଥ କିମ୍ବା ଲାଭର ମାପକାଠିରେ ମାପାଯାଇ ପାରେନାହିଁ। ଜଣେ ଅବସରପ୍ରାପ୍ତ ଶିକ୍ଷକ ପେନସନ ପାଇବା ପରେ ମଧ୍ୟ ପ୍ରତିଦିନ ସ୍କୁଲକୁ ଯାଇ ପିଲାମାନଙ୍କୁ ପଢ଼ାନ୍ତି। ଲୋକେ ପଚାରନ୍ତି 'ଆଉ ଲାଭ କ'ଣ?' ଶିକ୍ଷକଙ୍କ ପାଇଁ ଶିକ୍ଷାଦାନ କେବଳ ଏକ ପେସା ନୁହେଁ; ଏହା ତାଙ୍କର ଜୀବନଧର୍ମ। ଗଛ ଲଗାଇବା ବେଳେ ଅନେକେ କହନ୍ତି 'ମୁଁ ତ ଏହାର ଫଳ ଖାଇପାରିବି ନାହିଁ, ଆଉ ଲାଭ କ'ଣ?' କିନ୍ତୁ ସଭ୍ୟତା ଆଗକୁ ବଢ଼ିଛି କେବଳ ସେହି ଲୋକମାନଙ୍କ ପାଇଁ, ଯେଉଁମାନେ ନିଜ ସମୟର ସୀମା ଟପି ଭବିଷ୍ୟତ ପିଢ଼ିର କଥା ଭାବିଥିଲେ।

ଜଣେ କର୍କଟ ରୋଗୀଙ୍କ ଚିକିତ୍ସା ବର୍ଷ ବର୍ଷ ଧରି ଚାଲିଛି। କେହି କହନ୍ତି 'ଆଉ ଚିକିତ୍ସା କରି ଲାଭ କ'ଣ?' କିନ୍ତୁ ଚିକିତ୍ସାର ଉଦ୍ଦେଶ୍ୟ କେବଳ ରୋଗ ନିରାକରଣ ନୁହେଁ; ଆଶାକୁ ବଞ୍ଚାଇ ରଖିବା। ଯେପର୍ଯ୍ୟନ୍ତ ଜୀବନ ଅଛି, ସେପର୍ଯ୍ୟନ୍ତ ସମ୍ଭାବନା ଅଛି। ଜଣେ ଭକ୍ତ କିମ୍ବା ସଙ୍ଗୀତପ୍ରେମୀ ସାରା ଜୀବନ ଗୀତ ଗାଉଛନ୍ତି। କୌଣସି ବଡ଼ ପୁରସ୍କାର, ସମ୍ବର୍ଦ୍ଧନା କିମ୍ବା ଖ୍ୟାତି ମିଳିନାହିଁ। ସେତେବେଳେ କେହି କହନ୍ତି 'ଏତେ ଗୀତ ଗାଇ ଲାଭ କ'ଣ?' କିନ୍ତୁ ସଙ୍ଗୀତ ତାଙ୍କ ପାଇଁ କେବଳ ଏକ କଳା ନୁହେଁ; ତାଙ୍କର ଆନ୍ତରିକ ଜଗତ, ଆନନ୍ଦ, ପ୍ରାର୍ଥନା। ଜଣେ ସଚ୍ଚୋଟ ସରକାରୀ କର୍ମଚାରୀ ସାରାଜୀବନ ଲାଞ୍ଚ ନ ନେଇ, ପଦବୀର ଦୁରୁପଯୋଗ ନ କରି ସାଧାରଣ ଜୀବନଯାପନ କରନ୍ତି। କେହି କେହି କହନ୍ତି 'ଏତେ ବଡ଼ ଚାକିରି କରି ମଧ୍ୟ ବଡ଼ ଘର କି ଗାଡ଼ିଟିଏ ନାହିଁ, ଲାଭ କ'ଣ?' ଧନସମ୍ପତ୍ତି ଦିନେ ନା ଦିନେ ନଷ୍ଟ ହୋଇଯାଇପାରେ, କିନ୍ତୁ ସତ୍ୟନିଷ୍ଠାର ଗୌରବ ଓ ଚରିତ୍ରର ମର୍ଯ୍ୟାଦା ମଣିଷକୁ ମୃତ୍ୟୁ ପରେ ମଧ୍ୟ ଅମର କରି ରଖେ। ଜଣେ ବିଦ୍ୱାନ ବ୍ୟକ୍ତି ଆଇଏଏସ୍, ଆଇପିଏସ୍ ଭଳି ଚାକିରି ପାଇଲେ ନାହିଁ କିମ୍ବା ବହୁତ ଅର୍ଥ ଉପାର୍ଜନ ମଧ୍ୟ କରିପାରିଲେ ନାହିଁ। ସେତେବେଳେ କେହି କେହି କହନ୍ତି 'ଏତେ ପାଠ ପଢ଼ି ଲାଭ କ'ଣ?' କିନ୍ତୁ ଜଣେ ବିଦ୍ୱାନଙ୍କ ପ୍ରଭାବ ତାଙ୍କ ବ୍ୟାଙ୍କ ଖାତାରେ ନୁହେଁ, ବରଂ ତାଙ୍କ ଚିନ୍ତାଧାରା, ଲେଖନୀ, ଶିକ୍ଷାଦାନ ଓ ସମାଜ ପାଇଁ ଅବଦାନରେ ଦେଖାଯାଏ। ଧନ ସମୟ ସହିତ କ୍ଷୟ ହୋଇପାରେ, କିନ୍ତୁ ଜ୍ଞାନର ଆଲୋକ ପିଢ଼ି ପରେ ପିଢ଼ିକୁ ପଥ ଦେଖାଇ ଚାଲିଥାଏ।

ଜଣେ ବ୍ୟକ୍ତି ୭୦ ବର୍ଷ ବୟସରେ ନିୟମିତ ବ୍ୟାୟାମ କରନ୍ତି ଏବଂ ଛୋଟ ପିଲାମାନଙ୍କୁ ଖେଳ ଓ ଶାରୀରିକ ଅଭ୍ୟାସ ପାଇଁ ପ୍ରୋତ୍ସାହିତ କରନ୍ତି। ଲୋକେ କିମ୍ବା ପରିବାରର କେହି କହିପାରନ୍ତି 'ନିଜେ ତ ଖେଳାଳି ହୋଇପାରିଲେ ନାହିଁ, ଏହି ବୟସରେ ଏସବୁ କରି ଲାଭ କ'ଣ? କିନ୍ତୁ ତାଙ୍କର ସବୁଠାରୁ ବଡ଼ ଲକ୍ଷ୍ୟ ହେଉଛି ଜୀବନ ପ୍ରତି ଉତ୍ସାହ ଓ ଜୀବନଶକ୍ତିକୁ ବଞ୍ଚାଇ ରଖିବା, ଶରୀର ଓ ମନକୁ ସକ୍ରିୟ ରଖିବା ଏବଂ ନୂଆ ପିଢ଼ିକୁ ସୁସ୍ଥ ଜୀବନଯାପନ ପାଇଁ ପ୍ରେରଣା ଦେବା। ଜଣେ ମିତ୍ର ନିଜ ବନ୍ଧୁର ଦୁଃଖ, ବିପଦ ଓ ସଙ୍କଟ ସମୟରେ ତା'ର ପାଖରେ ଦୃଢ଼ ଭାବେ ଠିଆ ହୁଏ। ସେଥିରୁ ତା'ର କୌଣସି ଆର୍ଥିକ ଲାଭ ହୁଏନାହିଁ, କୌଣସି ପୁରସ୍କାର ମଧ୍ୟ ମିଳେ ନାହିଁ। ତଥାପି ସେ ସାଥି ଛାଡ଼େ ନାହିଁ। କାରଣ ପ୍ରକୃତ ବନ୍ଧୁତ୍ୱ ସ୍ୱାର୍ଥ ଉପରେ ନୁହେଁ, ବିଶ୍ୱାସ ଓ ଆତ୍ମୀୟତା ଉପରେ ଗଢ଼ିଉଠେ। ସେଥିପାଇଁ ବନ୍ଧୁତ୍ୱର ମୂଲ୍ୟ ଲାଭ-କ୍ଷତିରେ ନୁହେଁ; ଦୁଃଖ ସମୟରେ ନିଃସ୍ୱାର୍ଥ ଭାବେ ପାଖରେ ରହିବାରେ ଥାଏ। ଜଣେ ମହିଳା ନିଜ ପଡ଼ୋଶୀଙ୍କ ଅସୁସ୍ଥତା ସମୟରେ ଖାଦ୍ୟ ପଠାନ୍ତି। ଜଣେ ଛାତ୍ର ରକ୍ତଦାନ କରନ୍ତି। ଜଣେ ବ୍ୟକ୍ତି ବୃଦ୍ଧାଶ୍ରମକୁ ଯାଇ ବୃଦ୍ଧମାନଙ୍କ ସହ ସମୟ କାଟନ୍ତି। ଏସବୁ କାମରେ ଲାଭ ନଥାଏ, କିନ୍ତୁ ମାନବିକତା ଥାଏ।

ପ୍ରକୃତି ଆମକୁ ଏକ ବଡ଼ ଶିକ୍ଷା ଦିଏ। ସୂର୍ଯ୍ୟ ପ୍ରତିଦିନ ଆଲୋକ ଦିଏ। ନଦୀ ଅବିରତ ବହେ। ଗଛ ଫଳ ଓ ଛାଇ ଦିଏ। ସେମାନେ କେବେ ପଚାରନ୍ତି ନାହିଁ 'ଲାଭ କ'ଣ?' କିଛି କାମ କର୍ତ୍ତବ୍ୟ ପାଇଁ କରାଯାଏ, କିଛି ପ୍ରେମ ପାଇଁ, କିଛି ମାନବିକତା ପାଇଁ, କିଛି କୃତଜ୍ଞତା ପାଇଁ, ଆଉ କିଛି କେବଳ ଆଶାକୁ ବଞ୍ଚାଇ ରଖିବା ପାଇଁ। ଜୀବନର ସବୁଠାରୁ ବଡ଼ ଲାଭ ହେଉଛି ଆମେ କେତେ ହୃଦୟ ଜିତିଲୁ, କେତେ ଲୋକଙ୍କ ମୁହଁରେ ହସ ଫୁଟାଇଲୁ, କେତେ ଭଲପାଇବା ବାଣ୍ଟିଲୁ ଏବଂ କେତେ ମାନବିକତା ଛାଡ଼ି ଯାଇପାରିଲୁ। ସେହି ଲାଭ ହିଁ ଚିରସ୍ଥାୟୀ; ବାକି ସବୁ କ୍ଷଣସ୍ଥାୟୀ। ●

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୮୦୭୪୮ ୯୩୭୭୮

# ମହାପାତ୍ର ନୀଳମଣି: ଧ୍ୱନି ଓ ପ୍ରତିଧ୍ୱନି

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ମଣିଷ-ହୃଦୟର ନିଭୃତତମ ନିଳୟ ମଧ୍ୟକୁ ପ୍ରବେଶ କରିବାର ଅପୂର୍ବ ସମ୍ବେଦନା ଯାହାଙ୍କ ଅନ୍ତରାତ୍ମାରେ ହୋଇପାରିଥିଲା ସୁବିକଶିତ ସେ ହେଉଛନ୍ତି ଓଡ଼ିଆ କଥା-ସାହିତ୍ୟଜଗତର ଅସାଧାରଣ ପ୍ରତିଭା ମହାପାତ୍ର ନୀଳମଣି ସାହୁ। ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହି ଯେଉଁ ଚରିତ୍ରମାନେ ଲୋତକାପ୍ଲୁତ ସେମାନଙ୍କୁ ବାହ୍ୟ ପରଦା ଅପସୃତ କରି ଦେଖିପାରିବାର ସୂକ୍ଷ୍ମଦୃଷ୍ଟି ଉନ୍ମୋଚିତ ହୋଇଯାଇଥିଲା ତାଙ୍କ ଅନ୍ତଃସ୍ଥଳରେ। ଚରିତ୍ରମାନଙ୍କ ସହ ଏକାତ୍ମ ହୋଇ ସେ ହସିଛନ୍ତି, କାନ୍ଦିଛନ୍ତି ମଧ୍ୟ। ତାଙ୍କ ରଚିତ ଉପନ୍ୟାସ 'ଧରା ଓ ଧାରା', 'ତାମସୀ ରାଧା', ଗଳ୍ପ ସଂକଳନ 'ସୁମିତ୍ରାର ହସ', 'ଆକାଶ ପାତାଳ', 'ବୃନ୍ଦାବନର ଶେଷଧୂପ', 'ପିଙ୍ଗଳା ସେ ଅନ୍ୟଜଣେ' ଆଦିରେ ତାଙ୍କର ଏହି ସମଦରଦୀ ଭାବର ବ୍ୟାପକତା ପାଠକ ପାଇଁ ଶାନ୍ତି ଓ ସାନ୍ତ୍ୱନାର ସୁଶୀତଳ ନିର୍ଝର। 'ଅଭିଶପ୍ତ ଗନ୍ଧର୍ବ'ତାଙ୍କ ବହୁଚର୍ଚ୍ଚିତ ଗଳ୍ପ ଗ୍ରନ୍ଥ।

ତାଙ୍କର ସ୍ୱକୀୟ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ, ଜୀବନବୋଧ, ସୁକୋମଳ ଭାଷାଶୈଳୀ ଓ ଅପୂର୍ବ ରସସୃଷ୍ଟି ପାଠକମାନସକୁ କରିଆସିଛି ସୁଗଭୀର ତଥା ତୀବ୍ର ଭାବରେ ଆଲୋଡ଼ିତ। ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ରମ୍ୟରଚନା ଆଦି ବିଭିନ୍ନ ବିଭାଗରେ ତାଙ୍କ ସୃଜନଶୀଳ ପ୍ରତିଭା ହୋଇଛି ପରିସ୍ଫୁଟିତ। ସେ ମଣିଷକୁ କୌଣସି ଆଦର୍ଶର ପ୍ରତିମୂର୍ତ୍ତି ଭାବରେ ଚିତ୍ରଣ କରନ୍ତି ନାହିଁ; ବରଂ ତା'ର ଦୁର୍ବଳତା, ସ୍ୱପ୍ନ, ଆଶା, ହତାଶା, ପ୍ରେମ, ଈର୍ଷା, ଅହଂକାର, ଅସହାୟତା ଓ ଅନ୍ତର୍ଦ୍ୱନ୍ଦ୍ୱକୁ ସହାନୁଭୂତିର ସହିତ ଅନୁଧ୍ୟାନ କରନ୍ତି। ସାଧାରଣ ମଣିଷ ମଧ୍ୟରେ ଅସାଧାରଣ ଜୀବନସତ୍ୟକୁ ଆବିଷ୍କାର କରିବାର କ୍ଷମତା ତାଙ୍କ ସାହିତ୍ୟକୁ ବିଶେଷ ମର୍ଯ୍ୟାଦାମଣ୍ଡିତ କରି ଦେଇଛି। ଚରିତ୍ରର ଅବଚେତନ ଇଚ୍ଛା, ଦ୍ୱିଧା, ଆତ୍ମପ୍ରବଞ୍ଚନା, ମାନସିକ ସଂଘର୍ଷ ଓ ନିଃସଙ୍ଗତାକୁ ସେ ସୂକ୍ଷ୍ମ ସୌହାର୍ଦ୍ଦର ସହିତ ଧରିପାରିଛନ୍ତି।

ହାସ୍ୟ ଓ ବ୍ୟଙ୍ଗର ଅନ୍ତଃରୂପ ତାଙ୍କ ସାହିତ୍ୟରେ ଉଦ୍ଭାସିତ। ସେହି ହାସ୍ୟ କେବଳ ପାଠକଙ୍କୁ ହସାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ତାହାର ଅନ୍ତରାଳରେ ବିଦ୍ୟମାନ ଏକ ବିଦଗ୍ଧ ଉପଲବ୍ଧି। ମଧ୍ୟବିତ୍ତ ମଣିଷର ଆତ୍ମପ୍ରବଞ୍ଚନା, ସାମାଜିକ ପ୍ରତିଷ୍ଠାର ଲାଳସା, ମିଥ୍ୟା ଅହଂକାର, ଆଡ଼ମ୍ବର ଓ କଥା-କାମ ମଧ୍ୟରେ ଥିବା ବିରୋଧାଭାସ ତାଙ୍କ ବ୍ୟଙ୍ଗର ବିଷୟ। ସେ ମଣିଷର ଦୁର୍ବଳତାକୁ ଦେଖି ହସନ୍ତି, କିନ୍ତୁ ମଣିଷକୁ ଘୃଣା କରନ୍ତି ନାହିଁ। ଏହି ମାନବିକତା-ଆପ୍ଲୁତ ବ୍ୟଙ୍ଗ ତାଙ୍କ ସାହିତ୍ୟର ଏକ ବିଶେଷ ସ୍ୱାକ୍ଷର। ପରିବାର, ଚାକିରି, ସାମାଜିକ ସମ୍ମାନ, ଆର୍ଥିକ ଅନିଶ୍ଚିତତା, ଦାମ୍ପତ୍ୟ ସମ୍ପର୍କ, ଆତ୍ମୀୟତା, ମାନ-ଅଭିମାନ ଓ ସାମାଜିକ ଛଳନା - ଏସବୁ ତାଙ୍କ ସାହିତ୍ୟର ଅତି ପରିଚିତ ଉପାଦାନ। 'ସ୍ୱପ୍ନ ସ୍ୱପ୍ନ ଅନେକ ସ୍ୱପ୍ନ', 'ଧ୍ୱନି ଧ୍ୱନି ପ୍ରତିଧ୍ୱନି' ପରି ପୁସ୍ତକରେ ବିନ୍ୟସ୍ତ ହୋଇ ରହିଛି ରମ୍ୟ ରଚନାର ଅସାମାନ୍ୟ ଲାଳିତ୍ୟ।

ସ୍ୱାଧୀନତା-ପରବର୍ତ୍ତୀ ଓଡ଼ିଆ ସମାଜରେ ଦ୍ରୁତ ପରିବର୍ତ୍ତିତ ମୂଲ୍ୟବୋଧ ନୀଳମଣି ସାହୁଙ୍କ ସାହିତ୍ୟରେ ସୁସ୍ପଷ୍ଟ। ଏକପଟେ ପାରମ୍ପରିକ ସଂସ୍କାର, ପାରିବାରିକ ବନ୍ଧନ ଓ ନୈତିକ ମୂଲ୍ୟବୋଧ; ଅନ୍ୟପଟେ ଆଧୁନିକ ଶିକ୍ଷା, ସହରୀ ସଭ୍ୟତା, ବ୍ୟକ୍ତିସ୍ୱାତନ୍ତ୍ର୍ୟ ଓ ନବୀନ ଜୀବନଦୃଷ୍ଟି - ଏହି ଦୁଇର ସଂଘାତ ତାଙ୍କ ରଚନାକୁ ଏକ ଭିନ୍ନ ବୈଚିତ୍ର୍ୟରେ ବିଭୂଷିତ କରି ଦେଇପାରିଛି। ସେ ପରମ୍ପରାକୁ ନିର୍ବିଚାର ଭାବରେ ସମର୍ଥନ କରନ୍ତି ନାହିଁ କିମ୍ବା ଆଧୁନିକତାକୁ ନିଃସର୍ତ୍ତ ଭାବରେ ଗ୍ରହଣ କରନ୍ତି ନାହିଁ। ଉଭୟକୁ ମାନବିକ ମୂଲ୍ୟବୋଧର କଷଟିପଥରରେ ପରୀକ୍ଷା କରିବା ତାଙ୍କ ସାହିତ୍ୟ-ଦୃଷ୍ଟିର ଦୁର୍ଲଭ ଉପାଦାନ। କରୁଣା ଓ କୌତୁକର ସହାବସ୍ଥାନ ଘଟାଇ ପାରନ୍ତି ସେ କଳାତ୍ମକ ରୀତିରେ। ଜୀବନ ତାଙ୍କ ପାଖରେ କେବଳ ହାସ୍ୟମୟ ନୁହେଁ, ପୁଣି କେବଳ ଦୁଃଖମୟ ମଧ୍ୟ ନୁହେଁ। ମଣିଷ ଦୁଃଖ ମଧ୍ୟରେ ହସେ, ହାସ୍ୟକର ପରିସ୍ଥିତି ମଧ୍ୟରେ କାରୁଣ୍ୟ ଜର୍ଜରିତ ହୋଇ ବଞ୍ଚେ। ଏହି ଦ୍ୱୈତ ଅନୁଭବକୁ ସେ ଦେଇଛନ୍ତି ଶୈଳ୍ପିକ ସୌନ୍ଦର୍ଯ୍ୟ। ଧର୍ମ, ଆଧ୍ୟାତିକତା, ଜୀବନ-ଦର୍ଶନ, ସାହିତ୍ୟ ସମାଲୋଚନା ପ୍ରଭୃତିରେ ତାଙ୍କ ଅନୁଭବ ଓ ଚିନ୍ତନର ମହନୀୟତା ପାଠକକୁ ବିସ୍ମିତ କରିଦିଏ। 'ସନାତନ ଧର୍ମର ସାରକଥା', 'ଉଦ୍ଧବ କେତେ ତୁ ପଚାରୁ', 'ଡହରାନନ୍ଦଙ୍କ ଅଭିନ୍ନ ପ୍ରବଚନମାଳା', 'କଳିଯୁଗର ଶେଷ ବେଳାରେ', 'ସାହିତ୍ୟର ପାରାପାର', 'ଆମ କଥା ସାହିତ୍ୟର କଥା ଓ ରମ୍ୟ ରଚନା' ଆଦି ଧ୍ୟାନସ୍ଥ ଚିତ୍ତରେ ପାଠ କଲେ ଆତ୍ମ ଉତ୍ତରଣମୁଖୀ ହେବାର ସମ୍ଭାବନା ଉନ୍ମୁକ୍ତ। ଯେଉଁମାନେ ବିଷାଦ ଜର୍ଜରିତ, ଏ ପୃଥିବୀରେ ଜ୍ଞାନ କରନ୍ତି ନିଜକୁ ନିଃସଙ୍ଗ ସେମାନଙ୍କର ନିଜ ଚିରଇପ୍ସିତ ମଣିଷ ବା ଈଶ୍ୱରଙ୍କ ସହିତ ବି ସାକ୍ଷାତ ହୋଇଯିବା ଆଦୌ ଅସମ୍ଭବ ନୁହେଁ। ଏ ଦୁନିଆରେ ଆଶା-ଦୀପ୍ତ କିଛି ବି ଘଟି ଯାଇପାରେ। 'ନିବେଦିତାର ନୈଶାଭିସାର' ଦୀର୍ଘ ଗଳ୍ପଟିରେ ଏହି ଅନ୍ତର୍ସତ୍ୟ ଚମତ୍କୃତ କରିଦେବ ଆମକୁ ସୁନିଶ୍ଚିତ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### କେବେଠୁ ଆରମ୍ଭ ହେବ ଜାତୀୟ ଜଳପଥ ୧୪ରେ ଗମନାଗମନ

# ୨ ବର୍ଷ ହେଲା କାର୍ଯ୍ୟରେ ବିଶେଷ ଅଗ୍ରଗତି ହେଉନି

ଆରଡ଼ି,୭।୧୦(ସମିସ)

ଭାରତ ସରକାରଙ୍କ ବନ୍ଦର ଓ ଆଭ୍ୟନ୍ତରୀଣ ଜଳ ପରିବହନ ନିର୍ଦ୍ଦେଶାଳୟ ବିଭିନ୍ନ ରାଜ୍ୟର ନଦୀମାନଙ୍କରେ ପରିବହନର ବିକାଶ କରିବା ନିମନ୍ତେ ଜାତୀୟ ଜଳପଥ କାର୍ଯ୍ୟ ୨୦୧୬ ଏପ୍ରିଲ୍ ୧୨ରୁ ଆରମ୍ଭ କରିଛନ୍ତି। ଓଡ଼ିଶା ଏକ ସାମୁଦ୍ରିକ ରାଜ୍ୟ ଯାହାର ପ୍ରାୟ ୪୮୦ କିଲୋମିଟର ଲମ୍ବର ଏକ ବିଶାଳ ଉପକୂଳ ରହିଛି। ସେହି ଉପକୂଳବର୍ତ୍ତୀ ଅଞ୍ଚଳରେ କ୍ଷୁଦ୍ର ବନ୍ଦର, ମାଛ ଧରିବା ବନ୍ଦର, ଜେଟି ଓ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ଜଳ ପରିବହନର ସୁବିଧା ଓ ବିକାଶ ପାଇଁ ନଦୀମାନଙ୍କରେ ଜଳପଥ ନିର୍ମାଣ କରୁଛନ୍ତି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲୁଛି। ବୈତରଣୀ ନଦୀ ତଟଦେଶରେ ଅବସ୍ଥିତ ଚାନ୍ଦବାଲି ଏକ ପୁରାତନ ବନ୍ଦର ଭାବେ ବହୁ ଖ୍ୟାତି ଅର୍ଜନ କରିଛି। ଏହାକୁ ଦୃଷ୍ଟିରେ ରଖି ବୈତରଣୀ ନଦୀ କୂଳରେ ଜାତୀୟ ଜଳପଥ-୧୪ ପ୍ରାୟ ୯ କୋଟି ୮୦ ଲକ୍ଷ ଟଙ୍କାରେ ନିର୍ମାଣ ହେବା ନିମନ୍ତେ ବିଲ୍ ପାରିତ ହୋଇଥିଲା। ଏହି ଅର୍ଥରାଶିକୁ ଭିନ୍ନ ଭିନ୍ନ ବିଭାଗ ଯଥା- ଫେୟାର ୱେ ବିକାଶ ପାଇଁ ୬ କୋଟି, ନାଭିଗେସେନ ଓ ଯୋଗାଯୋଗ ପାଇଁ ୨ କୋଟି ୪୪ ଲକ୍ଷ, ଟର୍ମିନାଲ କୋଠା ପାଇଁ ୫୪ ଲକ୍ଷ ୧୬ ହଜାର, ବର୍ଥ ନଂ ଗଠନ ପାଇଁ ୨୯ ଲକ୍ଷ ୫୭ ହଜାର, ସହାୟକ ଜିନିଷ ପାଇଁ ୨୦ ଲକ୍ଷ, ନୌଚାଳନା ପାଇଁ ୧୩ ଲକ୍ଷ, ଉପଯୋଗିତା ସ୍ଥାନାନ୍ତର ପାଇଁ ୧୦ ଲକ୍ଷ, ଭୂ-ଦୃଶ୍ୟ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ଜଳପଥର କ୍ଷେତ୍ର ପ୍ରାୟ ୪୮ କିଲୋମିଟର ବ୍ୟାପୀ ରହିଛି। ଏହା ନୂଆଗାଁରୁ ଦତପୁର ପର୍ଯ୍ୟନ୍ତ ପ୍ରମୁଖ ସ୍ଥାନ ସହିତ ବିସ୍ତାରିତ ହୋଇଛି। ବିଶେଷକରି ପର୍ଯ୍ୟଟନର ବିକାଶ ନିମନ୍ତେ ଏହି ପ୍ରକଳ୍ପର ଗୁରୁତ୍ୱ ବିଶେଷ ଭାବେ ଜରୁରୀ। ପର୍ଯ୍ୟଟକମାନେ ଚାନ୍ଦବାଲିରୁ ବାହାରି ଧାମରା ପର୍ଯ୍ୟନ୍ତ ପ୍ରାୟ ୨୫ କିଲୋମିଟର, ନଳିତା ପାଟିଆ ୨୧ କିଲୋମିଟର, ଜୟନଗର ୨୮ କିଲୋମିଟର ଓ ଆରଡ଼ି ଆଖଣ୍ଡଳମଣିଙ୍କ ପୀଠକୁ ୧୩ କିଲୋମିଟର ପର୍ଯ୍ୟନ୍ତ ଜାହାଜରେ ଯାଇ ବୁଲିବା ସହିତ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ଏହି ପ୍ରକଳ୍ପ ହୋଇଛି। କିନ୍ତୁ ଦୁଃଖର ବିଷୟ ଦୁଇ ବର୍ଷ ହେବାକୁ ବସିଲାଣି ଆରଡ଼ି ବୈତରଣୀ ନଦୀ ଘାଟରେ ନିର୍ମିତ ହେଉଥିବା ଜେଟି ଓ ତା'ର ଚତୁଃପାଶ୍ୱର୍ ଅଧପନ୍ତରିଆ ହୋଇ ପଡ଼ିରହିଛି। କାମରେ ବିଶେଷ ଅଗ୍ରଗତି ହୋଇନାହିଁ। ଯେଉଁ ଲୁହା ପ୍ୟାନେଲ୍ ମାଧ୍ୟମରେ ଜେଟି ନିର୍ମିତ ହେଉଥିଲା ତାହାର ଗୋଟେ ଗୋଡ଼ ନଦୀ ଗର୍ଭକୁ ଗଳିପଡ଼ିଛି। ନିର୍ମିତ ହେଉଥିବା କାମରେ ଫଳକ ନାହିଁ। ଦୁଇ ପାର୍ଶ୍ୱରେ କେବଳ ୨ ଫୁଟ୍ ଉଚ୍ଚର ଖମ୍ବ ଉଠା ହୋଇ ରହିଛି। ମୁଖଶାଳା ଗେଟ୍ କାମ ବି ଅଧା ହୋଇ ରହିଛି। କେନ୍ଦ୍ର ସରକାର ଯେଉଁ ଉଦ୍ଦେଶ୍ୟ ନେଇ ଏହି ପ୍ରକଳ୍ପ କରିଥିଲେ, ରାଜ୍ୟର ବାଣିଜ୍ୟ ବିଭାଗ ଗୁରୁତ୍ୱର ସହ ନେଇ ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରି କାର୍ଯ୍ୟର ଗତି ବଢ଼େଇ ଶୀଘ୍ର ସମାପନ ପରେ ସାଧାରଣ ଲୋକମାନେ ଗମନାଗମନ କଲେ ତାହା ପ୍ରକଳ୍ପର ମହତ୍ୱସାଧିତ ହେବ।



**ମନ୍ଥର ଗତିରେ ଆରଡ଼ି ନଦୀ ଘାଟରେ ନିର୍ମାଣ ହେଉଛି ଜେଟି କାର୍ଯ୍ୟ**



**ବାବା ଆଖଣ୍ଡଳମଣିଙ୍କ ପୀଠରେ ମା' ଜୟଦୁର୍ଗାଙ୍କ ଭବାନୀ ବେଶ**

▶▶ ରିଲିଫ୍ ଚାଉଳ ବଣ୍ଟନ ବେଳେ ହଙ୍ଗାମା

## ସରକାରୀ କର୍ମଚାରୀଙ୍କୁ ଗାଳିଗୁଲଜ; ଥାନାରେ ମାମଲା

ଭଦ୍ରକ,୭।୧୦(ସମିସ): ଧାମନଗର ବ୍ଲକ୍ କାଶୀମପୁର ପଞ୍ଚାୟତରେ ବନ୍ୟାବିପନ୍ନଙ୍କୁ ରିଲିଫ୍ ଚାଉଳ ବଣ୍ଟନ ବେଳେ ହଙ୍ଗାମା ହୋଇଥିବା ଅଭିଯୋଗ ହୋଇଛି। ସରକାରୀ କର୍ମଚାରୀଙ୍କୁ ଅସଦାଚରଣ, ଗାଳିଗୁଲଜ ଓ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଆକ୍ୱିଟାନ୍ସ ରୋଲ୍ ଓ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିବା ନେଇ ଧୂଷୁରୀ ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୫ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ କାଶୀମପୁର ପଞ୍ଚାୟତର ହିସାବରକ୍ଷକ ତଥା ଏଡିଇଓ ପୂର୍ଣ୍ଣେନ୍ଦୁ କୁମାର ପାତ୍ର ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ଚାଉଳ ବଣ୍ଟନ କରୁଥିଲେ। ପ୍ରାୟ ୫୦ ଜଣଙ୍କୁ ଚାଉଳ ବଣ୍ଟନ ପରେ ଅକ୍ଷୟ ମଲ୍ଲିକଙ୍କ ନେତୃତ୍ୱରେ ବୀରେନ୍ଦ୍ର ଜେନା, ନିରଞ୍ଜନ ଜେନାଙ୍କ ସମେତ ୨୦ରୁ ଅଧିକ ଯୁବକ ସେଠାରେ ପହଞ୍ଚି ଆକ୍ୱିଟାନ୍ସ ରୋଲ୍ ଓ ମୋବାଇଲ୍ ଫୋନ୍ ଜୋର୍‌ଜବରଦସ୍ତ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଏଥିସହ ଜାଲ୍ ରିପୋର୍ଟ ପ୍ରସ୍ତୁତ କରି ଚାଉଳ ବଣ୍ଟନ କରିବାକୁ ଶ୍ରୀ ପାତ୍ରଙ୍କ ଉପରେ ଚାପ ପକାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ବିଡିଓଙ୍କୁ ଜଣାଇବା ପାଇଁ ଚାଉଳ ବଣ୍ଟନ ବନ୍ଦ କରିବା ପରେ ଶତାଧିକ ଲୋକ ଓ ମହିଳା ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମ ବନ୍ଦ ନ କଲେ ଏବଂ ପୁଲିସକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ୬ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣେନ୍ଦୁ ଧୂଷୁରୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାରେ ଏକ ମାମଲା(ନଂ-୪୪୫/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଏସ୍ଆଇ ବି. ସାମଲ ମାମଲାର ତଦନ୍ତ କରୁଛନ୍ତି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ଆରଡ଼ି,୭।୧୦(ସମିସ): ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ଆରଡ଼ି ଓ ନାନ୍ଦପୁର ପଞ୍ଚାୟତକୁ ନେଇ ଗଠିତ ପହଣ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ବୁଧବାର ନୃସିଂହନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ, ନାନ୍ଦପୁରରେ ଅନୁଷ୍ଠିତ ହୋଇଛି। ଗ୍ରାମାଞ୍ଚଳର ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ପୂର୍ବ ନବୀନ ସରକାର ସମୟରେ ୨୦୧୨ରୁ ଏହି ଅଭିନବ କାର୍ଯ୍ୟକ୍ରମ ଚାଲି ଆସୁଛି। ବିଦ୍ୟାଳୟସ୍ତରରୁ ଆରମ୍ଭ ହୋଇ କ୍ଲଷ୍ଟରସ୍ତରୀୟ ଓ ପରବର୍ତ୍ତୀ ସମୟରେ ବ୍ଲକ୍ ସହିତ ଜିଲ୍ଲାସ୍ତରୀୟ ସରିଲା ପରେ କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ 'ସୁରଭି' ପ୍ରତିଯୋଗିତାରେ ଭାଗ ନିଅନ୍ତି। ଏଥିରେ ମୋଟ୍ ୧୮୦ ଜଣ ପିଲା ଭାଗ ନେଇଥିଲେ। ପ୍ରାୟ ୧୮ଟି ଇଭେଣ୍ଟ ଅନୁଷ୍ଠିତ ହୋଇଛି। ଚତୁର୍ଥରୁ ୭ମ କନିଷ୍ଠ ଓ ଅଷ୍ଟମରୁ ଦଶମ ବରିଷ୍ଠ ଭାବେ ଦୁଇ ଭାଗରେ ବିଭକ୍ତ କରାଯାଇ ପିଲାମାନଙ୍କର ଦକ୍ଷତା ପ୍ରତିପାଦନ କରାଯାଇଥାଏ। ସମସ୍ତ ବର୍ଗରେ ପ୍ରଥମ ହୋଇଥିବା ପିଲାମାନେ ବ୍ଲକସ୍ତରୀୟ ସୁରଭି-୨୦୨୬ରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପହଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିଲ୍ଲୀପ ଶେଖର ନାୟକଙ୍କ ହୋଇଥିବାବେଳେ ମୁଖ୍ୟ ଅତିଥି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଗଦାଧର ନାୟକ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ଦୋଳଗୋବିନ୍ଦ ମଲ୍ଲିକ, ଭରତ ସେଠୀ, ସୁବୋଧ ଶେଖର ଖୁଣ୍ଟିଆ, ଶିକ୍ଷା କମିଟି ସଭାପତି ପ୍ରଫୁଲ୍ଲ ପଣ୍ଡା, ସ୍ୱଦେଶ ପଣ୍ଡା, ସମିତିସଭ୍ୟା ଶୋଭାମୟୀ ବିଶ୍ୱାଳ, ପ୍ରଧାନଶିକ୍ଷକ ଇନ୍ଦ୍ରଜିତ୍ ସ୍ୱାଇଁ, ଜଗନ୍ନାଥ ପାତ୍ର, ଶମ୍ଭୁନାଥ ମୁର୍ମୁ, ଶ୍ରୀଧର ବାରିକ, ମଙ୍ଗୁଳି ଚରଣ ସେଠୀ, ଅଞ୍ଜୁଲତା ପୁହାଣ, ହିମାଂଶୁ ସାହୁ, ପ୍ରଭାକର ଜେନାଙ୍କ ସମେତ ବହୁ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ରମେଶ ବେହେରା ଓ ନବଜୀବନ ଫାଉଣ୍ଡେସନର ଓଡ଼ିଶା ମୁଖ୍ୟ ମାନସ ରଞ୍ଜନ ସାହୁ ଉପସ୍ଥିତ ଥିଲେ।

## ସିରିଜ୍ ମନ୍ଦିର ଚୋରି ଘଟଣାରେ ୫ ଗିରଫ

**ନଗଦ ଟଙ୍କା, ସୁନା, ରୁପା ଅଳଙ୍କାର ଓ ସ୍କୁଟି ଜବତ**



ବାସୁଦେବପୁର,୭।୧୦(ସମିସ): ସିରିଜ୍ ମନ୍ଦିର ଚୋରି ଘଟଣାରେ ବାସୁଦେବପୁର ପୁଲିସକୁ ବଡ଼ ସଫଳତା ମିଳିଛି। ଭଦ୍ରକ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏକ ତଦନ୍ତକାରୀ ଟିମ୍ ସିସିଟିଭିକୁ ଯାଞ୍ଚ କରି ୫ ଜଣଙ୍କୁ ପୁଲିସ କାବୁ କରିଥିଲା। ଏଥିରେ ୪ ଜଣ ଲୁଟେରା ଓ ଜଣେ ଦୋକାନୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ନଗଦ ୨୬ ହଜାର ଟଙ୍କା, ସୁନା ୧.୨୮ ଗ୍ରାମ୍, ରୁପା ଅଳଙ୍କାର ୩୫୬ ଗ୍ରାମ୍, ଗୋଟିଏ ସ୍କୁଟି ଓ ୫ଟି ମୋବାଇଲ୍ ଫୋନ୍ ଜବତ ହୋଇଛି।

ଗୋଟିଏ ରାତିରେ ତିନୋଟି ମନ୍ଦିରରେ କଳାକନା ବୁଲାଇ ଦେଇଥିଲେ। ହୁଣ୍ଡି ବାକ୍ସ ଅର୍ଥ ଓ ଅଳଙ୍କାର ଲୁଟିନେବାରେ ସଫଳ ହୋଇଥିଲା। ବାଟରେ କଇଁଛ ଧରିବାକୁ ଯାଇ ଗୋଟିଏ ପରେ ଗୋଟିଏ ପୁଲିସ ଜାଲରେ ଛନ୍ଦି ହୋଇଯାଇଥିଲେ। ଗତ ୪ ତାରିଖ ବିଳମ୍ବିତ ରାତିରେ ବାସୁଦେବପୁର ଥାନାର ପଦୁଆଁ ପଞ୍ଚାୟତର ପ୍ରସିଦ୍ଧ ଶିବ ମନ୍ଦିର ବାବା କ୍ଷୀରେଶ୍ୱର ମନ୍ଦିର, ତ୍ରିନାଥ ମନ୍ଦିର ତାଲା ଭାଙ୍ଗି ହୁଣ୍ଡିରୁ ଦାନ ଅର୍ଥ ଲୁଟ୍ ଓ ଆର୍ତ୍ତୁ ପଞ୍ଚାୟତର ଅମାଜିଆ ଗ୍ରାମର ସର୍ବମଙ୍ଗଳା ମନ୍ଦିର ତାଲା ଭାଙ୍ଗି ଅଳଙ୍କାର ସହିତ ହୁଣ୍ଡି ବାକ୍ସ ଭାଙ୍ଗି ଲୁଟେରା ଟମ୍ପଟ ମାରିଥିଲା। ଥାନାରେ ୩ଟି ପୃଥକ୍ ପୃଥକ୍ ଅଭିଯୋଗ ପରେ ଆରମ୍ଭ ହେଲା ତଦନ୍ତ। ଭାଗ୍ୟର ବିଡ଼ମ୍ବନା ଯୋଗୁଁ ରାତିରେ କଇଁଛ ଧରିବାକୁ ଯାଇ ରାସ୍ତାରେ ଠିଆ ହୋଇଥିବାବେଳେ ପୁଲିସ ସନ୍ଦେହରେ ପଡ଼ିଯାଇଥିଲେ। ପଚରାଉଚରା ପରେ ଗୋଟିଏ ପରେ ଗୋଟିଏ ସତ୍ୟ ପଦାକୁ ଆସିଥିଲା। ପୁଲିସର ତଦନ୍ତକାରୀ ଟିମ୍‌ରେ ବାସୁଦେବପୁର ଥାନାର ଇନ୍ସପେକ୍ଟର ନିରୋଜ ସାମଲ, ସବ୍‌ଇନ୍ସପେକ୍ଟର ଅଧିକାରୀ ଦେବୀପ୍ରସାଦ ମହାପାତ୍ର, ପୁନମ୍ ବେହେରା ପ୍ରମୁଖ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ବୁଧବାର ବାସୁଦେବପୁର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ଇନ୍ସପେକ୍ଟର ନିରୋଜ ସାମଲ, ଏସ୍ଆଇ ଅଧିକାରୀ ଦେବୀପ୍ରସାଦ, ପୁନମ୍ ବେହେରା ପ୍ରମୁଖ ଯୋଗଦେଇଥିଲେ। ତଦନ୍ତରେ ୪ ଜଣ ଲୁଟେରା ଓ ଜଣେ ଦୋକାନୀଙ୍କୁ ଗିରଫ କରି ସେମାନଙ୍କଠାରୁ ନଗଦ ୨୬ ହଜାର ଟଙ୍କା, ସୁନା ୧.୨୮ ଗ୍ରାମ୍ ଓ ରୁପା ଅଳଙ୍କାର ୩୫୬ ଗ୍ରାମ୍ ଜବତ ହୋଇଛି। ସେମାନେ ବ୍ୟବହାର କରୁଥିବା ଗୋଟିଏ ସ୍କୁଟି ଓ ମୋବାଇଲ୍ ୫ଟି ଜବତ ହୋଇଥିବା ଏସ୍‌ଡିପିଓ ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ମଧୁସୂଦନପୁର ଗାଁର ଦୀନବନ୍ଧୁ ପାଣିଗ୍ରାହୀ, ନୂଆଗାଁର ଭୀମ ମହାଳିକ, ପ୍ରକାଶ ମହାଳିକ, ରାଧାନାଥପୁର ଗାଁର ସୁବାସ ମହାଳିକ ଓ ପ୍ରବୋଧପୁର ଗାଁର ବିଜୟାନନ୍ଦ ପାଢ଼ୀ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ହନିଫ୍‌ଙ୍କ ୫୯ତମ ଶ୍ରାଦ୍ଧବାର୍ଷିକୀ



ଭଦ୍ରକ,୭।୧୦(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ଓ ପୂର୍ବତନ ସାଂସଦ ସ୍ୱର୍ଗତ ମହମ୍ମଦ ହନିଫ୍ ଓରଫ ମାଷ୍ଟରଜୀଙ୍କ ୫୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସକାଳ ୮ଟା ୩୦ରେ ପୁରୁଣା ବଜାରସ୍ଥିତ ମଦିନା ମୈଦାନଠାରୁ ଏକ ଶୋଭାଯାତ୍ରା ବାହାରି ପୁରୁଣା ବଜାର କାଜିମହଲ୍ଲାସ୍ଥିତ ତାଙ୍କ ସମାଧି ପୀଠଠାରେ ହନିଫ୍ ସ୍ମୃତି କମିଟିର ସମସ୍ତ ସଦସ୍ୟ, ଭଦ୍ରକର ବହୁ ବୁଦ୍ଧିଜୀବୀ ଓ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଶ୍ରାଦ୍ଧବାର୍ଷିକ ଉତ୍ସବରେ ସ୍ମୃତି କମିଟି ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଓ ସମ୍ପାଦକ ହାଜି ଶେଖ୍ ଅନୱର ହୋସେନଙ୍କ ସଂଯୋଜନାରେ, ଶିକ୍ଷକ ହାଜି ଶେଖ୍ ସମିଉଲ୍ଲାଙ୍କ କୋରାନ ପାଠ, ଗାନ୍ଧୀ ବାଳାଶ୍ରମ ସମ୍ପାଦକ ଅଶୋକ ଦାସ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ରାମଧୁନ୍‌ରୁ ଆରମ୍ଭ ହୋଇଥିଲା। ଏହି ସଭାରେ ଶିକ୍ଷକ ତଥା ଅଦବୀ ମରକଜର କବି ମୁସ୍ତାକ୍ ଗୌହର ସଞ୍ଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ। ସ୍ୱର୍ଗତ ହନିଫ୍‌ଙ୍କ ସମାଧିଠାରେ ଫାତେହା ସରିଫ୍ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

ସୂଚନାଯୋଗ୍ୟ, ମହମ୍ମଦ ହନିଫ୍ ୧୨ ଜୁଲାଇ ୧୮୯୯ରେ ସାଧାରଣ ପରିବାରରେ ଜନ୍ମଲାଭ କରିଥିଲେ। ସ୍ୱର୍ଗତ ହନିଫ ଜଣେ ତ୍ୟାଗ, ନିଷ୍ଠା ସଚ୍ଚୋଟ, ଧର୍ମ ନିରପେକ୍ଷତା ଓ ମଣିଷପଣିଆର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ରେଭେନ୍ସା କଲେଜରୁ ଆଇଏ ପାସ୍ କରି ଅବକାରୀ ବିଭାଗରେ ଯୋଗଦେଇଥିଲେ। କିନ୍ତୁ ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଭାରତଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ବ୍ରହ୍ମପୁର ଜେଲ୍‌ରେ ମଧ୍ୟ ବନ୍ଦୀ ଜୀବନ କଟାଇଥିଲେ। ଜନନାୟକ ଡ. ହରେକୃଷ୍ଣ ମହତାବ ଓ ନୀଳମଣି ରାଉତରାୟଙ୍କ ପରି ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ସେ ଥିଲେ ଘନିଷ୍ଠ ସହଯୋଗୀ ଓ ସହକର୍ମୀ। ସ୍ୱର୍ଗତ ହନିଫ ବହୁ ପଦପଦବୀରେ ରହିଥିଲେ। ଦେଶ ସ୍ୱାଧୀନ ହେବା ପରେ ୧୯୫୨ରେ ଭଦ୍ରକରୁ ବିଧାନସଭାକୁ ନିର୍ବାଚିତ ହୋଇ ଉପବାଚସ୍ପତି ହୋଇଥିଲେ। ୧୯୬୬ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୬ ଅକ୍ଟୋବର ୧୯୬୭ରେ ତାଙ୍କର ଦେହାନ୍ତ ହୋଇଥିଲା।

ସନ୍ଧ୍ୟା ୫ଟାରେ ଭଦ୍ରକ ସଂସ୍କୃତି ଭବନରେ ଆୟୋଜିତ ସ୍ମୃତିସଭାରେ ସଭାପତି ଅଜୟ ନାୟକ ପୌରୋହିତ୍ୟରେ ସମାଜସେବୀ ସୁଧାକର ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲଳାଟେନ୍ଦୁ ମହାନ୍ତି, ଡ. ପ୍ରଦୀପ ନାୟକ, ମୁସ୍‌ଲିମ ଜମାତ ସମ୍ପାଦକ ହାଜି ଅବ୍‌ଦୁଲ ମୁକିତ୍ ଖାନ୍, ଶିକ୍ଷାବିତ୍ ପ୍ରଭାତ ମହାନ୍ତି, ସିପିଆଇ ନେତା ଦିବ୍ୟସିଂହ ନାୟକ, ସମାଜସେବୀ ବିଦ୍ୟାଧର ସାହୁ, ଆଇନଜୀବୀ ଜମିଲ୍ ଅଖ୍ତର ଖାନ୍, ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ଦଳିତ ନେତା ରାଜୁ ଯେନା, ରୋଟାରିୟାନ ନାସିର ବଖସ, ଅଭୟ ଦାସ, ରମେଶ ଦାସ, ଆଇନଜୀବୀ ଅବୁ ସୁଫିଆନ, ପାରିଷଦ ସାହିଦ୍ ଖାନ୍, ମହମ୍ମଦ ଇକ୍‌ବାଲ ଖାନ୍, ଅବ୍‌ଦୁଲ ଦୟାନଜିଆ, ଶାନ୍ତନୁ ରାଉତ ପ୍ରମୁଖ ଯୋଗଦେଇ ଭଦ୍ରକ ମାଟି ପାଇଁ ମହମ୍ମଦ ହନିଫ୍‌ଙ୍କ ଅବଦାନ, ଅମାୟିକ ମଣିଷପଣିଆ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସ୍ୱର୍ଗତ ହନିଫ୍‌ଙ୍କ ନାତି ମିର୍ଜା ଇଜାଜ୍ ବେଗ ପରିଚାଳନା କରିଥିବାବେଳେ ଶେଖ୍ ସାହାଜାନ, ଫାରୁକ ଖାନ୍, ତନ୍‌ବିର ଖାନ୍ ଓ ନନ୍ନା ଖାନ୍ ପ୍ରମୁଖ ସହଯୋଗ କରିଥିଲେ।

## ୨ ସିଲିଣ୍ଡର ଚୋର ଗିରଫ



ଦୋଳସାହି,୭।୧୦(ସମିସ): ତିହିଡ଼ି ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ଏବେ ଏହି ଥାନାଞ୍ଚଳରେ ଗ୍ୟାସ୍ ସିଲିଣ୍ଡର ଚୋର ମାତିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ଥାନା ଅଧୀନ କମାରିଆ ବଜାରରେ ଥିବା ପ୍ରତାପ ସେନାପତିଙ୍କ ଗ୍ୟାସ୍ ସିଲିଣ୍ଡର ଗୋଦାମରୁ ଗତ ସପ୍ତାହରେ ୨୦ଟି ସିଲିଣ୍ଡର ଚୋରି ହୋଇଥିବା ନେଇ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ତିହିଡ଼ି ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍ସପେକ୍ଟର ରୋଜେନ ମୁର୍ମୁ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିବା ସହ ସେମାନଙ୍କଠାରୁ ୧୨ଟି ସିଲିଣ୍ଡର ଜବତ କରିଥିବା ଜଣାପଡ଼ିଛି। ଗିରଫଦ୍ୱୟ ହେଲେ କୋହ୍ଲ ପଞ୍ଚାୟତ ଅମରପୁର ଗାଁର ସୌମ୍ୟରଞ୍ଜନ ନାୟକ ଓ ଓରଡ଼ା ଗାଁର ପୂର୍ଣ୍ଣଚନ୍ଦ୍ର ମହାଳିକ।

## ପାର୍କରେ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ; ଥାନାରେ ମାମଲା

ଧାମନଗର,୭।୧୦(ସମିସ): ଧାମନଗର ଥାନା ଭଗବାନପୁର ପଞ୍ଚାୟତର ପଦ୍ମପୋଖରୀସ୍ଥିତ ଡିଗି ପାର୍କରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ ହୋଇଛି। ଏନେଇ ଧାମନଗର ଥାନାରେ ଏକ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଭଦ୍ରକ ଅଞ୍ଚଳର ଜଣେ ନାବାଳିକାଙ୍କୁ ପୁରୁଣାବଜାର ଅଞ୍ଚଳର ଜଣେ ଯୁବକ ବିବାହର ପ୍ରଲୋଭନ ଦେଖାଇ ଧାମନଗର ଆଣିଥିଲେ। ପରେ ଡିଗି ପାର୍କ ବୁଲାଇବା ବାହାନାରେ ତାଙ୍କୁ ପାର୍କର ଏକ ନିକାଞ୍ଚନ ଓ ଅନ୍ଧାରିଆ ବୁଦା ନିକଟକୁ ନେଇ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ଏତଲାରେ ଦର୍ଶାଯାଇଛି। ନାବାଳିକାଙ୍କ ଚିତ୍କାର ଶୁଣି ପାର୍କ କର୍ମଚାରୀ ପହଞ୍ଚିବାରୁ ଯୁବକ ଜଣକ ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ଧାମନଗର ପୁଲିସ ପାର୍କରେ ପହଞ୍ଚି ତଦନ୍ତ କରିଛି। ଅଭିଯୁକ୍ତଙ୍କୁ ଚିହ୍ନଟ ଓ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଡିଗି ପାର୍କର ସୁରକ୍ଷା ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ପୂର୍ବରୁ ମଧ୍ୟ ପାର୍କ ପରିସରରେ ମହିଳାଙ୍କ ସହ ଅପରାଧ ଘଟଣା ସମ୍ପର୍କିତ ଏକ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ପାର୍କର ବିଭିନ୍ନ ସ୍ଥାନରେ ବୁଦା ଓ ଅନାବନା ଘାସ ରହିବା ସହ ଆଲୋକ ବ୍ୟବସ୍ଥା ଓ ସୁରକ୍ଷା ନେଇ ମଧ୍ୟ ଅଭିଯୋଗ ରହିଛି। ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପାର୍କ ୨୦୨୨ରେ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥିଲା। ବୋଟିଂ ଓ ମନୋରମ ପରିବେଶ ପାଇଁ ପାର୍କଟି ଅଞ୍ଚଳର ପ୍ରମୁଖ ଆକର୍ଷଣ ପାଲଟିଥିବାବେଳେ ଏବେ ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ପାର୍କରେ ଆଲୋକୀକରଣ, ବୁଦା ସଫେଇ, ସିସିଟିଭି ସକ୍ରିୟ ଓ ପୁଲିସ ପାଟ୍ରୋଲିଂ ବୃଦ୍ଧି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଭଦ୍ରକରେ ଭୋଟର ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ

## ୭ରୁ ୯ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରରେ ସ୍ୱତନ୍ତ୍ର ଶିବିର

ଭଦ୍ରକ,୭।୧୦(ସମିସ): ଭାରତୀୟ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲାରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର ଏବଂ ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଅଭିଯାନର ସୁଚାରୁ ରୂପାୟଣ ପାଇଁ ବୁଧବାର ସମସ୍ତ ଏଇଆର୍‌ଓଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାରେ ବିଭିନ୍ନ ବ୍ଲକ୍‌ସ୍ତରରେ ବୁଥ୍ ଲେଭେଲ୍ ଅଫିସର (ବିଏଲ୍‌ଓ) ଏବଂ ବିଏଲ୍‌ଓ ସୁପରଭାଇଜରମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରଶିକ୍ଷଣ ସମୟରେ ଯୋଗ୍ୟ ଭୋଟରଙ୍କ ଚିହ୍ନଟ ଓ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ବିଏଲ୍‌ଓ ଓ ସୁପରଭାଇଜରମାନଙ୍କୁ ସଚେତନ କରାଯାଇଛି। ସ୍ୱତନ୍ତ୍ର ଅଭିଯାନର ଅଂଶ ଭାବେ ଅକ୍ଟୋବର ୭ରୁ ୯ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରରେ ସ୍ୱତନ୍ତ୍ର ଶିବିର ଆୟୋଜିତ ହେବ। ଏହି ଶିବିରଗୁଡ଼ିକରେ ବିଏଲ୍‌ଓମାନେ ଉପସ୍ଥିତ ରହି ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସମ୍ପର୍କିତ ସହାୟତା ପ୍ରଦାନ କରିବେ। ଭୋଟର ତାଲିକାକୁ ସଠିକ୍, ସମ୍ପୂର୍ଣ୍ଣ ଓ ସମାବେଶୀ କରିବା ସହିତ କୌଣସି ଯୋଗ୍ୟ ନାଗରିକ ଯେପରି ପଞ୍ଜୀକରଣରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ବିଏଲ୍‌ଓ ଓ ସୁପରଭାଇଜରମାନଙ୍କୁ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପ୍ରଶିକ୍ଷଣରେ ନିର୍ଦ୍ଦେଶ ଦିଆଯାଇଛି। ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ଯୁବକଯୁବତୀ ଓ ଏସ୍ଆଇଆର୍-୨୦୨୬ ସମୟରେ କୌଣସି କାରଣରୁ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନ ଥିବା ବ୍ୟକ୍ତିମାନେ ନିଜ ଅଞ୍ଚଳର ବିଏଲ୍‌ଓଙ୍କ ନିକଟରେ ଯୋଗାଯୋଗ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ କରାଇପାରିବେ। ନିର୍ବାଚନ ଆୟୋଗର ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏଥର ଘୋଷଣାପତ୍ର ଦାଖଲ କରିବାର ଆବଶ୍ୟକତାକୁ ହଟାଇ ଦିଆଯାଇଛି। ତେଣୁ ଭଦ୍ରକ ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦୁପଯୋଗ କରି ନିଜ ନାମ ଭୋଟର ତାଲିକାରେ ସାମିଲ୍ କରାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି।




## ପୂର୍ତ୍ତ ବିଭାଗର ଜଙ୍ଗଲୀ ପଥ: ଭଗ୍ନ କଂକ୍ରିଟକୁ ଗୁଳ୍ମଲତା ଭର୍ତ୍ତି

ବାରିକପୁର,୭।୧୦(ସମିସ): ଭଦ୍ରକ ପୂର୍ତ୍ତ ବିଭାଗ ଅଧୀନସ୍ଥ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ରହିଥିବା ରାସ୍ତାଗୁଡ଼ିକ ଦିନକୁ ଦିନ ଜରାଜୀର୍ଣ୍ଣ ପାଲଟି ଯାଉଛି। କେଉଁଠି ଦୀର୍ଘ ଦିନ ହେବ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ ତ ପୁଣି କେଉଁଠି ମରାମତି ଶୂନ୍ୟ ହୋଇଛି। ଫଳରେ ଦୈନିକ ହଜାର ହଜାର ଜନସାଧାରଣ ଯାତାୟାତ ପାଇଁ ନାନାଦି ଯନ୍ତ୍ରଣା ଭୋଗୁଛନ୍ତି।

**ପାଳଦା-ମାଳଦା ରାସ୍ତା ବିଭାଗ ପାଇଁ ଶାଗ କିଆରି**

ସୂଚନା ମୁତାବକ, ଜାତୀୟ ରାଜପଥର ପାଳଦା ବାଙ୍କଠାରୁ ମାଳଦା ଅତିକ୍ରମ କରି ମଣିନାଥପୁର ବୈତରଣୀ ସେତୁକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାଟି ଦୀର୍ଘ ବର୍ଷ ହେବ ମରାମତି ହେଉନାହିଁ। ଆର୍ଥିକ ବର୍ଷ ୨୦୧୭-୧୮ରେ ୧୩ କିମି ରାସ୍ତାଟି ସମ୍ପୂର୍ଣ୍ଣ କଂକ୍ରିଟକରଣ ହୋଇଥିବାବେଳେ ଏହା ପରଠାରୁ କେବେ ଏଠାରେ କିଛି ମରାମତି କାର୍ଯ୍ୟ ହୋଇନାହିଁ। କେବଳ ଦୁଇ ତିନୋଟି ସ୍ଥାନରେ ଦୁଇତିନି ବର୍ଷ ପୂର୍ବରୁ ଜରୁରୀ ମରାମତି ହୋଇଥିଲା। ଏତଦ୍‌ବ୍ୟତୀତ ରାସ୍ତାର ଅନେକ ସ୍ଥାନ ବିପଦସଂକୁଳ ଭାବେ ରହିଥିବାବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ରାସ୍ତାକୁ ଶାଗ କିଆରି ସଦୃଶ ବ୍ୟବହାର କରି ବିଭିନ୍ନ ସମୟରେ ସରକାରୀ କାଗଜପତ୍ର ହେଉଥିଲେ ସୁଦ୍ଧା କ୍ଷେତ୍ରରେ କିନ୍ତୁ ମରାମତି ହୋଇ ନ ଥିବା ଅଭିଯୋଗ ହୋଇଛି। ଯାହାକି ଉଚ୍ଚସ୍ତରୀୟ ତଦନ୍ତସାପେକ୍ଷ। ଏପଟେ ପୁରୁଷୋତ୍ତମପୁର, ମାଳଦା, ଜଳହରି, ରାଡୋ, ଖପୁରିଆପଦା, ପଟାପୋଲ, ସାରଣା ପ୍ରମୁଖ ସ୍ଥାନରେ ରାସ୍ତା ଭାଙ୍ଗିରୁଜି ଯାଇଥିଲେ ମଧ୍ୟ କୌଣସି ନିର୍ମାଣ କାର୍ଯ୍ୟ ନ ହେବା ପରିତାପର ବିଷୟ ପାଲଟିଛି। କେତେକ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବାବେଳେ ସାଇକଲ ଓ ବାଇକ୍ ଆରୋହୀମାନେ ଦୈନିକ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାଛଡ଼ା ରାସ୍ତାର ଦୁଇ ପାର୍ଶ୍ୱ ଗୁଳ୍ମଲତା ଭର୍ତ୍ତି ହୋଇଯାଇଥିବା ବେଳେ ତାହା ମଧ୍ୟ ସଫା ହେଉନାହିଁ। ବାଇକ୍‌ରେ ଯାତାୟାତ କରୁଥିବା ଲୋକମାନେ କଣ୍ଟା ବୃକ୍ଷର ଆଘାତ ମଧ୍ୟ ସହୁଛନ୍ତି। ଯେମିତି କି ଗ୍ରାମାଞ୍ଚଳ ରାସ୍ତାଟି ଏବେ ଜଙ୍ଗଲୀ ପଥ ଭାବେ ଦୃଶ୍ୟମାନ ହେଉଛି। ସରକାର ଗମନାଗମନ ସୁବିଧା ପାଇଁ କୋଟିକୋଟି ଖର୍ଚ୍ଚ କରୁଛନ୍ତି ବୋଲି ପ୍ରଚାର କରୁଥିବାବେଳେ ଏଠାରେ ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ କାହିଁକି ଦୀର୍ଘ ବର୍ଷ ହେବ ରାସ୍ତା ମରାମତି କରୁନାହାନ୍ତି ତାକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଅଧିକ୍ଷଣ ଯନ୍ତ୍ରୀ ସମସ୍ୟା ବାବଦରେ ଅବଗତ ଥାଇ ସୁଦ୍ଧା ରାସ୍ତାଟି ସରସସୁନ୍ଦର ନ ହେବା ଅଧିକାରୀଙ୍କ ଦକ୍ଷତାକୁ ନେଇ ଜନସାଧାରଣ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଆଗକୁ ପାର୍ବଣ ଋତୁ ଆରମ୍ଭ ହେଉଥିବାବେଳେ ରାସ୍ତା ମରାମତି ଅପରିହାର୍ଯ୍ୟ ହୋଇପଡ଼ିଛି। ତେଣୁ ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।



### ତିହିଡ଼ି ବ୍ଲକ୍ ବନ୍ୟା ରନ୍ଧା ଖାଦ୍ୟରେ ଦୁର୍ନୀତିର ଗନ୍ଧ

# ମିଥ୍ୟା ବିଲ୍‌ରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ଅଭିଯୋଗ

ତିହିଡ଼ି,୭।୧୦(ସମିସ)



ତିହିଡ଼ି ବ୍ଲକ୍‌ରେ ପ୍ରଥମ ପର୍ଯ୍ୟାୟ ବନ୍ୟା ସମୟରେ ହୋଇଥିବା ରନ୍ଧା ଖାଦ୍ୟ ଏବଂ ରିଲିଫ୍ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବିଜେଡି ପକ୍ଷରୁ ସାଙ୍ଘାତିକ ଅଭିଯୋଗ ହୋଇଛି। କମ୍ ସଂଖ୍ୟକ ଲୋକଙ୍କୁ ଖାଦ୍ୟ ଦିଆଯାଇଥିବା ବେଳେ କାଗଜପତ୍ରରେ ବ୍ୟାପକ ଜାଲିଆତି କରି ଏବଂ କପୋଳକଳ୍ପିତ ବିଲ୍ ପ୍ରସ୍ତୁତ କରି ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିବା ପାଇଁ ମସୁଧା ଚାଲୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅଭିଯୋଗ ଅନୁଯାୟୀ, ବନ୍ୟା ପ୍ରପୀଡ଼ିତ ପଞ୍ଚାୟତଗୁଡ଼ିକରେ ପ୍ରକୃତ କ୍ଷତିଗ୍ରସ୍ତ ଓ ଜନସାଧାରଣଙ୍କ ପାଖରେ ସଠିକ୍ ଭାବେ ରିଲିଫ୍ ପହଞ୍ଚି ନ ଥିଲା। ମାତ୍ର କିଛି ଅଧିକାରୀ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷ ମିଥ୍ୟା ମେମୋ ଏବଂ ଭୂଆଁ ବୁଲାଇବା ଭଳି ତଥ୍ୟ ଦାଖଲ କରି ବ୍ଲକ୍ ପ୍ରଶାସନରୁ ମୋଟା ଅଙ୍କର ଅର୍ଥ ହଡ଼ପ କରିବା ପାଇଁ ବିଡିଓଙ୍କ କାର୍ଯ୍ୟାଳୟରେ ଦସ୍ତାବିଜ୍ ଦାଖଲ କରିଛନ୍ତି। ବିଜେଡି

### ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦେଲେ ବିଜେଡି କର୍ମୀ

ନେତୃମଣ୍ଡଳୀ ଏହି ବଡ଼ଧରଣର ଦୁର୍ନୀତି ପାଇଁ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରତ୍ୟକ୍ଷ ଭାବେ ସାକ୍ଷାତ୍ କରି ପ୍ରଦାନ କରିଛନ୍ତି। ଏହି ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ, ଯେଉଁ ଅଧିକାରୀ କିମ୍ବା ବ୍ୟକ୍ତିମାନେ ଏହି ସରକାରୀ ପାଣ୍ଠି ଆତ୍ମସାତ୍ କରିବାକୁ ପ୍ରୟାସ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଡ. ସଞ୍ଜୟ ଦାସ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁଲତା ନାୟକ, ତିହିଡ଼ି ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ କମଳାକାନ୍ତ ଦାସ, ଶସଧର ସାମଲ, ଆଦିତ୍ୟ ଜେନା, ହରେକୃଷ୍ଣ ଜେନା, ସମିତିସଭ୍ୟ ଜୀବନଜ୍ୟୋତି ପଲେଇ, ଜୟପ୍ରକାଶ ମଲିକ, ଭାଗିରଥି ମଲିକ, ସଂଗ୍ରାମକେଶରୀ ଦାସ, ଭୀମସେନ ବାରିକ, ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପେଟ୍ରୋଲ ପମ୍ପ୍‌ରେ ଅଗ୍ନି ନିର୍ବାପନ ପ୍ରଶିକ୍ଷଣ



ବାରିକପୁର,୭।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ରାଢୋ ଛକଠାରେ ଥିବା ପେଟ୍ରୋଲ ପମ୍ପ୍‌ରେ ବୁଧବାର ଅଗ୍ନି ନିର୍ବାପକ ପାଇଁ ପ୍ରତୀକାତ୍ମକ ଭାବେ ପ୍ରଶିକ୍ଷଣ ଦିଆଯାଇଛି। ଅଗ୍ନିଶମ କେନ୍ଦ୍ରର ମୁଖ୍ୟ ଆଗ୍ନିକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପେଟ୍ରୋଲ ପମ୍ପ୍ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବିଜୁଳି, ଘଡ଼ଘଡ଼ି, ବିଦ୍ୟୁତ୍ ସର୍ଟସର୍କିଟ କିମ୍ବା ଅନ୍ୟ କୌଣସି କାରଣରୁ ଯଦି ପମ୍ପ୍‌ରେ ନିଆଁ ଲାଗେ ତାହେଲେ ତତ୍କାଳ ଏହାକୁ କିପରି ଆୟତ କରିହେବ ସେନେଇ ମକ୍‌ଡ୍ରିଲ୍ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରାୟ ୫ଜଣ କର୍ମଚାରୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଅଗ୍ନିଶମ କର୍ମଚାରୀ କୌଶିକ କୁମାର ସାମନ୍ତ, ସାମନ୍ତ ଦାସ, ହେମନ୍ତ ଦାସ ପ୍ରମୁଖ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ବାରିକପୁର,୭।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୨୦ ଜଣ ଛାତ୍ରଛାତ୍ରୀ ୨୦୨୫-୨୬ ପଠାଣିସାମନ୍ତ ଗଣିତ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତନ୍ମଧ୍ୟରୁ ସାରୋ ସରକାରୀ ଉ.ପ୍ରା. ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ର ସୂର୍ଯ୍ୟ ନାରାୟଣ ପାତ୍ର ୫ମ ସ୍ଥାନ ଅଧିକାର କରି ବୃତ୍ତି ପାଇବାକୁ ଯୋଗ୍ୟ ହୋଇଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ବିମଳ ଦାସ, ସହକାରୀ ଶିକ୍ଷକ ଜଗବନ୍ଧୁ ସେଠୀ, କୈଳାସ ଚନ୍ଦ୍ର ସାମଲ, ଅନନ୍ତ ନାୟକ, ତପନ ରାଉତ, ମାନସୀ ଜେନା, ଅଭିଲିପ୍‌ସା ପତି ଏବଂ ପରିଚାଳନା କମିଟିର ସଭାପତି ମେଧାବୀ ବିଦ୍ୟାର୍ଥୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସହିଦନଗର,୭।୧୦(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ କୋରୁଆ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଇନ୍ଦୁଲତା ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଦାନ କେବଳ ଏକ ବୃତ୍ତି ନୁହେଁ, ଏହା ଏକ ବ୍ରତ। ଦୀର୍ଘ ବର୍ଷ ଧରି ଶ୍ରୀମତୀ ନାୟକ ନିଷ୍ଠା, ତ୍ୟାଗ ଓ ମମତାର ସହ ଶିକ୍ଷାଦାନ କରିବା ସହ ବିଦ୍ୟାଳୟର ଉନ୍ନତି ପାଇଁ ନିଜ ଦାୟିତ୍ୱ ତୁଲାଇ ଆସିଥିଲେ। ଏହି ଅବସରରେ ସମାଜସେବୀ ବ୍ରଜକିଶୋର ଦାସ, ପ୍ରଶାନ୍ତ ନାୟକ (ମୁନା)ଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରୀ, ଅଭିଭାବକ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଅତିଥିମାନେ ତାଙ୍କର କର୍ମମୟ ଜୀବନର ସ୍ମୃତିଚାରଣ କରିବା ସହ ଅବସର ଜୀବନ ସୁଖମୟ ହେବା କାମନା କରିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜଣାଯାଇଥିଲା।

## ଉଜୁଡ଼ିଗଲା ମଧ୍ୟମ ଓ କ୍ଷୁଦ୍ର ଚାଷୀଙ୍କ ଧାନ କ୍ଷେତ

ବାରିକପୁର,୭।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଖରିଫ୍ ଧାନ ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିବା ଦେଖାଯାଇଛି। ବିଶେଷକରି ବୈତରଣୀ ନଦୀର ଶେଷ ବନ୍ୟା ପାଣିରେ ଧାନ ଚାଷଗ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। କଣ୍ଟି ଏସ୍‌କେପ୍



ନିକଟବର୍ତ୍ତୀ ବିରୋଳି, ଶାସନ, ସାରଣା, ତିଖିଲିଆ, ବାହାଣିଆ ପ୍ରମୁଖ ଗ୍ରାମରେ ମାଧ୍ୟମ ଓ କ୍ଷୁଦ୍ର ଚାଷୀଙ୍କ ଚାଷ ଏକ ପ୍ରକାର ଉଜୁଡ଼ି ଯାଇଛି। ଗ୍ରାମ ସଂଲଗ୍ନ ଗହୀର ଓ ପାଟ ଜମି ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯାଇଥିବା ବେଳେ ଉପର ସ୍ଥାନରେ ରହିଥିବା ଅନେକ ଜମିରେ ମଧ ପଟୁ ପାଣି ସବୁକିଛି ପୋଛି ନେଇଛି। ବନ୍ୟା ପାଣି ଛାଡ଼ିବା ପରେ ବର୍ଷା ନ ହେବା କାରଣରୁ ଚାଷ ଜମିରେ ଲାଗିଥିବା ପଟୁ ମାଟି ଦ୍ୱାରା ଧାନ ଗଛଗୁଡ଼ିକ ପଚିସଢ଼ି ଯାଇଛି। ରୁଆ ଧାନକୁ ହାତରେ ଧରିଲେ ଖଣ୍ଡ ଖଣ୍ଡ ହୋଇ ଖସିପଡୁଛି। ମାଣେ ଦୁଇ ମାଣ ଜମି ଚାଷ କରି ଯେଉଁମାନେ ପରିବାର ପ୍ରତିପୋଷଣ କରୁଥିଲେ ସେମାନେ ଏବେ ମୁଣ୍ଡରେ ହାତ ଦେଇଛନ୍ତି। ଶସ୍ୟଶ୍ୟାମଳା ରୁଆ ଜମି ଏବେ ସମ୍ପୂର୍ଣ୍ଣ ଟାଙ୍ଗରା ଦେଖାଯାଉଛି। ଏପରିସ୍ଥଳେ ପ୍ରଶାସନ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ ପୂର୍ବକ କୃଷି ଋଣ ଛାଡ଼ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ଏହାଛଡ଼ା ନଷ୍ଟ ହୋଇଥିବା ଖରିଫ୍ ଚାଷ ବିକଳ୍ପ ଭାବେ ରବି ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇବାକୁ ଚାଷୀ ଶ୍ୟାମସୁନ୍ଦର ଜେନା, କୈଳାସ ଜେନା, ଲକ୍ଷ୍ମୀଧର ଜେନା, ପିତାମ୍ବର ଜେନା, ଜଳଧର ଜେନା, ମଦନମୋହନ ଜେନା, ଅଜୟ ଜେନା, ଉମେଶ ଜେନା, ବସନ୍ତ ଜେନା, ବୀରେନ୍ଦ୍ର ନାୟକ, ପ୍ରଫୁଲ୍ଲ ଜେନା ପ୍ରମୁଖ ଦାବି କରିଛନ୍ତି।

## ହବିଷ ପୂର୍ବରୁ ପରିବା ଦର ଆକାଶଛୁଆଁ

ବାରିକପୁର,୭।୧୦(ସମିସ): ଲଗାଣ ବର୍ଷା ଓ ବନ୍ୟା ପ୍ରଭାବରେ କାର୍ତ୍ତିକ ମାସ ହବିଷ ପୂର୍ବରୁ ବଜାରରେ ପରିବା ଦର ଆକାଶଛୁଆଁ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଗ୍ରାମ୍ୟ ବଜାରଠାରେ ପ୍ରତ୍ୟେକ ଦିନ ସବୁଜ ପନିପରିବା ଦରବୃଦ୍ଧି ପାଉଥିବା ଦେଖାଯାଉଛି। ପନିପରିବା ଚାଷ ହେଇଥିବା ଅଞ୍ଚଳରେ ବାରମ୍ବାର ବନ୍ୟା ପାଣି ଆସିବାରୁ ବର୍ଷା ଦିନିଆ ଫସଲ ଏକ ପ୍ରକାର ନଷ୍ଟ ହୋଇଯାଇଛି। ବାହାର ଚାଲାଣ ସହିତ କାଁ ଭାଁ ଦେଶୀ ପନିପରିବା ବଜାରରେ ଉପଲବ୍ଧ ହେଉଛି। ବ୍ଲକ୍‌ର ମଞ୍ଜୁରୀରୋଡ୍, ମାଳଦା, ଛତାବର, ବାରିକପୁର, ସରସଦା, ଧାମନଗର ଛକ, ଆଖୁଆପଦା ପ୍ରମୁଖ ଗାଁ ବଜାରଗୁଡ଼ିକରେ



ଦୈନିକ ବାହାର ଜିଲ୍ଲାରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପନିପରିବା ଆସୁଥିବା ଜଣାପଡ଼ିଛି। ଆମଦାନୀ ପରିବା ମଧ୍ୟରୁ ପୋଟଳ, ସଜନା ଛୁଇଁ, ବିନ୍‌ସ, ଭେଣ୍ଡି ଓ କଲରା କେଜି ପ୍ରତି ୮୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଟମାଟୋ, ଜହ୍ନି, ବାଇଗଣ ଝୁଡ଼ଙ୍ଗ, କାକୁଡ଼ି, ସାରୁ କେଜି ପ୍ରତି ୬୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଫୁଲ କୋବି କେଜି ପ୍ରତି ୫୦, କଖାରୁ ୩୦, ବନ୍ଧା କୋବି ୪୦, ଅମୃତଭଣ୍ଡା ୪୦, କାଙ୍କଡ଼ ୫୦, ଛଚିନ୍ଦ୍ରା କେଜି ୫୦ ଟଙ୍କାରେ ବିକ୍ରି ହେଉଥିବା ସୂଚନା ମିଳିଛି। ସାଧାରଣ ଖାଉଟିମାନଙ୍କ ପାଇଁ ସମସ୍ତ ପରିବା ଏକତ୍ରିତ ଭାବେ କ୍ରୟ କରିବା କଷ୍ଟକର ହେଉଛି। ଆଗକୁ ହବିଷ ମାସ କାର୍ତ୍ତିକ ଆସୁଥିବାବେଳେ ଆହୁରି ଉଚ୍ଚ ଦରରେ ଲୋକମାନେ ପନିପରିବା କ୍ରୟ କରିବେ ଏଥିରେ ସନ୍ଦେହ ନାହିଁ।

## ଅବଧି ସରିଲାଣି; ସରୁନି ପାଳସାହି-ଦତପୁର ସେତୁ



ଅସୁରାଳି,୭।୧୦(ସମିସ)

ସେତୁ ନିର୍ମାଣର ନିର୍ଦ୍ଧାରିତ ସମୟ ସୀମା ବହୁ ପୂର୍ବରୁ ସରିଯାଇଥିଲେ ବି ସରୁନି ବୈତରଣୀ ଉପରେ ନିର୍ମିତ ଧାମନଗର ବ୍ଲକ୍‌ର ପାଳସାହି-ଦତପୁର ସେତୁ। ଧାମନଗର ବ୍ଲକ୍‌ର ବୈତରଣୀ ନଦୀ ଉପରେ ନିର୍ମାଣାଧୀନ 'ଦଣ୍ଡପୁର ସେତୁ' ଭଦ୍ରକ ଓ ଯାଜପୁର ଜିଲ୍ଲା ମଧ୍ୟରେ ପ୍ରମୁଖ ସଂଯୋଗୀକରଣ ମାଧ୍ୟମ ହେବାର ଲକ୍ଷ୍ୟ ରଖାଯାଇଥିଲା। ବିଶେଷକରି ଏହି ସେତୁ କାର୍ଯ୍ୟକ୍ଷମ ହେବା ଦ୍ୱାରା ପ୍ରସିଦ୍ଧ ଶୈବପୀଠ ଆରଡ଼ି, ବ୍ୟାବସାୟିକ ପେଣ୍ଠସ୍ଥଳୀ ପାଳସାହି ତଥା ତିହିଡ଼ି ବ୍ଲକ୍‌ର ଅନେକ ପଞ୍ଚାୟତବାସୀ ସେମାନଙ୍କ ଦୈନନ୍ଦିନ ଯାତାୟାତ ପାଇଁ ଏହି ସେତୁ ଉପରେ ସିଧାସଳଖ ନିର୍ଭର କରିଥା'ନ୍ତେ। ସେହିପରି ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍‌ବାସୀ ମଧ୍ୟ ଉପକୃତ ହୋଇଥା'ନ୍ତେ। ୨୦୧୯ରୁ ଏହି ସେତୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅବଧି ସରିଲାଣି। କିନ୍ତୁ ସେତୁ କାମ ସରୁ ନ ଥିବାରୁ ସ୍ଥାନୀୟ ବାସିନ୍ଦା ଏହାର ସୁଫଳ ପାଇପାରୁନାହାନ୍ତି। ନିର୍ମାଣ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ କାର୍ଯ୍ୟ ବନ୍ଦ ରହିଥିବା ନେଇ ସ୍ଥାନୀୟ ଲୋକେ

### ହନ୍ତସନ୍ତ ହେଉଛନ୍ତି ୩ ବ୍ଲକ୍‌ବାସୀ

ଅଭିଯୋଗ କରିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ କାର୍ଯ୍ୟର ଅଗ୍ରଗତି ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବର୍ଷା ଦିନ ଆସିଲେ ଆରଡ଼ି, ପାଳସାହି ଓ ତିହିଡ଼ି ଅଞ୍ଚଳର ଲୋକଙ୍କୁ ପ୍ରାୟ ୧୦ରୁ ୧୨ କିମି ବୁଲିବୁଲି ଯିବାକୁ ପଡୁଛି, ଯାହାଦ୍ୱାରା ଲୋକେ ହଇରାଣ ହେଉଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ମତ ଅନୁଯାୟୀ, ଆରଡ଼ି ଭଳି ପ୍ରମୁଖ ସ୍ଥାନକୁ ସଂଯୋଗ କରୁଥିବା ଏହି ସେତୁର କାମ ଅଧାରେ ଅଟକିବା ଦୁର୍ଭାଗ୍ୟଜନକ। ଯଦି ଏହି ସେତୁ କାର୍ଯ୍ୟ ଶୀଘ୍ର ଶେଷ ନ ହୁଏ, ତେବେ ତିହିଡ଼ି ଓ ଆରଡ଼ି ଅଞ୍ଚଳର ଜନସାଧାରଣ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ହସ୍ତକ୍ଷେପ କରି ସେତୁ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି।

■ ଛାତ୍ର ସଂସଦ ନିର୍ବାଚନ ନେଇ ଜିଲ୍ଲା ପ୍ରଶାସନର ବୈଠକ

## ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ଉପରେ ଗୁରୁତ୍ୱ

ଭଦ୍ରକ,୭।୧୦(ସମିସ)

ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ (ଗୁଇନ୍ଦା)ଙ୍କ ସମେତ ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ। ଏଥିସହ ଜିଲ୍ଲାରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବା ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ସମସ୍ତ ଉପଖଣ୍ଡସ୍ତରୀୟ ଆରକ୍ଷୀ



ଅଧିକାରୀ ଏବଂ ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ନିର୍ବାଚନ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା, ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ସହ ମହାବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ବାଚନକୁ ନେଇ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ, ସେଥିପାଇଁ ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ସମନ୍ୱୟର ସହ କାର୍ଯ୍ୟ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଛାତ୍ର ସଂସଦ ନିର୍ବାଚନକୁ ଗଣତାନ୍ତ୍ରିକ ମୂଲ୍ୟବୋଧ, ଶୃଙ୍ଖଳା ଓ ସଫଳତାର ସହ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛି।

## ଛାତ୍ର ସଂସଦ ନିର୍ବାଚନ ପାଇଁ ଚଳଚଞ୍ଚଳ ବିଏନ୍‌ଏମ୍ କଲେଜ

ଦୋଳସାହି,୭।୧୦(ସମିସ): ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ହୋଇଥିଲାବେଳେ ତିହିଡ଼ି ବ୍ଲକ୍ ପାଳିଆବିନ୍ଧା ବିଏନ୍‌ଏମ୍ ମହାବିଦ୍ୟାଳୟର +୩ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଭିତରେ ଉତ୍ସାହ ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପାଇଲା ପରେ କଲେଜ ପରିସର ଚଳଚଞ୍ଚଳ ହୋଇଉଠିଛି। ୨୦୧୭ରୁ ପାଳିଆବିନ୍ଧା ମହାବିଦ୍ୟାଳୟରେ ହୋଇଯାଇଥିବା ଛାତ୍ର ସଂସଦ ନିର୍ବାଚନରେ ଉଭୟ ସଭାପତି ଓ ସମ୍ପାଦକ ପଦ ବିଜୁ ଛାତ୍ର ଜନତା ପ୍ରାର୍ଥୀ ଦୀପକ କୁମାର ବେହେରା ଓ ସ୍ୱପ୍ନାରାଣୀ ରାଉତ ବିଜୟୀ ହୋଇଥିଲେ। ଦୀର୍ଘ ୮ ବର୍ଷ ପରେ ନିର୍ବାଚନ ହେବାକୁ ଯାଉଥିବା ଯୋଗୁଁ ନିର୍ବାଚନରେ ଭାଗ ନେବା ପାଇଁ ଏନ୍‌ଏସ୍‌ୟୁଆଇ, ଏବିଭିପି ଓ ଛାତ୍ର ବିଜେଡି ଜୋର୍‌ଦାର୍ ପ୍ରୟାସ ଆରମ୍ଭ ହୋଇଯାଇଛି। ସମସ୍ତ ସଂଗଠନ ପକ୍ଷରୁ ସର୍ବଗ୍ରହଣୀୟ ପ୍ରାର୍ଥୀ ଚୟନ କରିବା ଲାଗି ଉଦ୍ୟମ ସତ୍ତ୍ୱେ ପ୍ରାର୍ଥୀ ଭାବେ ନିର୍ବାଚନକୁ ମଇଦାନକୁ ଆସିବା ପାଇଁ ଛାତ୍ରଛାତ୍ରୀମାନେ ସହପାଠୀଙ୍କୁ ମନାଇବେ କିପରି ନିର୍ବାଚନକୁ ସାମ୍ନା କରିବେ ଏବେଠାରୁ ପ୍ରସ୍ତୁତ ହେଲେଣି। କିଏ ପିଲାଙ୍କୁ ଭେଟି ସ୍ୱାଗତ କରୁଛି ତ କିଏ ପିଲାଙ୍କ ସମସ୍ୟା ବୁଝି ନିକଟତର ହେଉଛି। ବିଭିନ୍ନ ଦଳର ନେତାମାନେ ନିଜ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଆରମ୍ଭ କରିଦେଇଛନ୍ତି। ମହାବିଦ୍ୟାଳୟର ମୋଟ୍ ୨୧୫୦ ଛାତ୍ରଛାତ୍ରୀ ଏହି ନିର୍ବାଚନରେ ଅଂଶଗ୍ରହଣ କରିବେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୂଲ୍ୟ କୁମାର ପରିଡ଼ାଙ୍କୁ ପଚାରିବାରୁ ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଥିବାବେଳେ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରଛାତ୍ରୀଙ୍କ ଗତିବିଧିକୁ ଲକ୍ଷ୍ୟ କରି ସରକାରୀ ନିୟମ ଅନୁଯାୟୀ ଶାନ୍ତିଶୃଙ୍ଖଳା ସହ ଭୋଟ୍ ପ୍ରକ୍ରିୟା ଶେଷ କରିବାକୁ କହିଛନ୍ତି। ସେହିପରି ଏହି ନିର୍ବାଚନରେ କିଏ ବାଜିମାତ୍ କରିବ ସାଧାରଣରେ ଆଲୋଚନା ହେଉଛି।

■ ଅଣିଜୋ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

## ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ବିକାଶ କରୁଛି 'ସୁରଭି'



ବନ୍ତ/ଆଗରପଡ଼ା,୭।୧୦(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଅଣିଜୋ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଯୁଧିଷ୍ଠିର ସରକାରୀ ଉ.ପ୍ରା. ବିଦ୍ୟାଳୟ ରାଜନଗର ମଙ୍ଗଳପୁର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୁଧିଷ୍ଠିର ସରକାରୀ ଉ.ପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ଯେନାଙ୍କ ସଭାପତିତ୍ୱ ଓ ସିଆର୍‌ସିସି ଅକ୍ଷୟ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ 'ସୁରଭି' କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ମାଳତିଲତା ପୃଷ୍ଟି ଉଦ୍‌ଘାଟନ କରିଥିବାବେଳେ ବ୍ଲକ୍ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ତଥା ବିଆର୍‌ସିସି ହରେକୃଷ୍ଣ ଆପଟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବଉଳା ମହାବିଦ୍ୟାଳୟ, ସୋସୋ ଅଧ୍ୟାପକ ଫକରୀ ଚରଣ ଶଙ୍ଖୁଆ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ବିକାଶ କରୁଛି 'ସୁରଭି' ବୋଲି ମତବ୍ୟକ୍ତ କରିଥିଲେ। ସିନ୍ଧୁକେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ନାୟକ, ଅଣିଜୋ ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ଲିଙ୍ଗରାଜ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ପ୍ରସାଦ ପଣ୍ଡୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସିନ୍ଧୁକେଶ୍ୱର ନୋଡାଲ ବିଦ୍ୟାଳୟ ଅଣିଜୋ ସହକାରୀ ଶିକ୍ଷକ ବିଷ୍ଣୁପଦ ଜେନା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିବାବେଳେ ଯୁଧିଷ୍ଠିର ସରକାରୀ ଉ.ପ୍ରା. ବିଦ୍ୟାଳୟ ସହକାରୀ ଶିକ୍ଷକ କାହ୍ନୁଚରଣ ନାୟକ ଅତିଥି ପରିଚୟ ପ୍ରଦାନ ଓ ନରିପୁର ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସୁରଭି କାର୍ଯ୍ୟକ୍ରମରେ ୮ଟି ବିଦ୍ୟାଳୟର ୯୦ ଜଣ ଛାତ୍ରଛାତ୍ରୀ ଆୟୋଜିତ ୩୫ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ କାର୍ଯ୍ୟ ୮ଟି ବିଦ୍ୟାଳୟର ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ତୁଲାଇଥିବା ବେଳେ ଯୁଧିଷ୍ଠିର ସରକାରୀ ଉ.ପ୍ରା ବିଦ୍ୟାଳୟ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ଗଣପତି କଟୁଆଳ ଓ ଅନିତା ସେଠୀଙ୍କ ସମେତ ସମସ୍ତ ୮ଟି ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, କମିଟି ସଦସ୍ୟ/ସଦସ୍ୟା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କାଳୀପୂଜା ପାଇଁ ପ୍ରଚାର ସମିତିର ଆଲୋଚନାଚକ୍ର

ଭଦ୍ରକ,୭।୧୦(ସମିସ): ଭଦ୍ରକର ପ୍ରସିଦ୍ଧ ମା' କାଳୀପୂଜା ନିମନ୍ତେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଏକ ଆଲୋଚନାଚକ୍ର ଭଦ୍ରକସ୍ଥ ଶ୍ରୀବାଲ୍‌ଗୋପାଳ ମନ୍ଦିର ପରିସରରେ ପ୍ରଚାର ସମିତିର ମୁଖ୍ୟ ପରିଚାଳକ ଭାଗୀରଥି ନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରତି ବର୍ଷ ପରି ଚଳିତ ବର୍ଷ ୫ ଦିନ ବ୍ୟାପୀ ଚରମ୍ପା ରେଲ୍‌ୱେ୍‌ ଲାଟ୍‌ଫର୍ମ ନିକଟସ୍ଥ ଏକ ଅସ୍ଥାୟୀ ଶ୍ରୀଜଗନ୍ନାଥ ମଣ୍ଡପରେ ପ୍ରତ୍ୟହ ଦିନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶରତ ସାହୁ ପୂର୍ବବର୍ଷର ଆୟବ୍ୟୟ ଉପସ୍ଥାପନା କରିଥିଲେ। ଏଥିରେ ସନେଇ ଶିଅଳ, କାଶୀନାଥ ପଣ୍ଡା, ଗୋପବନ୍ଧୁ ମିଶ୍ର, ଲକ୍ଷ୍ମୀଧର ଖଟୁଆ, ପ୍ରଶାନ୍ତ ଦେ, ସୁନନ୍ଦ ସିଂହ, ସୁବାସ ବଳ, ପ୍ରଭାସ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

# ଅସନ୍ତୋଷ ବ୍ୟକ୍ତ କରି ବୈଠକ ଅଧାରୁ ପଳାଇଲେ ବିଧାୟକ

ବାସୁଦେବପୁର,୭।୧୦(ସମିସ)

ବାସୁଦେବପୁର ବ୍ଲକ୍ ସଭାଗୃହରେ ବୁଧବାର ଆୟୋଜିତ ହୋଇଯାଇଛି ବ୍ଲକ୍‌ସ୍ତରୀୟ ସାମାଜିକ ସମିକ୍ଷା ଜନଶୁଣାଣି ଶିବିର। ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଏକ ରୁଦ୍ଧଦ୍ୱାରରେ ନ କରି ଖୋଲା ସ୍ଥାନରେ କରିବା ଉଚିତ୍। ସବୁ ଲୋକ ଏହି ଶିବିରରେ ଅଂଶଗ୍ରହଣ କରିପାରିବେ। ସଠିକ୍ ପ୍ରଚାରପ୍ରସାର ଓ ସୂଚନା ପ୍ରଦାନ କରାଯାଇ

■ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ହା-ହାଲ୍ଲା

■ ବିଲ୍ ନ ମିଳିଲେ ଆତ୍ମାହୁତି ଦେବେ ସରପଞ୍ଚ




ଏହି ଶିବିରରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଶ୍ରମ ସହ ଅଧିକାରୀ ମନୋରଞ୍ଜନ ନାୟକ, ଏବିଡିଓ ମୃତ୍ୟୁଞ୍ଜୟ ନାୟକ, ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ସତ୍ୟଜିତ୍ ପୃଷ୍ଟି, ବ୍ଲକ୍ ସାମାଜିକ ସମୀକ୍ଷକ ଜଗଜୀବନ ନାୟକ ଯୋଗଦେଇଥିଲେ। ନ ଥିବାରୁ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଯୋଗଦେଇ ନାହାନ୍ତି ବୋଲି ବାସୁଦେବପୁର ବିଧାୟକ ଶ୍ରୀ ଦାସ କ୍ଷୋଭ ପ୍ରକାଶ କରି ବୈଠକ ଅଧାରୁ ଉଠି ପଳାଇ ଯାଇଥିଲେ। ମନରେଗା କାମର ସମୀକ୍ଷା ହେଉଥିବାବେଳେ ଜଣେ ହେଲେ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ନ ଥିଲେ। ବିନୋବାଭାବେ ନଗର ପଞ୍ଚାୟତର ସରପଞ୍ଚ ଆଦିତ୍ୟ ପ୍ରସାଦ ଗିରି ଓ ସୁଦର୍ଶନପୁର ସରପଞ୍ଚ ଚନ୍ଦ୍ରକାନ୍ତ ମଳିକ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ପ୍ରଶ୍ନ କରିଥିଲେ। ଏହାକୁ ନେଇ ପାଟିତୁଣ୍ଡ କରି ବିରୋଧ କରିଥିଲେ। ଫଳରେ ବୈଠକ ଏକପ୍ରକାର କିଛି ସମୟ ବନ୍ଦ ହୋଇଯାଇଥିଲା।

ଚୂଡ଼ାମଣି ପଞ୍ଚାୟତ ଅଗଣୀ ପ୍ରସାଦ ଜେନା ବାଳିକା ହାଇସ୍କୁଲର ପାଇଖାନା ନିର୍ମାଣ କରି ବର୍ଷ ବର୍ଷ ଧରି ବିଲ୍ ପାଇ ନ ଥିବାର ଅଭିଯୋଗ ଆଣିଥିଲେ। ଏହିପରି ଏକାଧିକ କାମ କରି ବିଲ୍ ଦେବାକୁ ଦୌଡ଼ାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଆଗୁଆ ପିସି ନେଇଛନ୍ତି ବୋଲି ଅଭିଯୋଗ କରିଥିଲେ।

ଆସନ୍ତା ୧୫ ତାରିଖ ସୁଦ୍ଧା ବିଲ୍ ପ୍ରଦାନ ନ କଲେ ଆତ୍ମହତ୍ୟା କରିବେ ବୋଲି ଚୂଡ଼ାମଣି ସରପଞ୍ଚ ଅଗଣୀ ପ୍ରସାଦ ଜେନା ଚରମ ବାଣୀ ଭରାସଭାରେ ଶୁଣାଇ ଦେଇଛନ୍ତି। ସରପଞ୍ଚମାନେ ଶିବିର ଛାଡ଼ି ଚାଲିଯିବା ପରେ ବିଡିଓ ତନ୍ମିତା କର ପହଞ୍ଚି ଜନଶୁଣାଣି କରିଥିଲେ।

# ବାଲେଶ୍ୱର ସାଇବର ଥାନାର ବଡ଼ ଧରପଗଡ଼

ବାଲେଶ୍ୱର, ୭।୧୦(ସମିସ)

ନିରୀହ ଲୋକଙ୍କ ପରିଚୟକୁ ଢାଲ କରି ସେମାନଙ୍କ ନାମରେ ସିମ୍ କାର୍ଡ ଆକ୍ଟିଭେଟ୍ କରିବା, ପରେ ସେହି ସିମ୍‌କୁ ସାଇବର ଅପରାଧୀଙ୍କ ହାତରେ ପହଞ୍ଚାଇବା ଏବଂ ଏହି ସିମ୍‌କୁ ଆଧାର କରି ଚାଲିବା ସାଇବର ଠକେଇର ଏକ ବଡ଼ ଘଟଣାର ପର୍ଦ୍ଦାଫାସ କରିଛି ବାଲେଶ୍ୱର ସାଇବର ଥାନା ପୁଲିସ। ଗୋଟିଏ ସିମ୍ ପିଛା ୮୦୦ରୁ ୯୦୦ ଟଙ୍କା ନେଇ ସାଇବର ଲୁଟେରାଙ୍କୁ ସିମ୍ ଯୋଗାଇ ଦିଆଯାଉଥିବା ବେଳେ ଗତ ଏକ ବର୍ଷ ମଧ୍ୟରେ ୧୦ ହଜାରରୁ ୨୦ ହଜାର ସିମ୍ କାର୍ଡ ଏହି ମାଧ୍ୟମରେ ଯୋଗାଣ ହୋଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସିମ୍ ଯୋଗାଣର ଏହି ଚକ୍ର କେବଳ ବାଲେଶ୍ୱର ଜିଲ୍ଲାରେ ସୀମିତ ନଥାଇ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଲମ୍ବିଥିବା ସୁରାକ୍ ମିଳିବା ପରେ ତଦନ୍ତର ଗୁରୁତ୍ୱ ଆହୁରି ବଢ଼ିଛି। ମାମଲାରେ ଦୁଇଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଏହି ନେଟୱର୍କରେ ଆହୁରି ଅନେକ ଲୋକ ସାମିଲ ଥିବା ପୁଲିସ ସନ୍ଦେହ କରୁଛି। ଗିରଫ ଅଭିଯୁକ୍ତ ହେଲେ ସଦର ଥାନା କାଶିମାବାଦ ଅଞ୍ଚଳର ପିଣ୍ଟୁ ପରିଡ଼ା ଏବଂ ରେମୁଣା ଥାନା ମନ୍ଦାରପୁର ଅଞ୍ଚଳର ସଞ୍ଜୟ କୁମାର ଦାସ। ବାଲେଶ୍ୱର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଦେବାଜ୍ୟୋତି ଦାଶ ଏବଂ ସାଇବର ଥାନା ଅଧିକାରିଣୀ ରୀନା ବିନ୍ଧାଣୀ ଏହି ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ପୁଲିସ ସୂଚନା ଅନୁସାରେ ସିମ୍ କାର୍ଡ ଆକ୍ଟିଭେସନ୍, ଯୋଗାଣ ଏବଂ ଏହାର ଅପବ୍ୟବହାର ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ବିଭିନ୍ନ ଟେଲିକମ୍ ସେବା ପ୍ରଦାନକାରୀଙ୍କ (ପିଓଏସ) ମାଧ୍ୟମରେ ନିରୀହ ବ୍ୟକ୍ତିଙ୍କ ନାମରେ ସିମ୍ ଆକ୍ଟିଭେଟ୍ କରାଯାଇ ପରେ ସେଗୁଡ଼ିକୁ ସାଇବର ଅପରାଧୀଙ୍କୁ ଯୋଗାଇ ଦିଆଯାଉଥିବା ତଥ୍ୟ ସାମ୍ନାକୁ ଆସିଥିଲା। ତଦନ୍ତରେ ଅଭିଯୁକ୍ତ ପିଣ୍ଟୁ ପରିଡ଼ାଙ୍କ ଭୂମିକା ମଧ୍ୟ ସାମ୍ନାକୁ ଆସିଛି। ପିଣ୍ଟୁଙ୍କ ନାମରେ (ପିଓଏସ) ସେଣ୍ଟର ରହିଥିବା ବେଳେ ମେଣ୍ଟାଶୁଳ ଅଞ୍ଚଳରେ ଏକ ଛତା ତଳେ ବସି ସିମ୍ ବିକ୍ରି କରୁଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ସାଧାରଣ ସିମ୍ ବିକ୍ରି ଭଳି ଦେଖାଯାଉଥିବା ଏହି କାରବାର ପଛରେ ସାଇବର ଅପରାଧୀଙ୍କୁ ସିମ୍ ଯୋଗାଇବାର ଏକ ବ୍ୟାପକ କାରସାଦି ରହିଥିବା ପୁଲିସ ସନ୍ଦେହ କରିଥିଲା। ସାଧାରଣ ଲୋକେ ସିମ୍ ଆଣିବା ପାଇଁ ଗଲେ ତାଙ୍କୁ ଗୋଟିଏ ସିମ କାର୍ଡ ଦେଇ ଚତୁରତାର ତାଙ୍କ ନାମରେ ୪ରୁ ୫ ଟି ସିମ କାର୍ଡ ଇସ୍ୟୁ କରାଯାଉଥିଲା। ନିରୀହ ଲୋକଙ୍କ ନାମ ଓ ପରିଚୟରେ ସିମ୍ ଆକ୍ଟିଭେଟ୍ କରି ତାହାକୁ ଅନ୍ୟ ହାତରେ ପହଞ୍ଚାଇବା ଉଭୟଙ୍କର ମୁଖ୍ୟ କାର୍ଯ୍ୟପଦ୍ଧତି ଥିବା ତଦନ୍ତରୁ ଜଣାପଡ଼ିଛି। ଗୋଟିଏ ସିମ୍ ପାଇଁ ୮୦୦ରୁ ୯୦୦ ଟଙ୍କା ମିଳୁଥିବାରୁ ହଜାର ହଜାର ସିମ୍‌ର କାରବାର ମାଧ୍ୟମରେ ବଡ଼ ଅର୍ଥ ଲେଣଦେଣ ହୋଇଥିବା ସନ୍ଦେହ ମଧ୍ୟ ତଦନ୍ତକୁ ନୂଆ ଦିଗ ଦେଇଛି। ପୁଲିସ ତଦନ୍ତ ଅନୁଯାୟୀ, ସିମ୍ ହାତେଇବା ପରେ ସାଇବର ଅପରାଧୀମାନେ ସେଗୁଡ଼ିକୁ ବିଭିନ୍ନ ଉପାୟରେ ଠକେଇ ପାଇଁ ବ୍ୟବହାର କରୁଥିଲେ। ସିମ୍‌ରେ ୱାଟ୍ସଅପ ଚଳାଇବା ସହ କିପ୍ୟାଡ୍ ମୋବାଇଲ୍‌ରେ ସିମ୍ ପକାଇ ସାଇବର ଠକେଇ କରାଯାଉଥିଲା। ଅନ୍ୟ ବ୍ୟକ୍ତିଙ୍କ ନାମରେ ରହିଥିବା ମୋବାଇଲ୍ ନମ୍ବର ବ୍ୟବହାର କରି ଠକେଇ କରାଯାଉଥିବାରୁ ଅପରାଧ ପରେ ପ୍ରକୃତ ଅପରାଧୀଙ୍କ ପରିଚୟ ଲୁଚାଇବାର ସୁଯୋଗ ମିଳୁଥିଲା ବୋଲି ପୁଲିସ ସନ୍ଦେହ କରୁଛି। ଏହି ସିମ୍‌ଗୁଡ଼ିକ ମାଧ୍ୟମରେ କେତେ ସାଇବର ଠକେଇ ହୋଇଛି ଏବଂ କେତେ ଲୋକ ଏହାର ଶିକାର ହୋଇଛନ୍ତି, ତାହା ଏବେ ତଦନ୍ତ ଜାରି ରଖିଛି ପୋଲିସ।

- ୧୬ ମୋବାଇଲ, ଲାପଟପ୍, କାର୍, ୭୫ ଗ୍ରାମ ସୁନା, ଟଙ୍କା ଜବତ
- ଛତା ତଳେ ପିଓଏସ୍ ସେଣ୍ଟରରୁ ଚାଲିଥିଲା କାରବାର
- ବାଲେଶ୍ୱରରୁ ପଶ୍ଚିମବଙ୍ଗ ଯାଏଁ ଚେର, ୨ ଗିରଫ



ଘଟଣାରେ ସାଇବର ଥାନାରେ ୩୮/୨୦୨୬ ରେ ଏକ ମାମଲା ରୁଜୁ ହୋଇଛି। ଏହା ସହ ବିଭିନ୍ନ ରାଜ୍ୟର ଏନସିପିଆର ରେ ଦାଖଲ ହୋଇଥିବା ସାଇବର ଅଭିଯୋଗ ସହ ଏହି ନେଟୱର୍କର ସମ୍ପର୍କ ରହିଛି କି ନାହିଁ, ସେନେଇ ମଧ୍ୟ ତଦନ୍ତ ଚାଲିଛି। ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତଙ୍କଠାରୁ ୧୬ଟି ମୋବାଇଲ୍ ଫୋନ୍, ଗୋଟିଏ ଲାପଟପ୍, ଗୋଟିଏ ହୋଣ୍ଡା କାର୍, ୧୯, ୫୦୦ ଟଙ୍କା ଏବଂ ୭୫ ଗ୍ରାମ ସୁନା ଅଳଙ୍କାର ଜବତ କରିଛି। ଜବତ ମୋବାଇଲ୍ ଓ ଲାପଟପ୍‌ର ଡିଜିଟାଲ୍ ତଥ୍ୟ ଏବେ ପୁଲିସର ତଦନ୍ତର ଗୁରୁତ୍ୱପୂର୍ଣ୍ଣ ଆଧାର ପାଲଟିଛି। ଏହି ଡିଭାଇସ୍‌ଗୁଡ଼ିକରୁ କେଉଁ ନମ୍ବରକୁ ଯୋଗାଯୋଗ କରାଯାଇଥିଲା, କେଉଁମାନଙ୍କୁ ସିମ୍ ଯୋଗାଇ ଦିଆଯାଇଥିଲା, ସାଇବର ଅପରାଧୀଙ୍କ ସହ କିପରି ସମ୍ପର୍କ ରହିଥିଲା ଏବଂ ଏହି କାରବାରର ଅର୍ଥନୈତିକ ଦିଗ କ'ଣ ତାହା ଖୋଜାଯାଉଛି। ଏବେ ତଦନ୍ତର ନଜର ବାଲେଶ୍ୱରରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଲମ୍ବିଥିବା ସିମ୍ ଯୋଗାଣ ଚକ୍ର ଉପରେ। ଏହି ଚକ୍ରରେ ଆହୁରି କେତେଜଣ ସିମ୍ ଯୋଗାଣକାରୀ, ମଧ୍ୟସ୍ଥ ଓ ସାଇବର ଅପରାଧୀ ସାମିଲ ଅଛନ୍ତି, ତାହା ଖୋଜାଯାଉଛି। ଏବେ ପୁଲିସର ତଦନ୍ତର ମୁଖ୍ୟ ପ୍ରଶ୍ନ୨୦ ହଜାର ପର୍ଯ୍ୟନ୍ତ ସିମ୍ କାହା କାହା ହାତକୁ ଯାଇଛି, ସେଗୁଡ଼ିକ କେଉଁ ସାଇବର ଠକେଇରେ ବ୍ୟବହାର ହୋଇଛି, ଏହି ଚକ୍ର ପଛର ଅସଲ ମାଷ୍ଟରମାଇଣ୍ଡ କିଏ ଏବଂ ବାଲେଶ୍ୱରରୁ ପଶ୍ଚିମବଙ୍ଗ ଯାଏଁ ଲମ୍ବିଥିବା ନେଟୱର୍କରେ ଆଉ କେତେଜଣ ଅଛନ୍ତି? ଦୁଇ ଅଭିଯୁକ୍ତଙ୍କ ଗିରଫ ସହ ତଦନ୍ତର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଥିବା ବେଳେ ଜବତ ଡିଜିଟାଲ୍ ଉପକରଣ ଓ ତଥ୍ୟରୁ ଏହି ସାଇବର ସିମ୍ ସାମ୍ରାଜ୍ୟର ଆହୁରି ବଡ଼ ଗୁମର ଖୋଲିପାରେ ବୋଲି ପୁଲିସ ସୂଚନା ଦେଇଛି।

## ହରିଡ଼ାପାଳ ପାକ୍ସ ସମ୍ପାଦକ ନିଯୁକ୍ତି ବିବାଦ ଅମୂଳକ

ଆନନ୍ଦପୁର, ୭।୧୦ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ପ୍ରାଥମିକ କୃଷି ସମବାୟ ସମିତିରେ ସମ୍ପାଦକ ନିଯୁକ୍ତିକୁ ନେଇ ବାରମ୍ବାର ଅଭିଯୋଗ କରିବା ଏବଂ ଶାସନକଳକୁ ଅଯଥାରେ ଅଡୁଆରେ ପକାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନର ଭାରପ୍ରାପ୍ତ ସମ୍ପାଦକଙ୍କୁ ହଟାଇ ତାଙ୍କ ସ୍ଥାନରେ ଦକ୍ଷ ଓ ନିରପେକ୍ଷ ଅଧିକାରୀ ନିଯୁକ୍ତି ପାଇଁ ଦାବି ହେଉଥିଲେ ମଧ୍ୟ ବିଭାଗୀୟ ଅନୁମୋଦନ ମିଳିନାହିଁ। ପୂର୍ବରୁ ଏନେଇ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇ ଅଭିଯୋଗର ତଦନ୍ତ ହୋଇଥିଲା। ଅଭିଯୋଗର କୌଣସି ସତ୍ୟତା ନଥିବା ନେଇ ତଦନ୍ତକାରୀ ଅଧିକାରୀ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ବର୍ତ୍ତମାନର ଭାରପ୍ରାପ୍ତ ସମ୍ପାଦକ ତିନୋଟି ସମିତିର ଦାୟିତ୍ୱରେ ଥିଲେ ମଧ୍ୟ ହରିଡ଼ାପାଳ ପାକ୍ସର କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହେଉଥିବା ତଦନ୍ତରେ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ତାଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ଚାଷୀମାନଙ୍କ ମଧ୍ୟରେ କୌଣସି ଅସନ୍ତୋଷ ନଥିବା ତଦନ୍ତ ସମୟରେ ଚାଷୀମାନେ ପ୍ରକାଶ କରିଛନ୍ତି। ସମିତିର କାର୍ଯ୍ୟକୁ ସ୍ୱଚ୍ଛ ଓ ସୁଚାରୁରୂପେ କରିବା ସହ ଚାଷୀଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜ୍ୟ ସରକାର ସମ୍ପାଦକ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦିଆଯାଇଛି। ସମିତି ଓ ଚାଷୀଙ୍କ ହିତରେ ବର୍ତ୍ତମାନର ସମ୍ପାଦକ ସମୟ ଦେଉଥିବା ସେମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି।

■ ବ୍ୟବସାୟୀ ତ୍ରିଲୋଚନ ହତ୍ୟାକାଣ୍ଡକୁ ୧୦ ଦିନ

## ପରିବାର ସହ ଚିନ୍ତାରେ କନେଷ୍ଟବଳ ପତ୍ନୀ

ଡୁରୁମୁଙ୍ଗା, ୭।୧୦(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଖଜିରାପଶି ଗ୍ରାମର ବ୍ୟବସାୟୀ ତ୍ରିଲୋଚନ ମହାନ୍ତ ହତ୍ୟାକାଣ୍ଡକୁ ଆଜି ୧୦ ଦିନ ପୂରିଛି। ହେଲେ ଖଜିରାପଶିସ୍ଥିତ ତାଙ୍କ ଘରେ ଏବେ ବି ଶୋକର ପରିବେଶ। ତ୍ରିଲୋଚନଙ୍କୁ ହରାଇ ପୁରା ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅକାରଣରେ ସ୍ୱାମୀ ତଥା ଘର ମୁରବୀଙ୍କ ଜୀବନ ଚାଲିଯାଇଛି। ଏକମାତ୍ର ପୁଅକୁ ହରାଇ ବୃଦ୍ଧ ବାପା-ମାଆ ଓ ଦୁଇ ଛୋଟ ଶିଶୁଙ୍କ ଭବିଷ୍ୟତ ଲାଳନପାଳନକୁ ନେଇ ଚିନ୍ତାରେ ପଡ଼ିଛନ୍ତି ତ୍ରିଲୋଚନଙ୍କ ପତ୍ନୀ କନେଷ୍ଟବଳ ତୁଳସୀ ମହାନ୍ତ।



ଗତ ସୋମବାର ରାତିରେ ଘଟିଥିଲା ଏହି ବୀଭତ୍ସ ହତ୍ୟାକାଣ୍ଡ। ଜନସେବା କେନ୍ଦ୍ର ବନ୍ଦ କରି ସ୍କୁଟିରେ ପାଟଣା ଥାନା କ୍ୱାର୍ଟରକୁ ଫେରୁଥିବା ବେଳେ ତ୍ରିଲୋଚନଙ୍କୁ ନିଛାଟିଆ ରାସ୍ତାରେ ଅଟକାଇଥିଲେ ଦୁର୍ବୃତ୍ତ। ଟଙ୍କା ଲୁଟ୍ ଉଦ୍ଦେଶ୍ୟରେ ତାଙ୍କ ସହ ଧସ୍ତାଧସ୍ତି ପରେ ଧାରୁଆ ଅସ୍ତ୍ରରେ ହାତକୁ ଆକ୍ରମଣ କରିବା ସହ ଅତି ନିକଟରୁ ଗୁଳି କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତ୍ରିଲୋଚନଙ୍କୁ ପାଟଣା ପୁଲିସ ଉଦ୍ଧାର କରି କେନ୍ଦୁଝର ମେଡିକାଲକୁ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଡୁରୁମୁଙ୍ଗା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିଥିଲା। ସେଠାରୁ ଜୀବନ୍ତ ଗୁଳି, ଖୋକା, ତ୍ରିଲୋଚନଙ୍କ ହାତଘଣ୍ଟା ଓ ସ୍କୁଟି ଜବତ କରାଯାଇଥିଲା। ମାମଲାକୁ ଗୁରୁତ୍ୱର ସହ ନେଇ କେନ୍ଦୁଝର ଏସ୍‌ପି ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ବେଳେ ଘଟଣା ପରଠାରୁ ବିଭିନ୍ନ ସ୍ଥାନରେ ନାକାବନ୍ଦୀ, ଚେକିଂ ଓ ବ୍ଲକିଂକୁ ଜୋରଦାର କରାଯାଇଛି। ତଥାପି ଘଟଣାକୁ ୧୦ ଦିନ ପୂରିଥିଲେ ମଧ୍ୟ ଏଯାଏଁ ହତ୍ୟାକାରୀଙ୍କ ପାଖରେ ପହଞ୍ଚିପାରିନାହିଁ ପୁଲିସ। ସ୍ୱାମୀଙ୍କୁ ହରାଇଥିବା ତୁଳସୀଙ୍କ ଆଗରେ ଏବେ ଦୁଇଟି ଛୋଟ ଶିଶୁଙ୍କ ଭବିଷ୍ୟତ ଗଢ଼ିବାର ଚିନ୍ତା। ୯ ବର୍ଷର ଝିଅ ଓ ଅଢେଇ ବର୍ଷର ପୁଅକୁ ନେଇ ଜୀବନର ଆଗାମୀ ପଥ କିପରି କାଟିବେ ସେନେଇ କୋହଭରା କଣ୍ଠ ରେ କହିଛନ୍ତି ତୁଳସୀ। ଅନ୍ୟପଟେ ଏକମାତ୍ର ପୁଅକୁ ହରାଇଥିବା ବୃଦ୍ଧା ମାଆ ଲକ୍ଷ୍ମୀ ମହାନ୍ତ ପୁଅର ହତ୍ୟାକାରୀଙ୍କୁ ଶୀଘ୍ର ଗିରଫ କରି କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି। ତ୍ରିଲୋଚନଙ୍କ ହତ୍ୟା ପରଠାରୁ କେନ୍ଦେଇପଶି ବଜାରରେ ମଧ୍ୟ ଭୟର ପରିବେଶ ଦେଖାଦେଇଛି। ପୂର୍ବରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚଳଚଞ୍ଚଳ ରହୁଥିବା ବଜାର ଏବେ ଅପରାହ୍ନ ପରେ ଧୀରେଧୀରେ ଖାଲି ହୋଇଯାଉଥିବା କହିଛନ୍ତି ସ୍ଥାନୀୟ ବ୍ୟବସାୟୀ। ଖୁବଶୀଘ୍ର ହତ୍ୟାକାରୀଙ୍କୁ ଧରି କୋଠର କାର୍ଯ୍ୟାନୁଷ୍ଠାନ ନେବା ସହ ମୃତ ତ୍ରିଲୋଚନଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ପରିବାର ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## କୁଷ୍ଠ ଓ ଫାଇଲେରିଆ ନିରାକରଣ ନେଇ ପ୍ରଶିକ୍ଷଣ

ରାଇରଙ୍ଗପୁର, ୭।୧୦(ସମିସ): ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ମିଟିଂ ହଲ୍‌ରେ କୁଷ୍ଠ ଓ ଫାଇଲେରିଆ ରୋଗ ନିରାକରଣ ଏବଂ ସଚେତନତା ନିମନ୍ତେ ଘରୋଇ ତଥା ପଞ୍ଜୀକୃତ ଚିକିତ୍ସକ (ଚଗଚ/ଜଗଚ)ଙ୍କ ପାଇଁ ଏକ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଲେପ୍ରା ସୋସାଇଟି, କାଇଣ୍ଡ ଫାର୍ମା ଓ ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର, ବାହାଲଦା ଓ ବାଦାମପାହାଡ଼ ଅଞ୍ଚଳର ପ୍ରାୟ ୩୦ ଜଣ ଚିକିତ୍ସକ ଯୋଗ ଦେଇଥିଲେ। ବ୍ଲକ ଚେୟାରମ୍ୟାନ ଜ୍ଞାନ ରଞ୍ଜନ ହେମ୍ବ୍ରମ ମୁଖ୍ୟ ଅତିଥି ଏବଂ ବିଡିଓ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରୋଗ ନିରାକରଣରେ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡା. ତପନ କୁମାର ମହାପାତ୍ର ଓ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ରୋଗ ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା ଉପରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଲେପ୍ରା ସୋସାଇଟିର ପ୍ରହଲ୍ଲାଦ ମଙ୍ଗରାଜ ପରିଚାଳନା କରିଥିବା ବେଳେ ସୁଭଦ୍ରା ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

■ ଧାମନଗରରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

## ବିଇଓ ନାହାନ୍ତି; ୧୭୦ ଶିକ୍ଷକ ପଦବୀ ଫାଙ୍କା

ଅସୁରାଳି, ୭।୧୦(ସମିସ): ଧାମନଗର ବ୍ଲକ୍‌ରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଭିତ୍ତିଭୂମି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଗୋଟିଏ ପଟେ ସରକାର ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦେଉଥିବାବେଳେ ଅନ୍ୟପଟେ ଧାମନଗର ବ୍ଲକ୍‌ରେ ପ୍ରଶାସନିକ ଶୂନ୍ୟତା ଏବଂ ଶିକ୍ଷକମାନଙ୍କ ସଙ୍କଟ ପାଠପଢ଼ାକୁ ଗୁରୁତର ଭାବେ ପ୍ରଭାବିତ କରିଛି। ବ୍ଲକ୍‌ରେ ଦୀର୍ଘ ଦିନ ହେବ ପ୍ରାୟ ୧୭୦ଟି ଶିକ୍ଷକ ପଦବୀ ଫାଙ୍କା ପଡ଼ିଥିବାବେଳେ ୧୧ଟି ପ୍ରାଥମିକ ବିଦ୍ୟାଳୟ ମାତ୍ର ଜଣେ ଲେଖାଏଁ ଶିକ୍ଷକଙ୍କ ଦ୍ୱାରା ଚାଲିଛି। ଏହି ଜଣେ ଶିକ୍ଷକ ଶ୍ରେଣୀଗୃହରେ ପାଠ ପଢ଼ାଇବା ସହ ମଧ୍ୟାହ୍ନଭୋଜନ, ସରକାରୀ ରିପୋର୍ଟ ପ୍ରସ୍ତୁତି ଓ ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ସମ୍ଭାଳିବାରେ ବ୍ୟସ୍ତ ରହୁଛନ୍ତି। ସେହିପରି ୪୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନ ଥିବାରୁ ଭାରପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରା କାମ ଚଳାଯାଉଛି, ଯାହା ଶୈକ୍ଷିକ ଓ ପ୍ରଶାସନିକ ପରିଚାଳନାରେ ବାଧା ସୃଷ୍ଟି କରୁଛି। ଶିକ୍ଷା ବିଭାଗର ପ୍ରଶାସନିକ ଚିତ୍ର ମଧ୍ୟ ଅତ୍ୟନ୍ତ ନିରାଶାଜନକ। ଧାମନଗର ବ୍ଲକ୍‌ରେ କୌଣସି ସ୍ଥାୟୀ ବ୍ଲକ୍ ଶିକ୍ଷାଧିକାରୀ (ବିଇଓ) ନାହାନ୍ତି। ଭଦ୍ରକର ଏବିଇଓ ପ୍ରଫୁଲ୍ଲ ସାହୁଙ୍କୁ ଅତିରିକ୍ତ ଭାବେ ତିନୋଟି ବ୍ଲକ୍‌ର ଦାୟିତ୍ୱ ଦିଆଯାଇଛି। ଏହାସହ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ କିରାଣି ଓ ପିଅନ ପଦବୀ ମଧ୍ୟ ଖାଲି ରହିଛି।

ଗତ ୩ ବର୍ଷ ହେଲା ପଦୋନ୍ନତି ଅଟକି ରହିଥିବାରୁ ୨୦ଟି ଲେଭେଲ୍-୩ ଓ ୭୦ରୁ ଊର୍ଦ୍ଧ୍ୱ ଲେଭେଲ-୪ ପ୍ରଧାନଶିକ୍ଷକ ପଦବୀ ପୂରଣ ହୋଇପାରୁନାହିଁ। ବିଦ୍ୟାଳୟଗୁଡ଼ିକରେ କମିଟି ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ସୁଦ୍ଧା ମୂଳ ସମସ୍ୟା ଅର୍ଥାତ୍ ଶିକ୍ଷକ ଅଭାବ ଦୂର ନ ହେଲେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିବ କିପରି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟ ବ୍ଲକ୍‌ରୁ ବଳକା ଶିକ୍ଷକଙ୍କୁ ଆଣିବା ପାଇଁ ହୋଇଥିବା ପ୍ରସ୍ତାବକୁ ଜିଲ୍ଲାପାଳଙ୍କ ଅନୁମୋଦନ ମିଳିପାରି ନାହିଁ। କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ତୁରନ୍ତ ସ୍ଥାୟୀ ବିଇଓ ନିଯୁକ୍ତି ଏବଂ ଶିକ୍ଷକ ପଦବୀ ପୂରଣ କରିବାକୁ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଦାବି ହୋଇଛି।

ଘଣ୍ଟେଶ୍ୱରରେ ଚୋରା ମଦର ବନ୍ୟା

## ହୋଟେଲ, ପାନ ଦୋକାନ ସବୁଠି ଚାଲିଛି ବେପାର

ଭଦ୍ରକ, ୭।୧୦(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ବାଂଶଡ଼ା ଥାନା ଅଧୀନ ଘଣ୍ଟେଶ୍ୱର ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବଢୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ଓ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଭିଯୋଗ ଅନୁଯାୟୀ, ଘଣ୍ଟେଶ୍ୱର ବଜାର ଓ ଏହାର ଆଖପାଖ ଅଞ୍ଚଳରେ ଥିବା କେତେକ ସ୍ଥାନରେ ଏହାର ଖୋଲାଖୋଲି ଭାବେ ବିକ୍ରି ହେଉଛି। ଏପରିକି କେତେକ ହୋଟେଲ ଓ ପାନ ଦୋକାନରେ ଚୋରା ମଦ କାରବାରକୁ ନେଇ ହେଉଛି ଚର୍ଚ୍ଚା।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଆଇନସମ୍ମତ ଭାବେ ମଦ ବିକ୍ରି ପାଇଁ ନିର୍ଦ୍ଦିଷ୍ଟ ନିୟମ ଓ ଲାଇସେନ୍ସ ବ୍ୟବସ୍ଥା ରହିଥିଲେ ମଧ୍ୟ ଏହାର ଉଲ୍ଲଂଘନ ହୋଇ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ବିଶେଷକରି ସକାଳୁ ସନ୍ଧ୍ୟା ଓ ରାତି ପର୍ଯ୍ୟନ୍ତ ଏହି ଚୋରା କାରବାର ଚାଲିଛି। ଅନ୍ୟପକ୍ଷରେ ଚୋରା ମଦ ବ୍ୟବସାୟୀଙ୍କ ଉପରେ ପୁଲିସ ପକ୍ଷରୁ ମଝିରେ ମଝିରେ ଚଢ଼ଉ କରାଯାଉଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରଭାବ ଦେଖାଯାଉ ନ ଥିବା ଦେଖିବାକୁ ମିଳୁଛି। ଏପରିକି ସନ୍ଧ୍ୟା ସମୟରେ କିଛି ଚୋରା ମଦ ବେପାରୀଙ୍କୁ ଧରି ବହୁତ ମାଲ୍ ଜବତ କରିବା ପରେ ରାତି ହେଲେ ମୋଟା ଅଙ୍କର ଚାନ୍ଦା ନେଇ ତାକୁ କମ୍ ମାଲ୍ ଦେଖାଇ ଛାଡ଼ି ଦେଉଥିବା ଅଭିଯୋଗ ହେଉଛି। ଚୋରା ମଦ କାରବାର ଯୋଗୁଁ ଅଞ୍ଚଳର ଯୁବପିଢ଼ି ଓ ସାଧାରଣ ପରିବାର ଉପରେ ଏହାର ପ୍ରଭାବ ପଡୁଥିବା ନେଇ ଅନେକ ଅଭିଯୋଗ ଆସୁଛି। ମଦ୍ୟପାନକୁ କେନ୍ଦ୍ରକରି ବିଭିନ୍ନ ସମୟରେ ଗଣ୍ଡଗୋଳ, ରାହାଜାନୀ, ପାରିବାରିକ ଅଶାନ୍ତି ଓ ସାମାଜିକ ସମସ୍ୟା ସୃଷ୍ଟି ହେଉଥିବାରୁ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଆଗକୁ ଆସୁଛି ପାର୍ବଣ ଋତୁ। ସ୍ଥାନୀୟ ଲୋକଙ୍କ ପ୍ରଶ୍ନ ହେଉଛି, ଯଦି ଘଣ୍ଟେଶ୍ୱର ଅଞ୍ଚଳରେ ଏଭଳି ବେଆଇନ ମଦ ବିକ୍ରି ଚାଲିଛି, ତେବେ ଏହା ବିରୋଧରେ ନିୟମିତ କଡ଼ା ଚଢ଼ଉ କାହିଁକି ହେଉନାହିଁ। ଏହି ଚୋରା ମଦ ବିକ୍ରି ପଛରେ କିଏ କିଏ ସାମିଲ୍ ଅଛନ୍ତି ଏବଂ କେଉଁଠାରୁ ମଦ ଆସୁଛି ତାହାର ତଦନ୍ତ କରାଯିବା ଆବଶ୍ୟକ ବୋଲି ଦାବି ହୋଇଛି। ଏ ନେଇ ବାଂଶଡ଼ା ପୁଲିସ ଓ ଚାନ୍ଦବାଲି ଅବକାରୀ ବିଭାଗ ପକ୍ଷରୁ ଘଣ୍ଟେଶ୍ୱର ଅଞ୍ଚଳରେ ବ୍ୟାପକ ଚଢ଼ଉ କରାଯାଇ ଚୋରା ମଦ କାରବାରରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବା ସହ ମଦ ଯୋଗାଣର ମୂଳ ଉତ୍ସ ଖୋଜି ବାହାର କରିବାକୁ ଦାବି ଜୋର୍ ଧରିଛି। ଯଦି ଏହି ଚୋରା ମଦ ଘଣ୍ଟେଶ୍ୱରରୁ ବନ୍ଦ ନ ହୁଏ, ଅଞ୍ଚଳବାସୀଙ୍କ ପକ୍ଷରୁ ଘଣ୍ଟେଶ୍ୱର ଫାଣ୍ଡି ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ଅବ୍ୟବସ୍ଥା ଘେରରେ ବୋଡକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ଭୁଶୁଡ଼ିଛି ପାଚେରି, ଛାତରୁ ଖସୁଛି ଅତଡ଼ା

ଦୋଳସାହି, ୭।୧୦(ସମିସ): ତିହିଡ଼ି ବ୍ଲକ୍ ଅଧୀନ ବୋଡକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଭାପତି ଚୟନ ନେଇ ରାଜନୈତିକ ଦଳରେ ଛକ୍କାପଞ୍ଝା ଲାଗିରହିଛି। ଫଳରେ ସଭାପତି ଚୟନ ହୋଇପାରୁନି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସଭାପତି ଚୟନ ସମୟରେ ପୁଲିସ ଉପସ୍ଥିତ ଥିଲେ ମଧ୍ୟ ଦୁଇ ରାଜନୈତିକ ଦଳ କର୍ମୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେବା ନେଇ ଏହି ସଭାପତି ଚୟନ କାର୍ଯ୍ୟ ସ୍ଥଗିତ ଥିବା ଜଣାଯାଇଛି। ଅନ୍ୟପକ୍ଷରେ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ ଅବସ୍ଥା ସଙ୍ଗୀନ ହୋଇଛି। ବିଦ୍ୟାଳୟର ଏକ ଗୃହ ଛାତ ଫାଟି ଅତଡ଼ା ଖସୁଛି। ସେହିଭଳି ବିଦ୍ୟାଳୟର ପାଚେରି ଭାଙ୍ଗି ପଡ଼ିଥିବା ଜଣାଯାଇଛି। ଶିଶୁ ବାଟିକାରୁ ଯୁକ୍ତ ୨ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ୩୭୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଶିଶୁ ବାଟିକାରୁ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀ ଗୋଟିଏ ଗୃହରେ ପାଠ ପଢୁଛନ୍ତି। ଅନ୍ୟ ଦୁଇଟି ବିଦ୍ୟାଳୟ ଗୃହ ସହ ୩ ଜଣ ଶିକ୍ଷକ ଆବଶ୍ୟକତା ଥିବା ଜଣାଯାଇଛି। ପ୍ରଶାସନ ପକ୍ଷରୁ ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

**ହୋଇପାରୁନି ସଭାପତି ଚୟନ; ସାଧାରଣରେ ଅସନ୍ତୋଷ**

## ଶିକ୍ଷୟିତ୍ରୀ ନର୍ମଦା ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭଦ୍ରକ, ୭।୧୦(ସମିସ): ଆଦର୍ଶ ଶିକ୍ଷୟିତ୍ରୀ ନର୍ମଦା ବେହେରାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଜଗନ୍ନାଥପୁରସ୍ଥିତ ନ୍ୟୁ କଲୋନୀଠାରେ ବୁଧବାର ସନ୍ଧ୍ୟାରେ ଚନ୍ଦ୍ରଶେଖର ରାଉତ ସ୍ମୃତି ପରିଷଦ ଅନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜୀବନବ୍ୟାପୀ ଶିକ୍ଷାଦାନ କରି ଆଦର୍ଶ ଶିକ୍ଷୟିତ୍ରୀ ନର୍ମଦା ବେହେରା ଭଣ୍ଡାରିପୋଖରୀ ବ୍ଲକ୍ ରାଡୋ ଉ.ପ୍ରା. ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ଜଣେ ସ୍ପଷ୍ଟବାଦୀ, ଆଦର୍ଶ ଓ ସ୍ନେହୀ ଶିକ୍ଷୟିତ୍ରୀ ଥିଲେ ବୋଲି ବକ୍ତାମାନେ କହିଥିଲେ। ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଭାବେ ଇଂ ଅଭୟ ସୁତାର, ଅଧ୍ୟକ୍ଷ ନିହାର ରଞ୍ଜନ କର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଡ. ସଙ୍ଗୀତା ବଳ, ଯୁବନେତା ପଙ୍କଜ ବଳ ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀଙ୍କ ଜୀବନାଦର୍ଶ ଉପରେ ବହୁ ମୂଲ୍ୟ ବକ୍ତବ୍ୟ ରଖିଥିଲେ। କବୟିତ୍ରୀ ସଂଯୁକ୍ତା ବଳ ନାୟକ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ପୁତ୍ର ଯଶୋବନ୍ତ ଓ ବୋହୂ ଦମୟନ୍ତୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। କବୟିତ୍ରୀ ମମତା ବଳ, ନାତି ଦ୍ୱିତୀକ୍ରିଷ୍ଣା ରାଉତ ଓ ନାତୁଣୀ ଜିଜ୍ଞାସା ରାଉତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷୟିତ୍ରୀ ନର୍ମଦା ବେହେରାଙ୍କୁ ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ତରଫରୁ କଳ୍ପନା ଜେନା, ଅଞ୍ଜନା ମିଶ୍ର, ଡ. ଜାନକୀ ପାଢ଼ୀ, ଅଧିବକ୍ତା ଅଞ୍ଜୁବାଳା ରାଉତ, କବୟିତ୍ରୀ ମନୋରମା ରାୟ, ଚଇତାଳି ଖିଲାର, ଭୂମିକନ୍ୟା ମହିଳା ସଂଗଠନ, ଶିଳ୍ପୋଦ୍ୟୋଗୀ କନକଲତା ସୁତାର, ଶିକ୍ଷାବିତ୍ ସାନୁ ମହାନ୍ତି, ଅଧ୍ୟାପିକା ମମତା ସାହୁ, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ଅନିତା ରାୟ, ଶ୍ରଦ୍ଧାଞ୍ଜଳି ସାହୁଙ୍କ ସମେତ ବୁଦ୍ଧିଜୀବୀ ସମ୍ବର୍ଦ୍ଧିତ କରିଥିଲେ।

## 'ସୁରକ୍ଷିତ ଘରକୁ ଫେରନ୍ତୁ' ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

ଭଦ୍ରକ, ୭।୧୦(ସମିସ): ମଙ୍ଗଳବାର ଭଦ୍ରକ ଜିଲ୍ଲାର ପିଏମ୍‌ଶ୍ରୀ ବି.ଏମ୍. ବାଗୁରାଇ ହାଇସ୍କୁଲରେ ସେବା ସଂକଳ୍ପ ଅଭିଯାନ-୨୦୨୬ ଅନ୍ତର୍ଗତ "ସୁରକ୍ଷିତ ଘରକୁ ଫେରନ୍ତୁ' ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ହେଲ୍‌ମେଟ୍ ପିନ୍ଧିବା, ସିଟ୍‌ବେଲ୍ଟ ବ୍ୟବହାର, ଦ୍ରୁତଗତିରେ ଗାଡ଼ି ନ ଚଲାଇବା, ମୋବାଇଲ୍ ଫୋନ୍ ବ୍ୟବହାର କରି ଗାଡ଼ି ନ ଚଲାଇବା ଏବଂ ଟ୍ରାଫିକ୍ ନିୟମ ପାଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ନିଜେ ସୁରକ୍ଷିତ ରହି ଅନ୍ୟକୁ ସୁରକ୍ଷିତ ରଖି ସୁରକ୍ଷିତ ଭାବେ ଘରକୁ ଫେରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଶପଥପାଠ କରାଯାଇଥିଲା।

## ଜାତୀୟ ରାଜପଥ ମରାମତି ଓ ବାଇପାସ୍ କାର୍ଯ୍ୟ ତ୍ୱରାନ୍ୱିତ

ଯଶିପୁର, ୭।୧୦(ସମିସ): ଗତ ୩-୪ ମାସ ଧରି ଲଗାଣ ବର୍ଷା ଯୋଗୁଁ ଯଶିପୁର ବଜାର ଦେଇ ଯାଇଥିବା ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଫଳରେ ଯାତ୍ରୀ, ଗାଡ଼ିଚାଳକ ତଥା ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିଲେ। ଏହି ପରିସ୍ଥିତିକୁ ଗୁରୁତ୍ୱ ଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ଯଶିପୁର ବଜାର ଅଞ୍ଚଳରେ ଥିବା ବିରାଟକାୟ ଖାଲଖମାକୁ ଜେସିବି ସାହାଯ୍ୟରେ ସମତୁଲ କରାଯାଇ ପିଚୁ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ନିଜେ କାର୍ଯ୍ୟସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଉପଯୁକ୍ତ ପରାମର୍ଶ ଦେଇଛନ୍ତି। ଏହାସହ ରାସ୍ତା ପାଖରେ ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ଲାଗି ରାଜସ୍ୱ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଜମି ମାପଚୁପ କରାଯାଇଛି। ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀ ଓ ଠିକାସଂସ୍ଥାକୁ ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ବର୍ଷା ଯୋଗୁଁ ବନ୍ଦ ରହିଥିବା ଯଶିପୁର ବାଇପାସ୍ ନିର୍ମାଣ କାର୍ଯ୍ୟ ଏବେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଦିନରାତି କାମ ଚଳାଇ ଧାର୍ଯ୍ୟ ସମୟ ପୂର୍ବରୁ କାମ ସାରିବା ଉପରେ ଗୁରୁତ୍ୱ ଦିଆଯାଉଛି। ବାଇପାସ୍ ସମ୍ପୂର୍ଣ୍ଣ ହେଲେ ହଜାର ହଜାର ଭାରୀଯାନ ସହର ବାହାରେ ଚଳାଚଳ କରିବ, ଯାହାଫଳରେ ଯଶିପୁର ବଜାରରେ ଟ୍ରାଫିକ୍ ସମସ୍ୟା ସମ୍ପୂର୍ଣ୍ଣ ଦୂର ହେବ। ଏହି ବାଇପାସ୍ ନିର୍ମାଣ ସହିତ ଗୌଡ଼ଗାଁବାସୀଙ୍କ ଦୀର୍ଘ ଦିନର ଦାବିକୁ ମନ୍ତ୍ରୀ ଗ୍ରହଣ କରି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଏକ ଗଳାପୋଲ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ସେଠାରେ ୧୨ ଫୁଟ୍ ଉଚ୍ଚତାର ଗଳାପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟସ୍ଥଳ ପରିଦର୍ଶନ କରି ଅଗ୍ରଗତି ସମୀକ୍ଷା କରିଛନ୍ତି। ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେଇଥିବାରୁ ଯଶିପୁର ଜନସାଧାରଣ ଓ ଗୌଡ଼ଗାଁବାସୀ ମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି।



ନିର୍ମାଣ ହେବ ଗଳାପୋଲ, କ୍ଷେତ୍ର ପରିଦର୍ଶନ କଲେ ମନ୍ତ୍ରୀ

ହୋ ସଙ୍ଗୀତର ଚର୍ଚ୍ଚିତ ଚେହେରା ବାବୁଲୁ ବୁଲିଉଲି

# ହୋ ଭାଷା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟ

ବାରିପଦା/ରାଇରଙ୍ଗପୁର/ଶରତ, ୭।୧୦ (ସମିସ): ନିଜର ସୁମଧୁର କଣ୍ଠସ୍ୱର ଓ ନିଆରା ଗାୟନ ଶୈଳୀ ବଳରେ ହୋ ସଙ୍ଗୀତ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଉଦୀୟମାନ କଣ୍ଠଶିଳ୍ପୀ ବାବୁଲୁ ବୁଲିଉଲି ଓରଫ ରଘୁନାଥ ବୁଲିଉଲି(୩୨)। ପେଟ ପାଟଣା ପାଇଁ ସେ ଗ୍ରୋସରୀ ଦୋକାନ ଚଳାଉଥିଲେ ହେଁ ସଙ୍ଗୀତ ସାଧନା ମାଧ୍ୟମରେ ନିଜ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର କରି ସେ ଏବେ ସାରା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଅନ୍ତର୍ଗତ ବସନ୍ତପୁର ଗ୍ରାମର ବାସିନ୍ଦା ବାବୁଲୁ ପିଲାଦିନରୁ ହିଁ ସଙ୍ଗୀତ ପ୍ରତି ଗଭୀର ରୁଚି ରଖିଥିଲେ। ସେ ରରୁଆଁ ହାଇସ୍କୁଲର ଛାତ୍ର ଥିବା ସମୟରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହେବା ସହ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ପରବର୍ତ୍ତୀ ସମୟରେ "ହୁଳିଂ ମୋବାଇଲ ତେ ସାଙ୍ଗ ଉକୁ ଜାଗାରିଞ୍ଜ ମେ" ଶୀର୍ଷକ ଗୀତ ମାଧ୍ୟମରେ ସେ ହୋ ସଙ୍ଗୀତ ଦୁନିଆରେ ପାଦ ଥାପିଥିଲେ। ପ୍ରଥମ ପ୍ରୟାସରେ ହିଁ ଗୀତଟି ଶ୍ରୋତାଙ୍କ ମଧ୍ୟରେ ବେଶ୍ ଆଦୃତି ଲାଭ କରିବା ସହ ତାଙ୍କୁ ରାତାରାତି ଲୋକପ୍ରିୟତା ଆଣିଦେଇଥିଲା। ଏହାପରେ ତାଙ୍କ କଣ୍ଠରେ "ଦିନ ଦିନ ଲାଙ୍ଗ ନେପେଲ', "କାଲାଙ୍ଗ ବାପାଗେୟା ଜୁଳି', "ଜକା ନେପେଲ', "ବୁରୁସୁବେ ମାଇଁ', "ଉକୁ ଉକୁ', "ଜୁଳି ଆମ ବେଗାର', "ନେନାଗେ ପ୍ୟାର', "ଚାତମ ଉମ୍ମୁଲ', "ପରବ ପୁନାଇଁ', "ଆଞ୍ଜାଃ ଦିଲରେ ଆମାଃ ନୁତୁମ', "ଆମ ଲାଗିଡ୍ ଆଞ୍ଜ ଦିୱାନା' ଭଳି ଅନେକ ସୁପରହିଟ୍ ଗୀତ ଶ୍ରୋତାଙ୍କ ମନ ମୋହିଛି।



**ଜୀବିକା ପାଇଁ ଖୋଲିଛନ୍ତି ଗ୍ରୋସରୀ ଦୋକାନ**

କେବଳ ଅନ୍ୟ ପ୍ରଯୋଜନା ସଂସ୍ଥାରେ ନୁହେଁ, ନିଜସ୍ୱ ୟୁଟ୍ୟୁବ ଚ୍ୟାନେଲ "ରଘୁବୀର ପ୍ରଡକ୍ସନ' ମାଧ୍ୟମରେ ସେ ଏପର୍ଯ୍ୟନ୍ତ ୮୦ରୁ ଊର୍ଦ୍ଧ୍ୱ ଗୀତ ଭେଟି ଦେଇଥିବା ବେଳେ ସିନେମା ଜଗତରେ ୧୦୦ରୁ ଅଧିକ ହୋ ଗୀତରେ କଣ୍ଠଦାନ କରିସାରିଛନ୍ତି।

ସଂଘର୍ଷପୂର୍ଣ୍ଣ ଜୀବନ ବିତାଇ ପରିବାର ପ୍ରତିପୋଷଣ ପାଇଁ ଜାମଦାରେ ଏକ ଗ୍ରୋସରୀ ଦୋକାନ କରିଥିବା ବାବୁଲୁ ସଙ୍ଗୀତକୁ ହିଁ ନିଜ ଜୀବନର ମୁଖ୍ୟ ବ୍ରତ ଭାବେ ଗ୍ରହଣ କରିଛନ୍ତି। ହୋ ଭାଷା ଏବଂ ସଙ୍ଗୀତକୁ କେବଳ ରାଜ୍ୟ କିମ୍ବା ଦେଶରେ ସୀମିତ ନ ରଖି ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ଜଣେ ସାଧାରଣ ଯୁବକ ଭାବେ ନିଜ ନିଷ୍ଠା ଓ ପରିଶ୍ରମ ବଳରେ ସେ ଆଜି ଯୁବପିଢ଼ିଙ୍କ ପାଇଁ ଏକ ପ୍ରେରଣା ପାଲଟିଛନ୍ତି। ଆଗାମୀ ଦିନରେ ତାଙ୍କ କଣ୍ଠରୁ ଆହୁରି ଅନେକ ମଧୁର ଗୀତ ଶୁଣିବାକୁ ମିଳିବ ବୋଲି ଶ୍ରୋତା ଓ ଶୁଭେଚ୍ଛୁମାନେ ଆଶା ବ୍ୟକ୍ତ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆୟ ଅନୁସାରେ ବ୍ୟୟ ହେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ଯାନବାହନ କିଣିବା ଯୋଗ ଅଛି।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶ ପାଇଁ ଉପଯୁକ୍ତ ସମୟ। ମହିଳାମାନେ ଦାନ ଧର୍ମ କରନ୍ତୁ।

**ମିଥୁନ:** ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଉଧାର ଟଙ୍କା ଫେରିପାଇବେ।

**କର୍କଟ:** ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଅଫିସ୍ ସହକର୍ମୀଙ୍କ ସହଯୋଗ ପାଇବେ।

**କନ୍ୟା:** ଆୟ ଓ ବ୍ୟୟ ସମାନ ହେବ। ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ମୀନ:** ବିଦ୍ୟାର୍ଥୀ ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଦିନରେ

- ୧୯୩୬- ହିନ୍ଦୀ ସାହିତ୍ୟ ଜଗତର କିମ୍ବଦନ୍ତୀ ଲେଖକ ମୁନ୍‌ସୀ ପ୍ରେମଚନ୍ଦଙ୍କ ଦେହାନ୍ତ।
- ୧୯୬୨ : ଆଲଜେରିଆ ଜାତିସଂଘରେ ଯୋଗଦେଲା ।
- ୧୯୮୦ : ରୁଷ୍-ସିରିୟା ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
- ୧୯୮୨ : ପୋଲାଣ୍ଡ ୬ଟି ରାଷ୍ଟ୍ର ସହ ବ୍ୟବସାୟିକ ସମ୍ପର୍କ ଛିନ୍ନ କଲା ।
- ୧୯୯୮ - ଭାରତ ଫ୍ଲାଇଟ୍ ସେଫ୍ଟି ଫାଉଣ୍ଡେସନ୍‌ର ସଦସ୍ୟ ହେଲା।



# ଭାରତୀୟ ବାୟୁସେନା ଦିବସ

ପ୍ରତିବର୍ଷ ୮ ଅକ୍ଟୋବରକୁ ଭାରତରେ ବାୟୁସେନା ଦିବସ ଭାବେ ବେଶ୍ ଗର୍ବ ଓ ଉତ୍ସାହର ସହ ପାଳନ କରାଯାଏ। ଦେଶର ଆକାଶ ମାର୍ଗକୁ ସୁରକ୍ଷିତ ରଖିବାରେ ଏବଂ ଯୁଦ୍ଧ ସମୟରେ ଅତୁଳନୀୟ ସାହସିକତା ପ୍ରଦର୍ଶନ କରୁଥିବା ବାୟୁସେନାର ବୀର ଯବାନମାନଙ୍କୁ ସମ୍ମାନ ଜଣାଇବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଭାରତୀୟ ବାୟୁସେନା ହେଉଛି ଭାରତୀୟ ସଶସ୍ତ୍ର ବାହିନୀର ଏକ ପ୍ରମୁଖ ଅଙ୍ଗ, ଯାହାର ମୁଖ୍ୟ ଦାୟିତ୍ୱ ହେଉଛି ଭାରତର ଆକାଶ ମାର୍ଗକୁ ସୁରକ୍ଷିତ ରଖିବା ଏବଂ ଯୁଦ୍ଧ ସମୟରେ ଆକାଶ ପଥରୁ ଶତ୍ରୁର ମୁକାବିଲା କରିବା। ବ୍ରିଟିଶ ଶାସନ ସମୟରେ ୧୯୩୨ ମସିହା ଅକ୍ଟୋବର ୮ ତାରିଖରେ ଏହାର ବିଧିବଦ୍ଧ ପ୍ରତିଷ୍ଠା ହୋଇଥିଲା। ସେହିଦିନଠାରୁ ପ୍ରତିବର୍ଷ ଅକ୍ଟୋବର ୮ କୁ ବାୟୁସେନା ଦିବସ ଭାବେ ପାଳନ କରାଯାଉଛି। ପ୍ରାରମ୍ଭରେ ଏହାକୁ 'ରୟାଲ୍ ଇଣ୍ଡିଆନ୍ ଏୟାରଫୋର୍ସ' କୁହାଯାଉଥିଲା। ୧୯୫୦ ମସିହାରେ ଏଥିରୁ 'ରୟାଲ୍' ଶବ୍ଦ ହଟାଇ କେବଳ ଭାରତୀୟ ବାୟୁସେନା ନାମ ଦିଆଗଲା। ୧୯୪୭, ୧୯୬୫, ୧୯୭୧ ର ପାକିସ୍ତାନ ଯୁଦ୍ଧ ହେଉ କିମ୍ବା ଚୀନ୍ ସହ ସଂଘର୍ଷ, ବାୟୁସେନା ସବୁବେଳେ ଶତ୍ରୁ ପକ୍ଷର ମେରୁଦଣ୍ଡ ଭାଙ୍ଗିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶେଷ କରି ୧୯୯୯ ର କାର୍ଗିଲ ଯୁଦ୍ଧରେ ଅପରେସନ ସଫେଦ ସାଗର ମାଧ୍ୟମରେ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଲୁଚି ରହିଥିବା ଅନୁପ୍ରବେଶକାରୀଙ୍କୁ ଧୂଳି ଚଟାଇ ବାୟୁସେନା ଯେଉଁ ପରାକ୍ରମ ଦେଖାଇଥିଲା, ତାହା ସାମରିକ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। କେବଳ ଯୁଦ୍ଧ ନୁହେଁ, ବନ୍ୟା, ବାତ୍ୟା କିମ୍ବା ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାୟୁସେନା ସବୁବେଳେ ଲୋକଙ୍କୁ ଉଦ୍ଧାର କରିବା ଓ ସହାୟତା ଯୋଗାଇବାରେ ଆଗଧାଡ଼ିରେ ରହିଥାଏ। ୧୯୩୨ ମସିହାରେ ମାତ୍ର ୪ଟି ଛୋଟ ବିମାନରୁ ଆରମ୍ଭ ହୋଇଥିବା ଏହି ବାୟୁସେନା ଆଜି ରାଫେଲ୍, ସୁଖୋଇ-୩୦ ଏବଂ ସ୍ୱଦେଶୀ ତେଜସ୍ ଭଳି ସୁପରସୋନିକ୍ ଲଢ଼ୁଆ ବିମାନରେ ସମୃଦ୍ଧ। ଦେଶ ମାତୃକାର ସୁରକ୍ଷା ପାଇଁ ଆକାଶ ମାର୍ଗରେ ନିଜ ଜୀବନକୁ ବାଜି ଲଗାଉଥିବା ବୀର ସୈନିକ ଓ ଶହୀଦମାନଙ୍କ ଅସୀମ ସାହସ, ତ୍ୟାଗ ଓ ନିଷ୍ଠାକୁ ସମ୍ମାନ ଜଣାଇବା ସହ ଦେଶର ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରି ସେମାନଙ୍କୁ ବାୟୁସେନାରେ ଯୋଗଦେବା ପାଇଁ ଅନୁପ୍ରାଣିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

# ୧୪ ବର୍ଷ ପରେ ଅକ୍ଷୟ-ସାଜିଦ୍ ଯୋଡ଼ି

ବଲିଉଡ୍ ସୁପରଷ୍ଟାର୍ ଅକ୍ଷୟ କୁମାର ଯଦିଓ ନିଜର ଦମଦାର୍ ଆକ୍ସନ୍ ପାଇଁ ସିନେମା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ତାଙ୍କ ଅଭିନୀତ କମେଡି ଫିଲ୍ମଗୁଡ଼ିକ ମଧ୍ୟ ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଛି। ଏବେ 'ଖିଲାଡି କୁମାର'ଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ସେ ତାଙ୍କର ଆଗାମୀ ପ୍ରୋଜେକ୍ଟରେ ପୁଣିଥରେ କମେଡି ଅବତାରକୁ ଫେରୁଛନ୍ତି। ନିକଟରେ ମୁକ୍ତିଲାଭ କରିଥିବା ଅକ୍ଷୟଙ୍କ ଅଭିନୀତ ଫିଲ୍ମ 'ହୈୱାନ' ବକ୍ସ ଅଫିସ୍‌ରେ ସେଭଳି କିଛି ଖାସ୍ କମାଲ କରିପାରିନାହିଁ। ଏହି ଫିଲ୍ମର ନିରାଶାଜନକ ପ୍ରଦର୍ଶନ ପରେ ଅକ୍ଷୟ ଏବେ ପୁଣିଥରେ କମେଡି ଫିଲ୍ମକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି। ଅକ୍ଷୟଙ୍କର ସବୁଠାରୁ ଭଲ ବନ୍ଧୁ ତଥା ନିର୍ଦ୍ଦେଶକ ସାଜିଦ୍ ଖାନ୍‌ଙ୍କ ଆଗାମୀ କମେଡି ଫିଲ୍ମରେ ସେ ନଜର ଆସିବେ। ଶେଷ ଥର ପାଇଁ ଏହି ଯୋଡ଼ି ୨୦୧୨ରେ ଆସିଥିବା ସୁପରହିଟ୍ କମେଡି ଫିଲ୍ମ 'ହାଉସଫୁଲ୍ ୨'ରେ ଏକାଠି କାମ କରିଥିଲେ। ଦୀର୍ଘ ୧୪ ବର୍ଷର ବ୍ୟବଧାନ ପରେ ଏହି ସୁପରହିଟ୍ ଯୋଡ଼ି ପୁଣିଥରେ ବଡ଼ ପରଦାରେ ଧମାକା କରିବାକୁ ଯାଉଛନ୍ତି। ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଏକତା କପୁର ଅଛନ୍ତି। ଯଦିଓ ଫିଲ୍ମର ନାମ ଏପର୍ଯ୍ୟନ୍ତ ଫାଇନାଲ ହୋଇନାହିଁ କିନ୍ତୁ ଏହା ଏକ ଜବରଦସ୍ତ କମେଡି ଫିଲ୍ମ ହେବ ବୋଲି ଚର୍ଚ୍ଚା ହେଉଛି। ଏହି ଫିଲ୍ମର ସବୁଠାରୁ ବଡ଼ ଆକର୍ଷଣ ହେବ ଏହାର ଷ୍ଟାରକାଷ୍ଟ। ଏଥିରେ ଅକ୍ଷୟଙ୍କ ସହ ଆର୍. ମାଧବନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ନିକଟରେ ଉଭୟ କଳାକାର ଫିଲ୍ମ 'କେସରୀ ଚାପ୍ଟର ୨: ଦ ଅନଟୋଲ୍ଡ ଷ୍ଟୋରୀ ଅଫ୍ ଜାଲିଆନୱାଲା ବାଗ୍'ରେ ପରସ୍ପରର ଶତ୍ରୁ ଭୂମିକାରେ ଅଭିନୟ କରିଥିଲେ। ସେହି ଫିଲ୍ମରେ ପରସ୍ପର ବିରୋଧରେ ଲଢ଼ିବା ପରେ, ଏବେ ଏହି ଦୁଇ କଳାକାର କମେଡି ଜରିଆରେ ଦର୍ଶକଙ୍କୁ କେତେ ହସାଉଛନ୍ତି, ତାହା ଦେଖିବାକୁ ବାକି ରହିଲା।



# ଆମାଜନ ଜଙ୍ଗଲରେ ୩୮ ବର୍ଷ

ଆଜିର ୪ଜି, ୫ଜି ଦୁନିଆ ଠାରୁ ହଜାର ହଜାର କିଲୋମିଟର ଦୂରରେ ଏମିତି ଏକ ଜଗତ ଅଛି, ଯେଉଁଠି ପ୍ରତି ସେକେଣ୍ଡରେ ମୃତ୍ୟୁ ଓ ଜୀବନ ମଧ୍ୟରେ ଲଢ଼େଇ ଚାଲେ। ଏହି ସ୍ଥାନଟି ହେଉଛି ଆମାଜନ ଜଙ୍ଗଲ। ସେହି ଭୟଙ୍କର ସବୁଜ ସାମ୍ରାଜ୍ୟ ଭିତରେ ଜଣେ ମଣିଷ ଦୀର୍ଘ ୩୮ ବର୍ଷ ବିତାଇ ଦେଇଛନ୍ତି। ଚିକୋ ନାମକ ଏହି ବ୍ୟକ୍ତିଙ୍କୁ ନିକଟରେ ବିଶ୍ୱପ୍ରସିଦ୍ଧ ୟୁଟ୍ୟୁବ୍ ଚ୍ୟାନେଲ 'ୟେସ୍ ଥିଓରି' ଲୋକଲୋଚନକୁ ଆଣିଛି। ୩୮ ବର୍ଷ ପୂର୍ବେ ଯେତେବେଳେ ଚିକୋ ଏହି ଦୁର୍ଗମ ଜଙ୍ଗଲ ଭିତରକୁ ପ୍ରବେଶ କରିଥିଲେ, ସେତେବେଳେ ତାଙ୍କ ପାଖରେ କେବଳ ଏକ ଛୁରୀ ଏବଂ ବଞ୍ଚି ରହିବାର ଦୃଢ଼ ଇଚ୍ଛାଶକ୍ତି ଥିଲା। ଆମାଜନ ଜଙ୍ଗଲରେ ସାଧାରଣ ମଣିଷଟିଏ ମଧ୍ୟ କିଛି ଦିନ ରହିବା ଅସମ୍ଭବ। କାରଣ ଏହି ଜଙ୍ଗଲରେ ଅନେକ ବିଷଧର ସାପ ସହ ଜଙ୍ଗଲୀ ଜୀବଜନ୍ତୁ ଓ ଅତି ବିଷାକ୍ତ ପୋକଜୋକ ରହିଛନ୍ତି। ଚିକୋ ଏହି ସମସ୍ତ ବିପଦକୁ ନିଜର ଦୈନନ୍ଦିନ ଜୀବନର ଅଂଶ ଭାବେ ଗ୍ରହଣ କରିଛନ୍ତି। ସେ ବର୍ଷା ଜଳ ସଂଗ୍ରହ କରି ପିଅନ୍ତି, ଅରଣ୍ୟର ଫଳମୂଳ ଏବଂ ବାରହା ଶିକାର କରି ଖାଇଥାନ୍ତି। ଚିକୋଙ୍କ କାହାଣୀରେ ସବୁଠାରୁ ପ୍ରେରଣାଦାୟୀ ଅଧ୍ୟାୟ ହେଉଛି ତାଙ୍କର ଧୈର୍ଯ୍ୟ। ପ୍ରାୟ ୩୮ ବର୍ଷ ପୂର୍ବେ ସେ ନିଜ ହାତରେ ଜଙ୍ଗଲ ମଧ୍ୟରେ ୧,୫୦୦ଟି 'ବ୍ରାଜିଲ୍ ନଟ୍' ଗଛ ଲଗାଇଥିଲେ। ଏହି ଗଛଗୁଡ଼ିକ ବଡ଼ ହୋଇ ଫଳ ଦେବା ପାଇଁ ଦଶନ୍ଧି ଦଶନ୍ଧି ସମୟ ଲାଗିଥାଏ। ସମୟର ସ୍ରୋତ ବହିଗଲା, ଦୁନିଆ ବଦଳିଗଲା, ହେଲେ ଚିକୋ ସେହି ଗଛଗୁଡ଼ିକର ଯତ୍ନ ନେବା ଛାଡ଼ି ନ ଥିଲେ। ଚଳିତ ବର୍ଷ, ଅର୍ଥାତ୍ ଦୀର୍ଘ ୩୮ ବର୍ଷର ଅପେକ୍ଷା ପରେ, ଚିକୋ ପ୍ରଥମ ଥର ପାଇଁ ତାଙ୍କ ନିଜ ହାତରେ ଲଗାଇଥିବା ଗଛରୁ ଫଳ ଅମଳ କରିଛନ୍ତି ! ଏହା ପ୍ରକୃତି ଏବଂ ମଣିଷ ମଧ୍ୟରେ ଥିବା ଏକ ଅତି ନିବିଡ଼ ସମ୍ପର୍କର



ପ୍ରମାଣ। ପ୍ରାୟ ୨ ମାସ ଧରି 'ୟେସ୍ ଥିଓରି' ଦଳ ଆମାଜନ ଜଙ୍ଗଲରେ ଏକାକି ରହୁଥିବା ଚିକୋଙ୍କୁ ଖୋଜୁଥିଲେ । ସେମାନେ ଜଙ୍ଗଲର ବିଭିନ୍ନ ଅଞ୍ଚଳକୁ ୬ ଜଣ ଗାଇଡ୍ ପଠାଇଥିଲେ । ଶେଷରେ ସେମାନେ ଜଣେ ସାମ୍ବାଦିକଙ୍କ ସହ ଯୋଗାଯୋଗ କରି ଦୀର୍ଘ ଦିନର ବିପଜ୍ଜନକ ଯାତ୍ରା ପରେ ଚିକୋଙ୍କ ନିକଟରେ ପହଞ୍ଚିଥିଲେ। ଏହାପରେ ଚିକୋଙ୍କ କାହାଣୀ ସାରା ଦୁନିଆ ଜାଣିପାରିଲା। ଯେତେବେଳେ ଅନୁସନ୍ଧାନକାରୀ ଦଳ ଚିକୋଙ୍କୁ ପଚାରିଥିଲେ ଯେ, ସେ ଏତେ ବର୍ଷ ଏହି ଜଙ୍ଗଲରେ ଏକାକି କେମିତି ରହିଲେ? ଚିକୋ ଉତ୍ତର ଦେଇଥିଲେ-"ଏହି ନିଛାଟିଆ ମହାଅରଣ୍ୟରେ ଟଙ୍କା କିମ୍ବା ସମ୍ପତ୍ତିର କୌଣସି ମୂଲ୍ୟ ନାହିଁ। ଏଠାରେ ମଣିଷକୁ ନିଜ ଆବଶ୍ୟକତା ନିଜେ ହିଁ ଉତ୍ପନ୍ନ କରିବାକୁ ପଡ଼େ। ପ୍ରକୃତି ହିଁ ମୋର ଘର, ମୋର ପରିବାର ଏବଂ ସେ ହିଁ ମୋତେ ବଞ୍ଚାଇ ରଖିଛି।"

## ସୁଶ୍ରୀ

# ବେଙ୍ଗଲି ଆଉଟ୍‌ଫିଟ୍

ପାଖେଇ ଆସୁଛି ଶାରଦୀୟ ନବରାତ୍ରୀ। ଏଥିରେ ମହିଳାମାନେ ପୂଜାପାଠ ସହ ଧଳା ନାଲି ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ପାରମ୍ପରିକ ବେଙ୍ଗଲି ଲୁକ୍ ଚାହୁଁଥିଲେ ଏହି ଶାଢ଼ି ପିନ୍ଧିପାରିବେ।

**ବାଲୁଚରି ଶାଢ଼ି**

ରାଜକୀୟ ଲୁକ୍ ପସନ୍ଦ ଥିଲେ ବାଲୁଚରି ଶାଢ଼ି ପିନ୍ଧିପାରିବେ। ଏହା ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ।

**ଗରଦ**

ସିମ୍ପଲ ଡିଜାଇନ ପାଇଁ ଏହି ଶାଢ଼ି ବେଶ୍ ପରିଚିତ। ଉଜ୍ଜ୍ୱଳ ନାଲି ଧଡ଼ିକୁ ଅଫ୍ ହ୍ୱାଇଟ୍ ରଙ୍ଗ ଖୁବ୍ ଆକର୍ଷଣୀୟ ଦିଶିଥାଏ।

# ମହୁ, ବିଟ୍‌ରୁ କଳାଦାଗ ଦୂର

ନିଦ୍ରାଭାବ, ଅବସାଦ ଯୋଗୁ ଆଖି ତଳେ କଳା ଦାଗ ପଡ଼ିଯାଏ। ଏଥିପାଇଁ ଚେହେରା ଶୁଷ୍କ ଏବଂ ରୋଗୀଣା ଦେଖାଯାଏ। ସେହିପରି ଏହି ସମସ୍ୟା ଅଧିକ ବଢ଼ିଗଲେ ବ୍ୟକ୍ତିତ୍ୱ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ। ଏଥିଯୋଗୁ ଅନେକ ମହିଳା ଆତ୍ମବିଶ୍ୱାସ ହାରିଯାଆନ୍ତି। ତେବେ ବିଟ୍‌ରୁଟ୍ ପାଉଡର, ମହୁ ଏବଂ ମିଲ୍କ ପାଉଡର ମିଶାଇ ଏହାକୁ ଲଗାଇ ଦାଗ ଦୂର କରିପାରିବେ।

- ଏଥିପାଇଁ ଗୋଟିଏ ପାତ୍ରରେ ଅଧା ଚାମଚ ମହୁ, ଦୁଇ ଚାମଚ ବିଟ୍‌ରୁଟ୍ ପାଉଡର, ବାଦାମ ତେଲ ସମେତ ମିଲ୍କ ପାଉଡର୍ ମିଶାଇ ଭଲରେ ଘାଣ୍ଟି ଦିଅନ୍ତୁ। ଏହାର ଏକ ଗାଢ଼ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଆଖିତଳେ ଲଗାଇ ୧୦-୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ।
- ସେହିପରି ସ୍କ୍ରିନ୍ ଟାଇମ୍ ଅଧିକ ହେଲେ ଆଖି ଥକିଯିବା ସହ ଶୁଷ୍କତା ଆସିଯାଏ। ଏପରି ସ୍ଥଳେ ଆଖି ଉପରେ କୁଲିଂ ମାସ୍କ ଲଗାଇଲେ ଆଖି ସତେଜ ରହିଥାଏ। ଏହି ପ୍ୟାକ୍ ଆଖପାଖ ସ୍ଥାନରେ ସହଜରେ ଉପଲବ୍ଧ ଥାଏ।
- ତେବେ ଆଖି ତ୍ୱଚା ଖୁବ୍ ସମ୍ବେଦନଶୀଳ ହୋଇଥାଏ। ତେଣୁ ଏହାକୁ ଲଗାଇବା ପୂର୍ବରୁ ସାବଧାନତା ଅବଲମ୍ବନ କରିବା ଜରୁରି। ଏହା ଯେପରି ଆଖି ଭିତରକୁ ନଯାଏ ସେଥିପ୍ରତି ସତର୍କ ରୁହନ୍ତୁ।



# ଦାଣ୍ଡିଆ ନାଇଟ୍ ପାଇଁ ଲାଠି କିଣୁଥିଲେ



ନବରାତ୍ରୀକୁ ନେଇ ମହିଳାମାନେ ଉତ୍ସାହିତ ଥାନ୍ତି। ଏଥିପାଇଁ ପାରମ୍ପରିକ ଲେହେଙ୍ଗା ସହ ଦାଣ୍ଡିଆ କିଣନ୍ତି। ହେଲେ ଅନେକ ସମୟରେ ଭୁଲ୍ ଦାଣ୍ଡିଆ ଚୟନ ଦ୍ୱାରା ଖେଳିବା ସମୟରେ ଏହା ଭାଙ୍ଗିଯାଏ। ତେଣୁ ଲାଠି କିଣୁଥିଲେ କିଛିଟା ସତର୍କତା ଆପଣାନ୍ତୁ।

**କାଠର ଗୁଣବତ୍ତା ପରୀକ୍ଷା**

ଦାଣ୍ଡିଆ କିଣୁଥିଲେ ସାମାନ୍ୟ ମୋଟା ଦେଖି କିଣନ୍ତୁ। କାରଣ ହାଲୁକା ଦାଣ୍ଡିଆ ଶୀଘ୍ର ଭାଙ୍ଗିଯାଏ। ଏଥିପାଇଁ ଦାଣ୍ଡିଆକୁ ହାତରେ ନେଇ ସାମାନ୍ୟ ମୋଡ଼ି ପରୀକ୍ଷା କରନ୍ତୁ। କାଠ ନରମ ଥିଲେ ଏହାକୁ ନ କିଣିବା ଭଲ।

**ହାତର ସାଇଜ୍ ଅନୁଯାୟୀ ଦାଣ୍ଡିଆ**

ସର୍ବଦା ନିଜ ହାତର ସାଇଜ୍ ଅନୁସାରେ ଦାଣ୍ଡିଆ କିଣିବା ଭଲ। ଅଧିକ ବଡ଼ ଦାଣ୍ଡିଆ ଥିଲେ ଖେଳିବାରେ ଅସୁବିଧା ହୋଇଥାଏ। ଏଥିସହ ଛୋଟ ଦାଣ୍ଡିଆ ମଧ୍ୟ ହାତରୁ ଖସିଯାଏ। ତେଣୁ ହାତ ଅନୁଯାୟୀ ଦାଣ୍ଡିଆ ଚୟନ କରି ଆଣିବା ଭଲ। ୧୪ ରୁ ୧୬ ଇଞ୍ଚ ଭିତରେ ଦାଣ୍ଡିଆ ଭଲ ହୋଇଥାଏ।

# ଟାୟାର୍ ଡାକ୍ତରାଣୀ

**ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି। କଠିନ ପରିଶ୍ରମ, ସଂଘର୍ଷ କରି ନିଜ ପରିଚୟ ନିଜେ ସୃଷ୍ଟି କରୁଛନ୍ତି। ସେମିତି ଜଣେ ସାହସୀ ମହିଳା ହେଲେ ଉତ୍ତରାଖଣ୍ଡ ନୈନିତାଲର କମଳା ନେଗି। ଷାଠିଏ ବର୍ଷ ବୟସରେ ସେ ସାଇକଲ୍‌ଠୁ ନେଇ ଜେସିବି, ଡମ୍ପର ଭଳି ଭାରିଯାନଗୁଡ଼ିକର ଟାୟାର ପଞ୍ଚର ମରାମତି କାର୍ଯ୍ୟ କରୁଛନ୍ତି। ଏକ ଛୋଟ ଦୋକାନରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ସ୍ଥାନୀୟ ଅଞ୍ଚଳରେ ସେ ଟାୟାର୍ ଡାକ୍ତରାଣୀ ଏବଂ ମହିଳା ମେକାନିକ୍ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି।**



ରାମଗଡ଼ ଓଡ଼ାଖାନ ଅଞ୍ଚଳରେ କମଳା ଏହି ଦୋକାନଟିକୁ ଚଳାନ୍ତି। ଏଠାରେ ସାଇକଲ୍, ବାଇକ୍ କାରଠୁ ଆରମ୍ଭ କରି ଜେସିବି, ବସ୍, ଟ୍ରକ୍ ଭଳି ଭାରିଯାନର ଟାୟାର୍ ମରାମତି କରିଥାନ୍ତି। ୨୦୦୪ ମସିହାରୁ ସେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଏଥିପାଇଁ ଗ୍ୟାରେଜ୍ କିମ୍ବା ଦୋକାନରୁ କୌଣସି ପ୍ରଶିକ୍ଷଣ ନେଇ ନଥିଲେ। ପ୍ରଥମେ ସେ ସାଇକଲ ପଞ୍ଚର କରୁଥିଲେ। ଧୀରେ ଧୀରେ ନିଷ୍ଠା, କଠିନ ପରିଶ୍ରମ ଦ୍ୱାରା ବଡ଼ ବଡ଼ ଗାଡ଼ିର ମେକାନିକାଲ କାମ ଶିଖିଥିଲେ। ଯେ କୌଣସି ଗାଡ଼ିର ଟାୟାରଜନିତ ସମସ୍ୟାକୁ ସେ ଖୁବ୍ ସହଜରେ ସଠିକ୍ ଭାବେ ସମାଧାନ କରୁଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଶ୍ରଦ୍ଧାରେ ଟାୟାର ଡକ୍ଟର ଏବଂ ଆୟରନ୍ ଲେଡି ବୋଲି କହନ୍ତି।

କମଳାଙ୍କ ପାଇଁ ଏହି କାର୍ଯ୍ୟ ପ୍ରାରମ୍ଭରୁ ଏତେ ସହଜ ନଥିଲା। ସାଇକଲ ପଞ୍ଚର ଶିଖିବା ପରେ ସେ ଧୀରେ ଧୀରେ ଭାରିଯାନର ଟାୟାର କାମ ଶିଖିବା ଆରମ୍ଭ କରିଥିଲେ। କାମ ବଢ଼ିବା ସହ ଦାୟିତ୍ୱ ଏବଂ ପରିଶ୍ରମ ବୃଦ୍ଧି ହୋଇଥିଲା। ଭାରିଯାନର ଟାୟାର କାର୍ଯ୍ୟ କରିବା ଏତେ ସହଜ ନୁହେଁ। ଏଥିପାଇଁ ଅନୁଭବ ସହ ଧୈର୍ଯ୍ୟ ଏବଂ କୌଶଳ ଶିଖିବାକୁ ପଡ଼ିଥାଏ। କମଳା ସେସବୁକୁ ଭ୍ରୂକ୍ଷେପ ନ କରି ଆଗକୁ ବଢ଼ିଥିଲେ। ସେ କେବେ ହେଲେ ନିଜ କାର୍ଯ୍ୟକୁ ଛୋଟ ଭାବି ନ ଥିଲେ। ସାଇକଲ ପଞ୍ଚର ଦୋକାନରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ତାଙ୍କୁ ଏକ ନୂଆ ପରିଚୟ ଦେଇଛି।

ପଞ୍ଚର ତଥା ଗାଡ଼ି ମରାମତିକୁ ସମାଜରେ ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ। ତେଣୁ କମଳା ଟାୟାର ପଞ୍ଚର କାର୍ଯ୍ୟ କରିବାକୁ ନେଇ ଅନେକଙ୍କ ଠାରୁ ସମାଲୋଚିତ ହୋଇଥିଲେ। ଏପରି ସ୍ଥଳେ ତାଙ୍କ ପାଇଁ ଏହି ଯାତ୍ରା ଖୁବ୍ ସଂଘର୍ଷ ପୂର୍ଣ୍ଣ ଥିଲା। ଏହାସତ୍ତ୍ୱେ ସେ ନିରବ ରହି ଅନ୍ୟ କଥାକୁ ଭ୍ରୂକ୍ଷେପ ନ କରି ନିଜ କାର୍ଯ୍ୟରେ ମନୋନିବେଶ କରିଥିଲେ। ପୁରୁଷପ୍ରାଧାନ୍ୟ ଏହି ମେକାନିକ୍ ବ୍ୟବସାୟରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଧୀରେ ଧୀରେ ଲୋକ ତାଙ୍କ କାର୍ଯ୍ୟକୁ ପସନ୍ଦ କଲେ। ପୁରୁଷଙ୍କ ଭଳି ମହିଳାମାନେ ମେକାନିକ୍ କାର୍ଯ୍ୟ କରିବାରେ ସିଦ୍ଧହସ୍ତ ବୋଲି କମଳା ପ୍ରମାଣ କରିଛନ୍ତି। ତାଙ୍କ ଦୋକାନଠୁ ୨୫ କିଲୋମିଟର ଦୂରତା ଭିତରେ କୌଣସି ଗ୍ୟାରେଜ ନ ଥିବାରୁ କମଳାଙ୍କ ଦୋକାନ ଗାଡ଼ି ଚାଳକଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ।

# ଟମାଟୋ ତରକାରି

ମୋ ହାଣ୍ଡିଶାଳରୁ...

**ଆବଶ୍ୟକ ସାମଗ୍ରୀ**

ଟମାଟୋ – ୫୦୦ ଗ୍ରାମ୍, ଚିନାବାଦାମ – ଅଧା କପ୍, କଟା ପିଆଜ – ଅଧା କପ୍, ଅଦା – ଏକ ଇଞ୍ଚ, ରସୁଣ – ଦୁଇ ଚାରି କୋଲା, କଞ୍ଚା ଲଙ୍କା– ଗୋଟିଏ, ଜିରା ଗୁଣ୍ଡ- ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, ଗରମ ମସଲା ଗୁଣ୍ଡ – ଅଧା ଚାମଚ, ଧନିଆ ପତ୍ର – ଅଳ୍ପ, ଭୃସଙ୍ଗ ପତ୍ର – ଏକ ଡାଳ, ଜିରା - ଏକ ଚାମଚ, ଲୁଣ- ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଶିଳରେ ଚିନାବାଦାମ, ସେଉ, ଅଦା, ରସୁଣ, କଞ୍ଚାଲଙ୍କା, ଜିରାଗୁଣ୍ଡ, ହଳଦୀଗୁଣ୍ଡ, ଲଙ୍କା ଗୁଣ୍ଡ , ଗରମ ସମଲା , ଧନିଆ ପତ୍ର ସହ ଲୁଣ ଦେଇ ଚେଛି ପାତ୍ରରେ ରଖନ୍ତୁ। ଏହାପରେ ଟମାଟୋକୁ ମଝିରୁ ଚାରିଫାଳ କରି କାଟନ୍ତୁ। ଧ୍ୟାନ ଦେବେ ଟମାଟୋ ଯେପରି ପୁରା ନ କଟେ। ଏହାପରେ କଟା ଟମାଟୋ ମଧ୍ୟରେ ଛେଚି ରଖିଥିବା ଷ୍ଟଫିଂକୁ ଦିଅନ୍ତୁ। ଏହାପରେ କଡ଼େଇରେ ତାୱା ବସାଇ ସେଥିରେ ତେଲ ଦେଇ ଜିରା, ପିଆଜ ଏବଂ ଭୃସଙ୍ଗ ପତ୍ର ପକାନ୍ତୁ। ଏହାକୁ ଭାଜି ସେଥିରେ ଟମାଟୋକୁ ଦେଇ ସାମାନ୍ୟ ପାଣି ଦେଇ ଢାଙ୍କୁଣି ଘୋଡ଼ାନ୍ତୁ। ପାଞ୍ଚମିନିଟ୍ ପରେ ଢାଙ୍କୁଣି ଖୋଲି ଏହାକୁ ଏକ ପାତ୍ରକୁ କାଢ଼ନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଟମାଟୋ ତରକାରୀ' ।



# ଆର୍ଜେଣ୍ଟିନା ପାଇଁ ବିଦାୟୀ ମ୍ୟାଚ୍ ଖେଳିଲେ ମେସି



ମେସିଙ୍କ ବିଦାୟୀ ମ୍ୟାଚରେ ଭାବବିହ୍ୱଳ ଆର୍ଜେଣ୍ଟିନା ଖେଳାଳି



ଶେଷ ମ୍ୟାଚ୍ ଅବସରରେ ମେସି

ବୁଏନସ୍ ଆୟର୍ସ,୭ ।୧୦(ଏଜେନ୍ସି)

ଅନ୍ତର୍ଜାତୀୟ ଫୁଟବଲ୍‌ରେ ନିଜର ଶେଷ ମ୍ୟାଚ୍‌କୁ ସ୍ମରଣୀୟ କରିଛନ୍ତି ଆର୍ଜେଣ୍ଟିନାର ମହାନ ଫୁଟବଲର୍ ଲିଓନେଲ୍ ମେସି । ଗତକାଲି ଏଷ୍ଟାଡିଓ ମୋନୁମେଣ୍ଟାଲ୍ ଷ୍ଟାଡିୟମରେ ପଶ୍ଚିମ ଆଫ୍ରିକୀୟ ଦେଶ ବେନିନ୍ ବିପକ୍ଷ ଆର୍ଜେଣ୍ଟିନା ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲା । ଯାହା ଆର୍ଜେଣ୍ଟିନା ଜର୍ସିରେ ମେସିଙ୍କ ଲାଗି ଅନ୍ତିମ ମ୍ୟାଚ୍ ଥିଲା । ଏହି ମ୍ୟାଚରେ ଆର୍ଜେଣ୍ଟିନା ୩-୦ ଗୋଲ୍‌ରେ ବିଜୟୀ ହୋଇଥିଲା । ଯେଉଁଥିରେ ମେସି ୭୧ତମ ମିନିଟରେ ପେନାଲ୍ଟିରୁ ଗୋଲ୍ କରିଥିଲେ । ସେହିଭଳି ଦୁଇଟି ଗୋଲ୍‌ରେ ସହାୟତା କରି ନିଜର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପ୍ରଶଂସକମାନଙ୍କୁ ଆନନ୍ଦିତ କରିଥିଲେ । ଅନ୍ତର୍ଜାତୀୟ ଫୁଟବଲରେ ମେସିଙ୍କ ଏହା ୧୨୬ତମ ଗୋଲ୍ ଥିଲା । ମ୍ୟାଚ୍ ଶେଷ ହେବା ପରେ ଖେଳାଳିମାନେ ମେସିଙ୍କୁ ସମ୍ମାନ ଜଣାଇବା ପାଇଁ ହାତ ମିଳାଇ ପରସ୍ପରକୁ ଆଲିଙ୍ଗନ କରିଥିଲେ । ସେହି ସମୟରେ ମେସି ଭାବପ୍ରବଣ ହୋଇ କାନ୍ଦି ପକାଇଥିବା ଦେଖିବାକୁ ମିଳିଥିଲା । ମେସିଙ୍କୁ ପଡ଼ିଆରେ ଦେଖିବାକୁ ଆସିଥିବା ପ୍ରଶଂସକଙ୍କ ଆଖିରେ ମଧ ଲୁହ ଆସିଯାଇଥିଲା । ଏହି ମ୍ୟାଚ୍ ଏକ ଭାବପ୍ରବଣ ବିଦାୟରେ ପରିଣତ ହୋଇଥିଲା ।

ପ୍ରକାଶଯୋଗ୍ୟ ୩୯ ବର୍ଷୀୟ ମେସି ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲ୍‌ରେ ସ୍ପେନ୍‌ଠାରୁ ୦-୧ରେ ପରାଜୟର କିଛି ଦିନ ପରେ ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କରିଥିଲେ । ତେଣୁ ତାଙ୍କୁ ସ୍ୱତନ୍ତ୍ର ବିଦାୟ ଜଣାଇବା ଲାଗି ବେନିନ୍ ବିପକ୍ଷ ମ୍ୟାଚ୍ ଆୟୋଜନ କରାଯାଇଥିଲା । ମେସିଙ୍କ ସାଥୀ ଖେଳାଳି ନିକୋଲାସ୍ ଓଟାମେଣ୍ଡିଙ୍କର ମଧ ଏହା ଆର୍ଜେଣ୍ଟିନା ପାଇଁ ଶେଷ ମ୍ୟାଚ୍ ଥିଲା ।

### ୨୦୮ ମ୍ୟାଚ୍, ୧୨୬ ଗୋଲ୍

ମେସି ୨୦୦୫ରେ ମାତ୍ର ୧୮ ବର୍ଷ ବୟସରେ ହଙ୍ଗେରୀ ବିପକ୍ଷରେ ଖେଳି ଆର୍ଜେଣ୍ଟିନା ପାଇଁ ପଦାର୍ପଣ କରିଥିଲେ । କ୍ୟାରିୟରରେ ସେ ଆର୍ଜେଣ୍ଟିନା ପାଇଁ ୨୦୮ ଟି ମ୍ୟାଚ୍ ଖେଳି ୧୨୬ଟି ଗୋଲ୍ କରିଛନ୍ତି । ସେହିଭଳି ୬୯ଟି ଗୋଲରେ ସହାୟତା କରିଛନ୍ତି । ସେ ଖେଳିଥିବା ୨୦୮ଟି ମ୍ୟାଚରୁ ଆର୍ଜେଣ୍ଟିନା ୧୩୫ରେ ବିଜୟ ଓ ୩୦ ପରାଜୟ ଓ ୪୩ଟି ଡ୍ର ରଖିଛି । ଅନ୍ତର୍ଜାତୀୟ ପୁରୁଷ ଫୁଟବଲରେ ସର୍ବାଧିକ ଗୋଲ୍ ଦେବାରେ ଖ୍ରିଷ୍ଟିଆନୋ ରୋନାଲ୍ଡୋ (୧୪୬)ଙ୍କ ପରେ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ତାଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୨୦୨୨ ଫିଫା ବିଶ୍ୱକପରେ ଚାମ୍ପିଅନ ହୋଇଥିଲା । ସେହିଭଳି ୨୦୧୪ ଓ ୨୦୨୬ ବିଶ୍ୱକପ୍ ରନର୍ସଅପ୍ ଆର୍ଜେଣ୍ଟିନା ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ । ୨୦୧୪ ଓ ୨୦୨୨ ବିଶ୍ୱକପରେ ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ 'ଗୋଲ୍ଡେନ ବୁଟ୍' ବିଜୟୀ ହୋଇଥିଲେ । ଏହାବାଦ୍ ମେସି ଦୁଇଥର (୨୦୨୧ ଓ ୨୦୨୪)ରେ କୋପା ଆମେରିକା ଟ୍ରଫି ବିଜୟୀ ଆର୍ଜେଣ୍ଟିନା ଦଳରେ ମଧ ରହିଥିଲେ । ମେସି ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୬ଟି ଫିଫା ବିଶ୍ୱକପ୍ ଓ ୧୮୮ ଜଣ ଆର୍ଜେଣ୍ଟିନା ଖେଳାଳିଙ୍କ ସହ ଏକାଠି ଖେଳିଛନ୍ତି ।

■ ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍

## ଟପ୍-୧୦ରେ ଆୟର, ଅକ୍ଷର



ଦୁବାଇ, ୭ ।୧୦ (ଏଜେନ୍ସି): ଭାରତୀୟ ଦଳର ଅଧିନାୟକ ଶ୍ରେୟସ ଆୟର କ୍ୟାରିୟରର ପ୍ରଥମଥର ଲାଗି ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗର ଟପ୍-୧୦ରେ ପ୍ରବେଶ କରିଛନ୍ତି । ଗତକାଲି ୱେଷ୍ଟଇଣ୍ଡିଜ ବିପକ୍ଷରେ ଲକ୍ଷ୍ନୌ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଆୟର ୧୦୨ ରନର ଅପରାଜିତ ଶତକୀୟ ପାଳି ଖେଳି ଭାରତକୁ ୮ ୱିକେଟରେ ବିଜୟୀ କରାଇଥିଲେ । ଟି-୨୦ ଫର୍ମାଟରେ ଆୟରଙ୍କ ଏହା ପ୍ରଥମ ଶତକ ଥିଲା । ଏହି ଇନିଂସ ପରେ ଆୟରଙ୍କ ବ୍ୟାଟିଂ ମାନ୍ୟତାରେ ବଡ଼ ଉନ୍ନତି ଘଟିଥିଲା । ଆୟର ଏକାଥରକେ ୧୮ ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୭ ନମ୍ବର ସ୍ଥାନ ହାସଲ କରିଛନ୍ତି । ଫଳରେ ବର୍ତ୍ତମାନ ଟି-୨୦ ବ୍ୟାଟିଂ ତାଲିକାରେ ୪ଜଣ ବ୍ୟାଟର୍ ଟପ୍-୧୦ରେ ରହିଛନ୍ତି । ଇଶାନ କିଶାନ ପୂର୍ବଭଳି ଏକ ନମ୍ବର ସ୍ଥାନରେ ରହିଛନ୍ତି । ସେହିଭଳି ଅଭିଷେକ ଶର୍ମା ଓ ତିଲକ ବର୍ମା ଯଥାକ୍ରମେ ଦ୍ୱିତୀୟ ଓ ୧୦ମ ସ୍ଥାନ ଲାଭ କରିଛନ୍ତି । ୱେଷ୍ଟଇଣ୍ଡିଜର ଶିର୍ଫାନ ରଦରଫୋର୍ଡ ଏକାଥରକେ ୧୦ଟି ପାହାଚ ଉପରକୁ ଉଠି ୩୭ତମ ସ୍ଥାନରେ ପହଞ୍ଚିଛନ୍ତି । ଅପରପକ୍ଷରେ ବୋଲିଂ ତାଲିକାରେ ଅକ୍ଷର ପଟେଲଙ୍କ ମଧ ଆଖିଦୃଶିଆ ଉନ୍ନତି ଘଟିଛି । ଅକ୍ଷର ୨୪ରୁ ଏକାଥରରେ ୭ମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି । ଯଶପ୍ରୀତ୍ ବୁମରା ମଧ ୩ଟି ପାହାଚ ଉପରକୁ ଉଠି ୧୦ମ ସ୍ଥାନରେ ପହଞ୍ଚିଛନ୍ତି ।

## ଅବସର ନେଲେ ସ୍ପେନ୍ ଫୁଟବଲର ପେଡ୍ରୋ



ଚେନ୍ନାଇ, ୭ ।୧୦ (ଏଜେନ୍ସି): ଫୁଟବଲ୍ ଜଗତକୁ ବିଦାୟ ଜଣାଇଛନ୍ତି ବାର୍ସିଲୋନା ଓ ସ୍ପେନ୍‌ର ପୂର୍ବତନ ତାରକା ପେଡ୍ରୋ ରୋଡ୍ରିଗେଜ୍ । ୩୯ ବର୍ଷୀୟ ପେଡ୍ରୋ ବୁଧବାର ସାମାଜିକ ଗଣମାଧ୍ୟମରେ ଅବସର ଘୋଷଣା କରି ଦୀର୍ଘ ଓ ସଫଳ କ୍ୟାରିୟର୍‌ରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି । ପେଡ୍ରୋ କହିଛନ୍ତି, ଏବେ ତାଙ୍କ ପାଇଁ ଫୁଟବଲ୍‌ରୁ ଆଗକୁ ବଢ଼ି ଜୀବନର ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାର ସମୟ । ସେ ବାର୍ସିଲୋନା ପକ୍ଷରୁ ୨୦୧୧ ଓ ୨୦୧୫ରେ ଟ୍ରେବଲ୍ ବିଜୟୀ ଦଳର ସଦସ୍ୟ ଥିଲେ । ଲା ଲିଗା, ଚାମ୍ପିଅନ୍ସ ଲିଗ୍ ଓ କୋପା ଡେଲ୍ ରେ'ରେ ଦଳକୁ ସଫଳତା ଦେବାରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ୨୦୧୦ରେ ସ୍ପେନ୍ ପ୍ରଥମଥର ଫିଫା ବିଶ୍ୱକପ୍ ଜିତିବାବେଳେ ମଧ ପେଡ୍ରୋ ଦଳର ଅଂଶ ଥିଲେ । ୨୦୧୨ରେ ୟୁରୋପୀୟ ଚାମ୍ପିଅନ୍‌ସିପ୍ ମଧ ଜିତିଥିଲେ । ଚେଲ୍‌ସିରେ ଖେଳି ପ୍ରିମିୟର ଲିଗ୍ ଟାଇଟଲ୍ ହାସଲ କରିଥିବା ପେଡ୍ରୋଙ୍କ ଶେଷ ପାଞ୍ଚ ଋତୁ ଲାଜିଓରେ କଟିଥିଲା । କ୍ଲବ୍ ସ୍ତରରେ ସେ ୭୯୪ ମ୍ୟାଚ୍ ଖେଳି ୧୯୭ ଗୋଲ୍ କରିଥିଲେ । ସେହିଭଳି ସେ ସ୍ପେନ୍ ପାଇଁ ୬୫ ମ୍ୟାଚ୍‌ରେ ୧୭ ଗୋଲ୍ ଦେଇଛନ୍ତି ।

## ଆର୍କଟିକ ଓପନ୍ ବ୍ୟାଡ୍‌ମିଣ୍ଟନ: ବିପର୍ଯ୍ୟୟ ଘଟାଇଲେ ତନ୍‌ଭୀ

ହେଲସିଙ୍କି, ୭ ।୧୦ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନଭୀ ଶର୍ମା ଫିନଲାଣ୍ଡରେ ଚାଲିଥିବା ଆର୍କଟିକ୍ ଓପନ୍‌ରେ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି । ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ତନଭୀ ୨୧-୧୫, ୨୧-୧୭ ସିଧାସଳଖ ଗେମରେ ବିଶ୍ୱର ୧୮ ନମ୍ବର ମାନ୍ୟତା ଖେଳାଳି ତାଇୱାନର ଚିଉ ପିନ୍-ଚିଆନଙ୍କୁ ପରାସ୍ତ କରିଛନ୍ତି । ବିଶ୍ୱ ମାନ୍ୟତାର ୩୭ତମ ସ୍ଥାନରେ ଥିବା ତନଭୀ ବିଜୟ ସହ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ଅପରପକ୍ଷରେ ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ମଧ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ୩୧ ବର୍ଷୀୟା ସିନ୍ଧୁ ପ୍ରଥମ ରାଉଣ୍ଡ ମ୍ୟାଚରେ ୨୧-୧୮, ୨୧-୧୧ ଗେମରେ କାନାଡାର ୱେନ ୟୁଝାଙ୍ଗ'ଙ୍କୁ ପରାସ୍ତ କରିଥିଲେ । ଏହି ମ୍ୟାଚ ଜିତିବାକୁ ସିନ୍ଧୁଙ୍କୁ ମାତ୍ର ୨୮ ମିନିଟ ସମୟ ଲାଗିଥିଲା । ତେବେ ଅନ୍ୟ ଦୁଇ ଭାରତୀୟ ସଟଲର୍ ଉନ୍ନତି ହୁଡା ଓ ଅସ୍ମିତା ଚଲିହା ପ୍ରଥମ ରାଉଣ୍ଡରେ ପରାଜୟ ସହ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି ।

## ଆଜି ଭାରତ-ରୁଷିଆ ମହିଳା ଫୁଟବଲ୍ ମ୍ୟାଚ୍

କୋଲକାତା, ୭ ।୧୦ (ଏଜେନ୍ସି): ଭାରତ ଓ ରୁଷିଆ ସିନିଅର ମହିଳା ଫୁଟବଲ ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ ଗୁରୁବାର ଏଠାରେ ଖେଳାଯିବ । କିଶୋର ଭାରତୀ କ୍ରୀଡ଼ାଙ୍ଗନରେ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଭାରତ ଓ ରୁଷିଆ ମହିଳା ଫୁଟବଲ ଦଳ ମଧ୍ୟରେ ଏହା ତୃତୀୟ ମୁକାବିଲା ହେବ । ଏଥିପୂର୍ବରୁ ୨୦୨୧ ଓ ୨୦୨୫ରେ ଅନୁଷ୍ଠିତ ଦୁଇଟିଯାକ ମ୍ୟାଚକୁ ରୁଷିଆ ଯଥାକ୍ରମେ ୮-୦ ଓ ୨-୦ ଗୋଲ୍‌ରେ ବିଜୟୀ ହୋଇଥିଲା । ତେଣୁ ଭ୍ରମଣକାରୀ ଦଳ ଏହି ବିଜୟଧାରା ବଜାୟ ରଖି ଗୁରୁବାର ହ୍ୟାଟ୍ରିକ ଅର୍ଜନ ଲକ୍ଷ୍ୟରେ ରହିଛି । ଫିଫା ର୍‍ୟାଙ୍କିଙ୍ଗ ଉପରେ ନଜର ପକାଇଲେ ରୁଷିଆ ୨୭ତମ ଓ ଭାରତ ୬୯ତମ ସ୍ଥାନରେ ରହିଛି । ତେଣୁ ମାନ୍ୟତା ଓ ରେକର୍ଡ ଦୃଷ୍ଟିରୁ ରୁଷିଆର ପଲା ଭାରି ରହିଛି ।

## ପ୍ରମୋଦ, ଭବିନା ଭାରତର ଧ୍ୱଜା ବାହକ

ଏସିଆନ ପାରା ଗେମ୍ସ





ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ଏସିଆନ ଗେମ୍ସର ବିଂଶତମ ସଂସ୍କରଣ ସଫଳତାର ସହ ସମାପ୍ତ ହୋଇଯାଇଛି । ଏହି ସମାନ ଭେନ୍ୟୁରେ ଆସନ୍ତା ୧୮ ତାରିଖରୁ ଏସିଆନ ପାରା ଗେମ୍ସ ଆରମ୍ଭ ହେବ । ଏହି ସମ୍ମାନଜନକ ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ପାରାଅଲିମ୍ପିକ୍ ପଦକ ବିଜେତା ପ୍ରମୋଦ ଭଗତ ଏବଂ ଭବିନା ପଟେଲ ଭାରତୀୟ ଦଳର ଧ୍ୱଜାବାହକ ରହିବେ । ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି । ଏସିଆନ ପାରା ଗେମ୍ସ ଇତିହାସରେ ପ୍ରମୋଦ ଓ ଭବିନା ଭାରତର ସବୁଠୁ ସଫଳ କ୍ରୀଡ଼ାବିତ ରହିଛନ୍ତି । ଓଡ଼ିଶାର ପ୍ରମୋଦ ୨୦୧୪ରୁ ୨୦୨୩ ମଧ୍ୟରେ ଏସିଆନ ପାରା ଗେମ୍ସରେ ୬ଟି ପଦକ ଜିତି ଦେଶ ଓ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ସେହିଭଳି ଭବିନା ୨୦୧୮ ଓ ୨୦୨୩ ଏସିଆନ ପାରା ଗେମ୍ସରେ ଯଥାକ୍ରମେ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତିଛନ୍ତି । ପିସିଆଇ ପକ୍ଷରୁ ଭାରତୀୟ ପାରା ଆଥଲେଟ ଦଳକୁ ଗୁରୁବାର ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ବିଦାୟୀ ସମ୍ବର୍ଦ୍ଧନା ଦିଆଯିବ । ଉଲ୍ଲେଖଯୋଗ୍ୟ ୨୦୨୩ରେ ହାଙ୍ଗଝୋଉରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସରେ ଭାରତ ମୋଟ୍ ୧୧୧ଟି ପଦକ ବିଜୟୀ ହୋଇଥିଲା । ଯେଉଁଥିରେ ୨୯ଟି ସ୍ୱର୍ଣ୍ଣ, ୩୧ଟି ରୌପ୍ୟ ଓ ୫୧ଟି କାଂସ୍ୟ ପଦକ ରହିଥିଲା । ଓଭରଅଲ୍ ପଦକ ତାଲିକାରେ ଭାରତ ୫ମ ସ୍ଥାନରେ ରହିଥିଲା ।

## ବେଙ୍ଗଲ ରଣଜୀ ଦଳରେ ଭାଇଙ୍କ ସହ ସାମି ସାମିଲ

କୋଲକାତା, ୭ ।୧୦ (ଏଜେନ୍ସି): ରଣଜୀ ଟ୍ରଫିର ୯୨ତମ ସଂସ୍କରଣ ଅକ୍ଟୋବର ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ବୁଧବାର ବେଙ୍ଗଲ ଦଳ ଘୋଷଣା ହୋଇଛି । ଅଭିଜ୍ଞ ବ୍ୟାଟର୍ ଅଭିମନ୍ୟୁ ଈଶ୍ୱରନଙ୍କୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି । ଈଶ୍ୱରନଙ୍କ ନେତୃତ୍ୱରେ ବେଙ୍ଗଲ ଗତ ସିଜନରେ ସେମିଫାଇନାଲରେ ପ୍ରବେଶ କରିଥିଲା । ସେହିଭଳି ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ମଧ ଘୋଷିତ ଦଳରେ ସ୍ଥାନ ମିଳିଛି । ସାମି ଗତ ସଂସ୍କରଣରେ ୩୭ଟି ୱିକେଟ ନେଇ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ସାମିଙ୍କ ନିଜ ସାନ ଭାଇ ମହମ୍ମଦ କୈଫଙ୍କୁ ମଧ ଦଳରେ ସୁଯୋଗ ମିଳିଛି । ଅକ୍ଟୋବର ୧୧ରୁ ଦିଲ୍ଲୀ ବିପକ୍ଷରେ ଖେଳି ବେଙ୍ଗଲ ରଣଜୀ ଟ୍ରଫିର ୨୦୨୬-୨୭ ସିଜନ ଆରମ୍ଭ କରିବ । କଲ୍ୟାଣୀସ୍ଥିତ ବେଙ୍ଗଲ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ । **ଘୋଷିତ ବେଙ୍ଗଲ ଦଳ**: ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ସୁଦୀପ ଘରାମୀ (ଉପ-ଅଧିନାୟକ), ସୁଦୀପ ଚାଟାର୍ଜୀ, ଅଭିଷେକ ପୋରେଲ, ଶାକିର ଗାନ୍ଧୀ (ଉଭୟ ୱିକେଟକିପର), ଶୁଭମ ଚାଟାର୍ଜୀ, ମହମ୍ମଦ ସାମି, ଆକାଶଦୀପ୍, ମୁକେଶ କୁମାର, ସୁରଜ ଜୟସ୍ୱାଲ, ପ୍ରଦୀପ୍ତ ପାରମାଣିକ, ଆମିର ଗାନି, ମହମ୍ମଦ କୈଫ ଓ ସୌମ୍ୟଦୀପ୍ ମଣ୍ଡଳ ।

## ଭାରତ- ଅଷ୍ଟ୍ରେଲିଆ ମ୍ୟାଚ୍ ସମୟରେ ବୋମା ଧମକ

ଅହମଦାବାଦ,୭ ।୧୦(ଏଜେନ୍ସି): ଭାରତ-ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ମଧ୍ୟରେ ମ୍ୟାଚ୍ ଚାଲିଥିବାବେଳେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌କୁ ବୁଧବାର ବୋମା ଧମକ ମିଳିବାରୁ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା । ତେବେ ପରେ ପୁଲିସ ଏହି ଧମକକୁ ମିଛ ବୋଲି ସ୍ପଷ୍ଟ କରିଛି । ଷ୍ଟାଡିୟମ୍ ବ୍ୟତୀତ ଅହମଦାବାଦ ହାଇକୋର୍ଟ ଏବଂ ସହରର ଏକାଧିକ ସ୍କୁଲ ଓ କଲେଜକୁ ମଧ ପ୍ରାୟ ସକାଳ ୧୧ଟା ସମୟରେ ଇ-ମେଲ୍ ମାଧ୍ୟମରେ ବୋମା ଧମକ ଦିଆଯାଇଥିଲା । ଧମକପୂର୍ଣ୍ଣ ଇ-ମେଲ୍ ମିଳିବା ପରେ ଷ୍ଟାଡିୟମ୍‌ରେ ସାଇବର ସେଲ୍‌ର ଏକ ଟିମ୍ ପହଞ୍ଚି ତଦନ୍ତ କରିଥିଲା । ଗୁଜରାଟ କ୍ରିକେଟ୍ ସଂଘର ସମ୍ପାଦକ ଅନିଲ ପଟେଲ କହିଛନ୍ତି ଯେ ଇ-ମେଲ୍ ମିଳିବା ପରେ ତୁରନ୍ତ ସ୍ଥାନୀୟ ପୁଲିସକୁ ସୂଚନା ଦିଆଯାଇଥିଲା । ଆସନ୍ତା ନଭେମ୍ବର ୨୧ରେ ଷ୍ଟାଡିୟମ୍‌ରେ ହେବାକୁ ଥିବା ଦିଲଜିତ ଦୋସାଞ୍ଜଙ୍କ କାର୍ଯ୍ୟକ୍ରମକୁ ବାଧା ଦେବା ନେଇ ମଧ ଇ-ମେଲ୍‌ରେ ଧମକ ଥିଲା । ଧମକ ମିଳିବା ସମୟରେ ଉଭୟ ଦଳ ଷ୍ଟାଡିୟମ୍‌ରେ ଥିଲେ । ମ୍ୟାଚ୍ ପ୍ରାୟ ୧୧ଟା ୧୫ରେ ଶେଷ ହୋଇଥିଲା । ପରେ ନିରାପତ୍ତା ପ୍ରୋଟୋକଲ୍ ଅନୁଯାୟୀ ଦୁଇ ଦଳକୁ ଷ୍ଟାଡିୟମ୍‌ରୁ ବାହାର କରାଯାଇଥିଲା । ପୁଲିସ ଯାଞ୍ଚ ପରେ ଧମକଟି ମିଛ ବୋଲି ଜଣାପଡ଼ିଛି ।

### ଦ୍ୱିତୀୟ ୟୁଥ୍ ଟେଷ୍ଟରେ ତନ୍ମୟଙ୍କୁ ୧୪ ୱିକେଟ୍

## ଅଷ୍ଟ୍ରେଲିଆକୁ ହରାଇ ସିରିଜ କ୍ଲିନ୍‌ସୁଇପ୍ କଲା ଭାରତ



ଅହମ୍ମଦାବାଦ, ୭ ।୧୦ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଚାଲିଥିବା ଦ୍ୱିତୀୟ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ମ୍ୟାଚକୁ ଭାରତ ୧୦ ୱିକେଟରେ ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି । ଅଷ୍ଟ୍ରେଲିଆ ଯୁବ ଦଳ ପକ୍ଷରୁ ମାତ୍ର ୧୧ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହାକୁ ପିଛା କରିଥିବା ଘରୋଇ ଭାରତୀୟ ୟୁଥ୍ ଦଳ ବୁଧବାର ତୃତୀୟ ଦିବସରେ ମାତ୍ର ୫ଟି ବଲ୍ ଖେଳି କୌଣସି ୱିକେଟ ନ ହରାଇ ହାସଲ କରିନେଇଥିଲା । ବାମହାତୀ ସ୍ପିନର ତନ୍ମୟ ବାଲୋଦା ମ୍ୟାଚରେ ମୋଟ୍ ୧୪ଟି ୱିକେଟ ନେଇ ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୂର୍ବରୁ ପ୍ରଥମ ୟୁଥ୍ ଟେଷ୍ଟକୁ ଭାରତ ଏକ ପାଳି ଓ ୪୮ ରନରେ ବିଜୟୀ ହୋଇଥିଲା । ଫଳରେ ଯଶବର୍ଦ୍ଧନ ଚୌହାନଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏବେ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି । ପୂର୍ବରୁ ଦିନିକିଆ ସିରିଜକୁ ମଧ ଭାରତ ୩-୦ରେ ପୋଛିନେଇଥିଲା । ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଅଷ୍ଟ୍ରେଲିଆ ଦଳ ପ୍ରଥମ ପାଳିରେ ମାତ୍ର ୧୭୪ ରନରେ ସୀମିତ ରହିଥିଲା । ତନ୍ମୟ ୨୫ ଓଭର ବୋଲିଂ କରି ୧୧ଟି ମେଡେନ ସହ ୩୨ ରନ ବ୍ୟୟରେ ୬ଟି ୱିକେଟ ନେଇଥିଲେ । ଏହାପରେ ଭାରତ ପ୍ରଥମ ପାଳିରେ ୩୧୫ ରନ କରିଥିଲା । ୧୪୧ ରନରେ ପଛୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ମଧ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୧ ରନରେ ଅଲଆଉଟ୍ ହୋଇଥିଲା । ଏହି ପାଳିରେ ମଧ ତନ୍ମୟ ୮ ଟି ୱିକେଟ ନେଇଥିଲେ ।

### ଅଗରକରଙ୍କୁ ଗମ୍ଭୀରଙ୍କ ଭାବପ୍ରବଣ ବିଦାୟୀ ବାର୍ତ୍ତା

## 'ଇତିହାସ ସବୁବେଳେ ତୁମକୁ ମନେ ରଖିବ'



ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି)

ଭାରତୀୟ ସିନିଅର ଚୟନ କମିଟିର ଅଧକ୍ଷ ଭାବରେ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି । ଏହି ଅବସରରେ ଅଗରକରଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏକ ଭାବପ୍ରବଣ ବିଦାୟ ବାର୍ତ୍ତା ଲେଖିଛନ୍ତି । ଗମ୍ଭୀର ସାମାଜିକ ଗଣମାଧମ 'ଏକ୍ସ'ରେ ଅଗରକରଙ୍କ ସହିତ ଏକ ଫଟୋ ସେୟାର କରି ଲେଖିଛନ୍ତି ଯେ ପ୍ରିୟ ଅଜିତ ଭାଇ, ଆପଣଙ୍କ ସହିତ କାମ କରିବା ଏକ ବଡ଼ ସମ୍ମାନର କଥା । ସେହି ତିନୋଟି ଆଇସିସି ଟ୍ରଫି ଆପଣଙ୍କ ଦୃଢ଼ ବିଶ୍ୱାସର ପ୍ରମାଣ ଯେ ଦଳ ସର୍ବଦା ପ୍ରଥମ ଏବଂ ସର୍ବୋପରି ଆଗରେ ରହିଥାଏ । ମୁଁ କହିବାକୁ ଚାହୁଁଛି ଯେ ଇତିହାସ ସର୍ବଦା ଆପଣଙ୍କୁ ସକାରାତ୍ମକ ନଜରରେ ଦେଖିବ । ସବୁକିଛି ପାଇଁ ଧନ୍ୟବାଦ । ତୁମର ଭବିଷ୍ୟତର ସମସ୍ତ କାର୍ଯ୍ୟ ତଥା ପ୍ରୟାସ ପାଇଁ ମୋର ଆନ୍ତରିକ ଶୁଭକାମନା ।' ଉଲ୍ଲେଖଯୋଗ୍ୟ ଅଗରକରଙ୍କ କାର୍ଯ୍ୟକାଳ ସମୟରେ, ଦଳ ଚୟନକୁ ନେଇ ଏକାଧିକଥର ପ୍ରଶ୍ନ ଉଠିଥିଲା । ଏହି ପରିପ୍ରେକ୍ଷୀରେ, ଗମ୍ଭୀରଙ୍କ ବିଦାୟୀ ପୋଷ୍ଟରେ ଗୋଟିଏ ଧାଡ଼ି ସ୍ପଷ୍ଟ ଭାବରେ ଦେଖାଯାଇଛି । ଯାହା ସୂଚାଇ ଦେଉଛି ଯେ ଭବିଷ୍ୟତରେ ଯେତେବେଳେ ଅଗରକରଙ୍କ ବିଷୟରେ ଆଲୋଚନା କରାଯିବ, ତାଙ୍କୁ ସମ୍ମାନର ସହିତ ବ୍ୟବହାର କରାଯିବ ।

ବିସିସିଆଇର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ଚୟନ ବୈଠକରେ ଉପସ୍ଥିତ ରହିବେ ଲକ୍ଷ୍ମଣ



ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ଲାଗି ଦଳ ଚୟନ ଅବସରରେ ବିସିସିଆଇ ଚୟନ କମିଟିର ସଦସ୍ୟ

ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏକ ବଡ଼ ନିଷ୍ପତ୍ତି ନେଇଛି । ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ମୁଖ୍ୟ ଭିଭିଏସ ଲକ୍ଷ୍ମଣ ଏବେ ଟିମ୍ ଇଣ୍ଡିଆର ଚୟନ ବୈଠକରେ ଉପସ୍ଥିତ ରହିବେ । ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହା କହିଛନ୍ତି । ସାଇକିଆ କହିଛନ୍ତି ଯେ ସିଓଇ ମୁଖ୍ୟ ଲକ୍ଷ୍ମଣଙ୍କ ସିନିଅର ପୁରୁଷ ଜାତୀୟ ଚୟନ କମିଟି ବୈଠକରେ ଅଂଶଗ୍ରହଣ ଏବେ ସାଧାରଣ ହୋଇଯିବ । ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ଗତ ମାସରେ ମୁମ୍ବଇର ମୁଖ୍ୟାଳୟରେ ଅନୁଷ୍ଠିତ ଏକ ବ୍ୟାପକ ସମୀକ୍ଷା ବୈଠକ ସମୟରେ ନିଆଯାଇଥିଲା । ଦଳ ଚୟନ କରିବା ସମୟରେ ଚୟନକର୍ତ୍ତା ଏବଂ ସିଓଇ ମଧ୍ୟରେ କୌଣସି ଭୁଲ ବୁଝାମଣା ନ ହେବା ନିଶ୍ଚିତ କରିବା ପାଇଁ ଲକ୍ଷ୍ମଣ ଗତକାଲି ନ୍ୟୁଜିଲାଣ୍ଡ ଟି-୨୦ ସିରିଜ ଲାଗି ଅନୁଷ୍ଠିତ ଚୟନ ବୈଠକରେ ଉପସ୍ଥିତ ଥିଲେ । ସେ ବେଙ୍ଗାଲୁରୁରେ ବିସିସିଆଇ ସିଓଇରେ କ୍ରିକେଟ୍ ମୁଖ୍ୟ । ବର୍ତ୍ତମାନ ସିନିଅର ପୁରୁଷ ଦଳର ସମସ୍ତ ଚୟନ ବୈଠକରେ ସେ ଯୋଗଦେବେ । ଲକ୍ଷ୍ମଣ ପ୍ରତ୍ୟେକ ଖେଳାଳିଙ୍କ ଆଘାତ ବିଷୟରେ ସମ୍ପୂର୍ଣ୍ଣ ଅବଗତ । କୌଣସି ଭୁଲ ବୁଝାମଣା ଏଡ଼ାଇବା ପାଇଁ, ତାଙ୍କୁ ଏବେଠୁ ପ୍ରତ୍ୟେକ ଦଳ ଚୟନ ବୈଠକରେ ଯୋଗଦେବେ । ପ୍ରକାଶଯୋଗ୍ୟ, ସାମ୍ପ୍ରତିକ ସମୟରେ ଏକାଧିକ ଖେଳାଳିଙ୍କୁ ଦଳରେ ସାମିଲ ହେବାପରେ ସେମାନଙ୍କୁ ବାଦ ଦେବାକୁ ପଡିଥିଲା । କାରଣ ସେମାନେ ଗସ୍ତ ପୂର୍ବରୁ ସମ୍ପୂର୍ଣ୍ଣ ଫିଟ୍ ନଥିଲେ । ଏହାକୁ ଦୃଷ୍ଟିରେ ରଖି, ବିସିସିଆଇ ଏବେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY